


# ସୁଖମନୀ ସାହିବ ଜୀ

## Sukhmani sahib ji

### ଶିଖ୍ ଧର୍ମର ପଞ୍ଚମ ଗୁରୁ ଶ୍ରୀ ଗୁରୁ ଅର୍ଜୁନ୍ ଦେବଜୀଙ୍କ ରଚିତ ବାଣୀର

## ଓଡ଼ିଆ ଅନୁବାଦ

# ੴ

# ਸੁਖਮਨੀ ਸਾਹਿਬ ਜੀ

ଶିଖ୍ ଧର୍ମର ପଞ୍ଚମ ଗୁରୁ ଶ୍ରୀ ଗୁରୁ ଅର୍ଜୁନ୍ ଦେବ୍‌ଜୀ

କୃତ

# ସୁଖମନୀ ସାହିବ ଜୀ

(ସୁଖମଣି)

----: କବିତାରେ ଓଡ଼ିଆ ଅନୁବାଦ ବାଣୀ ସହିତ :----

ସର୍‌ଦାର୍ କିର୍‌ପାଲ୍ ସିଂଘ 'ଡାକୀଆ'

ଊର୍ଫ ହରିହର ଡାକୁଆ

ପୁରୁଣାପଡ଼ା, ଭବାନୀପାଟଣା-- ୭୬୬୦୦୧

ପୁସ୍ତକର ନାମ : - ସୁଖମନୀ ସାହିବ୍ ଜୀ

ଅନୁବାଦକ : - ସର୍‌ଦାର୍  କିର୍‌ପାଲ୍ ସିଂଘ 'ଡାକୀଆ'
ମୋ:--- ୯୪୩୭୨୨୪୯୫୮
ପୁରୁଣାପଡ଼ା, ଭବାନୀପାଟଣା-୭୬୬୦୦୧

ପ୍ରକାଶନ ବର୍ଷ :- ୦୫-୦୧-୨୦୧୮
(ଦଶମ-ଗୁରୁ ଶ୍ରୀ ଗୁରୁ ଗୋବିଂଦ୍ ସିଂଘ୍ ଜୀଙ୍କର ଜନ୍ମ-ଦିବସ )

ସ୍ଥାନ :- ଭବାନୀପାଟଣା

ମୁଦ୍ରକ :- ସର୍ଦାର୍ ସୁରିଂଦରଜୀତ୍ ସିଂଘ୍ ଭଂବରା - ସିଂଘ୍ କମ୍ପ୍ୟୁଟରସ୍ ,
ମୋ:- ୯୪୩୭୦୭୦୨୩୫
ଭବାନୀପାଟଣା- କଳାହାଣ୍ଡି

# -----:::: ପଞ୍ଚମ ନାନକ୍ ଗୁରୁ ଅର୍ଜୁନ୍‌ଦେବ୍‌ଜୀ ::::-----

## (ଶିଖ୍ ଧର୍ମର ପଞ୍ଚମ ଗୁରୁ)

ଶିଖ୍‌ଧର୍ମର ପଞ୍ଚମ ନାନକ ପଞ୍ଚମ ଗୁରୁ ଶ୍ରୀ ଅର୍ଜୁନ୍‌ଦେବ୍‌ଜୀଙ୍କ ଜନ୍ମ ୧୫୬୩ ଖ୍ରୀ: ଅପ୍ରେଲ୍ ୧୫ ତାରିଖରେ ଅମୃତସର୍ ଜିଲ୍ଲାର ତରନ୍‌ତାରନ ତହସିଲ୍‌ର ଗୋଇଂଦୱାଲ୍ ଗ୍ରାମରେ ହୋଇଥିଲା । ପିତା ୪ର୍ଥ ଗୁରୁ ଶ୍ରୀ ରାମ୍‌ଦାସ୍ ଜୀ ଓ ମାତା ୩ୟ ଗୁରୁ ଶ୍ରୀ ଅମରଦାସ୍ ଜୀଙ୍କ ସୁପୁତ୍ରୀ ବୀବୀ ଭାନୀଜୀ । ଅର୍ଜୁନ୍‌ଦେବ୍‌ଜୀ ବାଲ୍ୟକାଳରୁ ବାଣୀ ରଚନାରେ ଧୁରଂଧର ଥିଲେ ଏଣୁ ମାତାମହ ଗୁରୁ ଶ୍ରୀ ଅମରଦାସ୍ ଜୀ ଶ୍ରଦ୍ଧାରେ " ଦୌହିତ୍ର ବାଣୀ ବୌହିତ୍ର " ବୋଲି କହୁଥିଲେ । ଗୁରୁ ଶ୍ରୀ ଅମରଦାସ୍‌ଜୀଙ୍କ ପୂର୍ଣ୍ଣ ବିଶ୍ୱାସ ଥିଲା ତାଙ୍କ ଦୌହିତ୍ର ଅର୍ଜୁନଦେବ୍ ପରବର୍ତ୍ତୀ ସମୟରେ ଗୁରୁଗାଦି ଲାଭ କରିବେ , ତାହା ସତ୍ୟ ହୋଇଥିଲା ।

ସେ ସତ୍ତ୍ୱଗୁଣ ସମ୍ପନ୍ନ , ଆତ୍ମତତ୍ତ୍ୱବିତ୍ , ପୂର୍ଣ୍ଣଜ୍ଞାନୀ ଥିଲେ । ସେ ଜଲନ୍ଧର ଜିଲ୍ଲା ଫିଲ୍ଲୌର୍ ତହସିଲ୍‌ର 'ମୌ' ଗ୍ରାମ ନିବାସୀ ଶ୍ରୀ କ୍ରିଷନ୍ ଚନ୍ଦ୍ ଙ୍କ ସୁପୁତ୍ରୀ ବୀବୀ ଗଙ୍ଗାଜୀଙ୍କ ସହିତ ବିବାହ କରିଥିଲେ । ତାଙ୍କର ଏକମାତ୍ର ପୁତ୍ର ଶ୍ରୀ ହରିଗୋବିନ୍ଦ୍ ସାହିବ୍‌ଜୀ , ଯିଏକି ପରବର୍ତ୍ତୀ ସମୟରେ ଶିଖ୍‌ମାନଙ୍କର ଷଷ୍ଠ ଗୁରୁ ରୂପେ ଗାଦିନସୀନ ହୋଇଥିଲେ । ଗୁରୁ ଶ୍ରୀ ରାମ୍‌ଦାସ୍‌ଜୀଙ୍କ ନିକଟରେ ପୂର୍ବ ଗୁରୁ ଓ ଭକ୍ତମାନଙ୍କର ସଂଗୃହିତ ବାଣୀ ସମ୍ପଦ ରହିଥିଲା । ସେ ଶ୍ରୀ ଅର୍ଜୁନ୍‌ଦେବ୍‌ଜୀଙ୍କୁ ଗୁରୁଗାଦି ସହିତ ସେହି ଅମୂଲ୍ୟ ସମ୍ପଦ ମଧ୍ୟ ପ୍ରଦାନ କରିଥିଲେ ।

ଆଜିର ଅମୃତସର୍ ସେତେବେଳେ 'ଗୁରୁଙ୍କ ଚକ୍କ' ନାମରେ ପରିଚିତ ଥିଲା । ସେଠାରେ ଶ୍ରୀ ଗୁରୁ ଅର୍ଜୁନଦେବ୍‌ଜୀ ଅମୃତ ସରୋବର ଖନନ କାର୍ଯ୍ୟ ଶେଷ କଲେ । ଶିଷ୍ୟମାନଙ୍କୁ ନିଜ ରୋଜଗାରର ଦଶାଂଶ ଧର୍ମ-କାର୍ଯ୍ୟ ନିମନ୍ତେ ଦାନ କରିବାକୁ ପ୍ରେରିତ କଲେ । ଏହାକୁ ଦଶବନ୍ଧ କୁହାଗଲା । ୧୫୮୮ ମସିହାରେ ସଙ୍ଗତର 'କାରସେବା' ଓ ଦଶବନ୍ଧ ଅର୍ଥ ଖର୍ଚ୍ଚରେ ସରୋବର କାର୍ଯ୍ୟ ପୂର୍ଣ୍ଣ ହେଲା । ସେ ଏହାର ନାମ 'ଶ୍ରୀ ଅମୃତସର' ରଖିଲେ । ସରୋବରର ମଧ୍ୟଭାଗରେ ସେ 'ହରିମନ୍ଦିର ସାହିବ'ର ମୂଳଦୂଆ ପକାଇବାକୁ ସ୍ଥିର କଲେ । ମୁସଲ୍‌ମାନ୍ ଶ୍ରଦ୍ଧାଳୁ ସାଇଁ **ମୀଆଁମୀର**ଙ୍କ କରକମଳରେ ଉକ୍ତ ହରିମନ୍ଦିର ସାହିବଜୀର ମୂଳଭିତ୍ତି ସ୍ଥାପନ

କରାଯାଇଥିଲା । ଏହାଥିଲା ଗୁରୁ ଅର୍ଜୁନ୍‌ଦେବ୍‌ଜୀଙ୍କ ମହାନୁଭବତା ।

ଗୁରୁ ନାନକ୍‌ଦେବ୍‌ଜୀ , ଗୁରୁ ଅଙ୍ଗଦ୍‌ଦେବ୍‌ଜୀ , ଗୁରୁ ଅମର୍‌ଦାସ୍‌ଜୀ , ଗୁରୁ ରାମ୍‌ଦାସ୍‌ଜୀଙ୍କ ଲିଖିତ ବାଣୀ , ଭକ୍ତମାନଙ୍କ ସଂଗୃହିତ ବାଣୀ ଓ ନିଜ ଲିଖିତ ବାଣୀ ଗୁଡ଼ିକର ସମ୍ପାଦନା କରି ଶିଖ୍‌ଧର୍ମର ଧର୍ମଗ୍ରନ୍ଥ **'ଆଦି ଶ୍ରୀ ଗ୍ରନ୍ଥ ସାହିବଜୀ'**ର ରଚନା କଲେ , ଗୁରୁ ଅର୍ଜୁନଦେବଜୀ । ସମ୍ପାଦନା ଓ ପାଣ୍ଡୁଲିପି ପ୍ରସ୍ତୁତିରେ ଭାଇ ଗୁରୁଦାସ୍ ଜୀ ସେବା ପ୍ରଦାନ କରିଥିଲେ । 'ଆଦି ଗ୍ରନ୍ଥ ସାହିବଜୀ'ଙ୍କ ପ୍ରଥମ ସ୍ୱରୁପ ପ୍ରସ୍ତୁତ ହେବା ପରେ ତାହାଙ୍କୁ ହରିମନ୍ଦିର ସାହିବଜୀ ଠାରେ ୧୬୦୪ ଖ୍ରୀ: ରେ ପ୍ରକାଶିତ କରାଯାଇଥିଲା । 'ବାବା ବୁଢା ଜୀ' ପ୍ରଥମ ଗ୍ରନ୍ଥୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ଗୁରୁ ଶ୍ରୀ ଅର୍ଜୁନ୍‌ଦେବ୍‌ଜୀଙ୍କ ସର୍ବାଧିକ ବାଣୀ ଏଥିରେ ସଂଯୋଜିତ ହୋଇଛି । ତାଙ୍କ ବାଣୀ ଗୁଡ଼ିକ ମଧ୍ୟରେ **'ସୁଖମନୀ ସାହିବ'** ଗୋଟିଏ ମୁଖ୍ୟବାଣୀ ।

ଶିଖ୍‌ଧର୍ମର ପ୍ରଚାର ପ୍ରସାରରେ ହିନ୍ଦୁ ଓ ମୁସଲ୍‌ମାନ୍ ମାନେ ବହୁତ ପ୍ରଭାବିତ ହୋଇଥିଲେ । ଅନେକ ଲୋକ ଶିଖ୍ ହୋଇଥିଲେ , ଏହା ତାଙ୍କ ପୁରୋହିତମାନଙ୍କୁ ବିଶେଷ କଷ୍ଟ ଦେଲା । ସେମାନେ ଗୁରୁ ଅର୍ଜୁନ୍‌ଦେବ୍‌ଜୀଙ୍କ ବିରୁଦ୍ଧରେ ମୋଗଲ ବାଦ୍‌ଶାହ୍ ଜାହାଙ୍ଗୀର୍‌ଙ୍କ ନିକଟରେ ଅଭିଯୋଗ ଆଣିଲେ । ଗୁରୁ ଅର୍ଜୁନ୍‌ଦେବ୍‌ଜୀଙ୍କୁ ନିଜ ଧର୍ମ ତ୍ୟାଗ କରି ମୁସଲ୍‌ମାନ୍ ହୋଇଯିବା ପାଇଁ ଆଦେଶ ଦିଆଗଲା । ତାହାକୁ ସ୍ୱୀକାର ନକରିବାରୁ ୩୦ ମଇ ୧୬୦୬ ମସିହାରେ ତାଙ୍କୁ ଅସହ୍ୟ ଯନ୍ତ୍ରଣା ଦେଇ ସହିଦ କରି ଦିଆଗଲା । ସହିଦ ହେବାକୁ ହିଁ ହେବ , ସେ ତାହା ଜାଣି ପାରିଥିଲେ ଏଣୁ ପୁତ୍ର ହରିଗୋବିନ୍ଦ୍ ଙ୍କୁ ପୂର୍ବରୁ ଗୁରୁ-ଗାଦି ପ୍ରଦାନ କରି ସାରିଥିଲେ ।

ପରବର୍ତ୍ତୀ ସମୟରେ ନବମ ଗୁରୁ ଶ୍ରୀ ତେଗ୍‌ବାହାଦୁର୍‌ଜୀଙ୍କ ରଚିତ ବାଣୀ ଗୁଡ଼ିକୁ ଗୁରୁ ଗୋବିନ୍ଦ ସିଂଘ୍ ଜୀ ଗ୍ରନ୍ଥ ସାହିବରେ ସଂଯୋଜିତ କରାଇଲେ , ସେବଠାରୁ ଶିଖ୍‌ଧର୍ମରେ କୌଣସି ଦେହଧାରୀ ମଣିଷକୁ ଗୁରୁ ଭାବେ ଗ୍ରହଣ ନକରି ଗ୍ରନ୍ଥ ସାହିବଜୀଙ୍କୁ **'ଆଦି ଶ୍ରୀ ଗୁରୁ ଗ୍ରନ୍ଥ ସାହିବଜୀ'** ନାମରେ ସଂବୋଧନ କରି ଦଶଗୁରୁଙ୍କ ଜ୍ୟୋତି ସ୍ୱରୁପ ମାନି ଶ୍ରଦ୍ଧା ଜ୍ଞାପନ କରାଯାଉଛି । -----((((()))))-----

--- : ଅନୁବାଦକଙ୍କ ଦିପଦ :---

ପ୍ରିୟ ପାଠକ ବନ୍ଧୁ,

ୱାହିଗୁରୁ ଜୀ କା ଖାଲ୍‌ସା , ୱାହିଗୁରୁ ଜୀ କୀ ଫତେହ୍ ।

ଦାସ ସର୍‌ଦାର୍ କିର୍‌ପାଲ୍ ସିଂଘ୍ 'ଡାକୀଆ' ଉର୍ଫ ହରିହର 'ଡାକୁଆ' ଜଣେ ଓଡ଼ିଆ ଶିଖ୍ । ଓଡ଼ିଆ ଭାଷାଭାଷୀ ଭାଇ ଭଉଣୀଙ୍କ ପାଇଁ ଶିଖ୍ ଧର୍ମର ଧର୍ମଗ୍ରନ୍ଥ ଆଦି ଶ୍ରୀ ଗୁରୁ ଗ୍ରନ୍ଥ ସାହିବ ଜୀର ୧)- ଜପୁଜୀ ସାହିବ ଜୀ , ୨)-ଆନନ୍ଦ ସାହିବ ଜୀ , ୩)- ସୁଖମନୀ ସାହିବ ଜୀ , ଓ ୪)- ସଲୋକ ମହଲା ନୌୱାଁକୁ ଓଡ଼ିଆ ଭାଷାରେ ଦାସ ଅନୁବାଦ କରିଛି । ଏଥି ନିମନ୍ତେ ପରମପିତା ପରମେଶ୍ୱର ୱାହିଗୁରୁ ଦାସ ଉପରେ ଅସୀମ କୃପା ବର୍ଷଣ କରିଥିବା ଦାସ ଅନୁଭବ କରିଛି ।

**'ଶ୍ରୀ ଗୁରୁ ଗ୍ରନ୍ଥ ସାହିବ ଜୀ'** ଗୁରୁମୁଖୀ ଲିପିରେ ଲିଖିତ । ଏହି ଗ୍ରନ୍ଥରେ ୬ ଜଣ ଶିଖ୍ ଗୁରୁ , ବିଭିନ୍ନ ପ୍ରାନ୍ତର ୧୫ ଜଣ ଭକ୍ତ, ୧୧ ଜଣ ଭାଟ୍ ଓ ୪ ଜଣ ଶିଷ୍ୟଙ୍କର ବାଣୀ ବିଭିନ୍ନ ଭାଷା ଓ ବିଭିନ୍ନ ରାଗ ରାଗିଣୀରେ ଲିପିବଦ୍ଧ ହୋଇଛି ।

୧)-- ୬ ଜଣ ଗୁରୁ- ଶ୍ରୀ ଗୁରୁ ନାନକ୍ ଦେୱ୍ ଜୀ, ଶ୍ରୀ ଗୁରୁ ଅମର୍‌ଦାସ୍ ଜୀ , ଶ୍ରୀ ଗୁରୁ ରାମ୍‌ଦାସ୍ ଜୀ , ଶ୍ରୀ ଗୁରୁ ଅର୍ଜୁନ୍ ଦେୱ୍ ଜୀ , ଶ୍ରୀ ଗୁରୁ ତେଗ୍ ବାହାଦୁର୍ ଜୀ ।

୨)-- ୧୫ ଜଣ ଭକ୍ତ- କବୀର୍ ଜୀ, ନାମ୍‌ଦେୱ୍ ଜୀ , ରୱିଦାସ୍ ଜୀ , ତ୍ରିଲୋଚନ୍ ଜୀ , ଫରୀଦ୍ ଜୀ , ବୈଣୀ ଜୀ , ଧନ୍ନା ଜୀ , ଜୈଦେୱ୍ ଜୀ , ଭୀଖଣ୍ ଜୀ , ସୁରଦାସ୍ ଜୀ , ପରମାନନ୍ଦ୍ ଜୀ , ସୈଣ୍ ଜୀ , ପୀପା ଜୀ , ସଧନା ଜୀ , ରାମାନନ୍ଦ୍ ଜୀ ଆଦି ବିଭିନ୍ନ ପ୍ରାନ୍ତର ଭକ୍ତ ମାନଙ୍କର ବାଣୀ ଶାମିଲ କରା ଯାଇଛି ।

୩)-- ୧୧ ଜଣ ଭାଟ୍ - କଲ୍ଲସହାର୍ , ଜାଲପ୍ ,କୀରତ୍ ,ଭିକ୍‌ଖା , ସଲ୍‌ହ , ଭଲ୍‌ହ , ନଲ୍‌ହ , ବଲ୍‌ହ , ମଥୁରା , ଗୟନ୍ଦ୍ , ହରିବଂସ୍ ।

୪) -- ୪ ଜଣ ଶିଷ୍ୟ - ଭାଇ ମରଦାନା ଜୀ , ବାବା ସୁଂଦର ଜୀ , ଭାଇ

ସତ୍ତା ଜୀ ଓ ଭାଇ ବଲୱଂଡ୍ ଜୀ ।

୫)-- ରାଗ -- ୩୧ ରାଗ , ରାଗିଣୀ

୬)-- ଭାଷା-- ବହୁ ଭାଷା , ପୂରା ବିଶ୍ୱରେ ଏ ଗୋଟିଏ ଗ୍ରନ୍ଥ ଯେଉଁଟା କି ଏତିକି ଭାଷାରେ ରଚିତ ହୋଇଅଛି । ଅରବୀ , ଫାରସୀ , ଉର୍ଦ୍ଦୁ , ସିନ୍ଧୀ , ସଂସ୍କୃତ ( ତତ୍ସମ ଓ ତଦ୍ଭବ) , ସାଧୁକ୍କଡ଼ୀ (ବ୍ରଜ ଭାଷା ) , ଗୁଜରାତୀ , ରାଜସ୍ଥାନୀ , ମରାଠୀ , ଓଡ଼ିଆ , ବଂଗାଲୀ , ଅୱଧୀ , ଆଓରି ଅନେକ କେତୋଟି ଭାଷା ଯାହା ମୁଁ କହି ପାରୁ ନାହିଁ । ଗୁରୁ ନାନକ୍ ଦେଓ୍ ଜୀ ଯେଉଁ ଯେଉଁ ପ୍ରାନ୍ତକୁ ଭ୍ରମଣ କରିଛନ୍ତି , ସେ ପ୍ରାନ୍ତର ଭାଷା ମଧ୍ୟ ମିଶାଇ ଲେଖିଛନ୍ତି । ଏତିକି ଭାଷାରେ ଲିଖିତ ଗ୍ରନ୍ଥର ଅନୁବାଦ କରିବାଟା ସହଜ ନୁହେଁ । ଏତେ ଗୁଡ଼ିଏ ଭାଷାରେ ରଚିତ ବାଣୀ ଓ ଭାବର ଉଚିତ ନିର୍ବହନ ପୂର୍ବକ ଅନୁବାଦ କାର୍ଯ୍ୟ ସରଳ ନ ଥିଲା । ଦଶମ ଗୁରୁ ଶ୍ରୀ ଗୁରୁ ଗୋବିନ୍ଦ୍ ସିଂଘ୍ ଜୀ **ଖାଲ୍ସା ପନ୍ଥ**ର ସୃଜନ ସମୟରେ ଶିଖ୍ ମାନଙ୍କର ପରୀକ୍ଷା ନେଇ ଯେଉଁ ପାଞ୍ଚ ଜଣ **(ଭାଈ ଦୟା ସିଂଘ୍ ଜୀ , ଭାଈ ଧରମ୍ ସିଂଘ୍ ଜୀ , ଭାଈ ହିମ୍ମତ୍ ସିଂଘ୍ ଜୀ , ଭାଈ ମୁହକମ୍ ସିଂଘ୍ ଜୀ , ଭାଈ ସାହିବ୍ ସିଂଘ୍ ଜୀ**) ଙ୍କୁ ପଞ୍ଚ ପ୍ୟାରେ ପଦବୀ ପ୍ରଦାନ କରି ଥିଲେ , ସେମାନଙ୍କର ମଧ୍ୟରୁ ଜଣେ ଭାଗ୍ୟବାନ ଥିଲେ ଓଡ଼ିଆ ଯୁବକ , ପୁରୀ ନିବାସୀ " ହିମ୍ମତ୍ ରାୟ " । ଅମୃତ ପାନ କଲା ପରେ ତାଙ୍କର ନାମ " **ହିମ୍ମତ୍ ସିଂଘ୍** " ରଖା ଗଲା । ଏହାକୁ ଦୃଷ୍ଟିରେ ରଖି କେହିହେଲେ ଜଣେ ଉତ୍କଳୀୟ ଶିଖ୍ ଶିଖ୍ଧର୍ମର ପ୍ରଚାର ପ୍ରସାର ନିମନ୍ତେ ଚେଷ୍ଟିତ ହୋଇ ଥାଆନ୍ତା । ତେଣୁ ଏହି ଦାସ ଦ୍ୱାରା କରା ଯାଇଥିବା କିଞ୍ଚିତ ପ୍ରଚେଷ୍ଟା ବୃଥା ହେବ ନାହିଁ । ଏହି କାର୍ଯ୍ୟ ଆହୁରି ଆଗକୁ ବଢ଼ିବ , ଦାସ ଏହି ଆଶା ରଖିଚି ।

ମୂଳବାଣୀକୁ ସର୍ଦାର୍ ସୁରିଂଦରଜୀତ୍ ସିଂଘ୍ 'ଭଂବରା' ମୂଳ ଗୁରମୁଖୀରୁ ଓଡ଼ିଆ ଲିପିକୁ ଲିପ୍ୟନ୍ତର କରିଛନ୍ତି । ଯେଉଁ ମାନେ ନିୟମିତ ମୂଳବାଣୀକୁ ପାଠ କରିବାକୁ ଚାହାନ୍ତି ସେମାନେ କିଞ୍ଚିତ ସାବଧାନତା ଅବଲମ୍ବନ କରିବାକୁ ଅନୁରୋଧ ।

ଗୁରମୁଖୀ ଲିପି ଦୃଷ୍ଟିରୁ ----

ଅ , ଆ, ଇ , ଈ , ଉ , ଊ , ଏ , ଐ , ଓ , ଔ - ଏ ଗୁଡ଼ିକ ସ୍ୱର ବର୍ଣ୍ଣ , ଅନ୍ୟ ଅକ୍ଷର ଗୁଡ଼ିକ ବ୍ୟଞ୍ଜନ ବର୍ଣ୍ଣ । ଯଥା :-

କ ଖ ଗ ଘ ଙ

ଚ ଛ ଜ ଝ ଞ

ଟ ଠ ଡ ଢ ଣ

ତ ଥ ଦ ଧ ନ

ପ ଫ ବ ଭ ମ -- ଏ ଗୁଡ଼ିକ ବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ ।

ଯ ର ଲ ୱ ଡ଼ --ଏ ଗୁଡ଼ିକ ଅବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ ।

ସ୍ୱର ବର୍ଣ୍ଣ ଗୁଡ଼ିକ ମଧ୍ୟରୁ ଅ, (ହ୍ରସ୍ୱ) ଇ , ଓ (ହ୍ରସ୍ୱ) ଉ ଲଘୁ ସ୍ୱର ବର୍ଣ୍ଣ ।

ଏ ଗୁଡ଼ିକର ଉଚ୍ଚାରଣ ଲଘୁଭାବରେ ଉଚ୍ଚାରିତ ହୁଏ । ସମସ୍ତ ସ୍ୱରବର୍ଣ୍ଣକୁ ଲଗା, ମାତ୍ରା ଭାବରେ , ବ୍ୟଞ୍ଜନ ବର୍ଣ୍ଣ ଗୁଡ଼ିକରେ ଲଗା ଯାଇ ବ୍ୟବହାର କରାଯାଏ ଓ ଉଚ୍ଚାରଣ କରାଯାଏ । ହ୍ରସ୍ୱ ସ୍ୱର ବର୍ଣ୍ଣ ଲାଗିଥିବା ବ୍ୟଞ୍ଜନ ବର୍ଣ୍ଣ ଗୁଡ଼ିକ ସମୟ ଦୃଷ୍ଟିରୁ କମ ସମୟ ପାଇଁ ବା ଲଘୁ ଉଚ୍ଚାରଣ ଓ ଦୀର୍ଘ ସ୍ୱର ଲଗାମାତ୍ରା ଲାଗିଥିବା ବ୍ୟଞ୍ଜନ ବର୍ଣ୍ଣ ଗୁଡ଼ିକ ସମୟ ଦୃଷ୍ଟିରୁ ଦୀର୍ଘ ସମୟ ପାଇଁ ବା ଦୀର୍ଘ ଉଚ୍ଚାରଣ କରାଯାଏ ।

୧)-- ମୂଳପାଠ ଗୁଡ଼ିକୁ ଉଚ୍ଚାରଣ କଲାବେଳେ ଶବ୍ଦର ଶେଷ ବ୍ୟଞ୍ଜନ ଅକ୍ଷର ଯଦି ଅକାରାନ୍ତ ହୋଇଥାଏ ତେବେ ତାହା ହସନ୍ତଯୁକ୍ତ କରି ଉଚ୍ଚାରଣ କରିବେ ।

ଯଥା : --- ଶବ୍ଦ ଉଚ୍ଚାରଣ

ନାନକ --- କ ----କ୍ ( ନାନକ୍ )

ଲଖ --- ଖ ----ଖ୍ ( ଲଖ୍ )

ଚୁପ --- ପ ---- ପ୍ (ଚୁପ୍ )

ତାର --- ର ---- ର୍ (ତାର୍ )

୨)-- ଶବ୍ଦର ଶେଷ ବ୍ୟଞ୍ଜନ ଅକ୍ଷରରେ ଯଦି ହ୍ରସ୍ୱ ଇ କାର ଲାଗିଥାଏ ତେବେ (ହ୍ରସ୍ୱ) ଇକାରକୁ ବାଦ୍ ଦେଇ ହସନ୍ତ ଲଗାଇ ଉଚ୍ଚାରଣ କରିବେ ।

ଯଥା --- ଶବ୍ଦ ଉଚ୍ଚାରଣ

ମୂରତି --- ତି ---- ତ୍ ( ମୂରତ୍ )

ପ୍ରସାଦି --- ଦି ---- ଦ୍ ( ପ୍ରସାଦ୍ )

ସୋଚି --- ଚି ---- ଚ୍ ( ସୋଚ୍ )

ନାଲି --- ଲି ---- ଲ୍ ( ନାଲ୍ )

ଘସି --- ସି ---- ସ୍ ( ଘସ୍ )

ହରି --- ରି ---- ର୍ ( ହର୍ )

ହୁକମି --- ମି ---- ମ୍ ( ହୁକମ୍ )

୩)--- ଶବ୍ଦର ଶେଷରେ ବ୍ୟଞ୍ଜନ ବର୍ଣ୍ଣ ଥିଲେ ଓ ସେଥିରେ ହ୍ରସ୍ୱ ଉ କାର ମାତ୍ରା ଲାଗିଥିଲେ , ହ୍ରସ୍ୱ ଉକାରକୁ ଛାଡ଼ି ଦେଇ ସେଥିରେ ହସନ୍ତ ଲଗାଇ ପାଠ କରିବେ ।

ଯଥା --- ଶବ୍ଦ ଉଚ୍ଚାରଣ

ମୋହୁ --- ହୁ ----ହ୍ ( ମୋହ୍ )

ସଚୁ --- ଚୁ ----ଚ୍ ( ସଚ୍ )

ହୁକମୁ --- ମୁ ---- ମ୍ ( ହୁକମ୍ )

ମସୁ --- ସୁ ---- ସ୍ ( ମସ୍ )

କାଗଦୁ --- ଦୁ ---- ଦ୍ ( କାଗଦ୍ )

ସାରୁ --- ରୁ ---- ର୍ ( ସାର୍ )

ଏହୁ --- ହୁ ---- ହ୍ ( ଏହ୍ )

୪)--- ଶେଷ ବର୍ଣ୍ଣଟି ହ୍ରସ୍ୱ 'ଇ' ହୋଇଥିଲେ 'ଇ' ବଦଳରେ ଲଘୁ 'ଏ' ଉଚ୍ଚାରଣ କରନ୍ତୁ ।

ଯଥା --- ଶବ୍ଦ ଉଚ୍ଚାରଣ

କୋଇ --- ଇ --- ଏ ( କୋଏ )

ନାଇ --- ଇ ---- ଏ ( ନାଏ )

୫)--- ଶେଷ ବର୍ଣ୍ଣଟି ହ୍ରସ୍ୱ 'ଉ' ହୋଇଥିଲେ 'ଉ' ବଦଲରେ 'ଓ' ଉଚ୍ଚାରଣ କରନ୍ତୁ ।

ଯଥା --- ଶବ୍ଦ ଉଚ୍ଚାରଣ

ନାଉ --- ଉ ---- ଓ ( ନାଓ )

ଭାଉ --- ଉ ---- ଓ ( ଭାଓ )

ଦରିଆଉ --- ଉ ---- ଓ ( ଦରିଆଓ )

ତାଉ --- ଉ ---- ଓ ( ତାଓ )

ମୂଳପାଠକୁ କିଛି ଦିନ ଏ ଭଳି ପଢ଼ିବାକୁ ଚେଷ୍ଟା କରନ୍ତୁ ଅଥବା କୌଣସି ଜ୍ଞାନୀ କିମ୍ବା ପାଠୀଙ୍କ ଠାରୁ ଉପଦେଶ ପ୍ରାପ୍ତ କରନ୍ତୁ । ଆପଣଙ୍କ ମୂଳପାଠ ଉଚ୍ଚାରଣ ଶୁଦ୍ଧ ହୋଇ ଯିବ ।

ମୂଳବାଣୀକୁ ଓଡ଼ିଆ ଭାଷାରେ ଅନୁବାଦ କଲା ବେଳେ ସ୍ୱର୍ଗତ ସର୍‌ଦାର୍ ଦରସନ୍ ସିଂଘ୍ ୱିର୍କ ଜୀ, ସ୍ୱର୍ଗତ ସର୍‌ଦାର୍ ଉଜାଗର୍ ସିଂଘ୍ ସଂଧୁ ଜୀ , ସ୍ୱର୍ଗତ ସର୍‌ଦାର୍ କର୍‌ତାର୍ ସିଂଘ୍ ସଂଧୁ ଜୀ, ସ୍ୱର୍ଗତ ସର୍‌ଦାର୍ ତାରା ସିଂଘ୍ ଭମ୍ବରା ଜୀ (ପ୍ରଧାନ୍ - ଗୁରୁଦୁଆରା ) ବିଭିନ୍ନ ପ୍ରକାର ସାହାଯ୍ୟ ଦେଇ ଦାସକୁ ଉତ୍ସାହିତ କରିଥିବାରୁ ଦାସ ଚିରୋପକୃତ ରହିଛି ଓ ରହିବ । ସ୍ୱର୍ଗତ ସର୍‌ଦାର୍ ତରଲୋକ ସିଂଘ ସଗ୍‌ଗୁ ଜୀ ଯେଉଁ ସାହାଯ୍ୟ , ସହାନୁଭୂତି ଓ ଉତ୍ସାହ ପ୍ରଦାନ କରିଥିଲେ ତାହା କଦାପି ଭୁଲିବାର ନୁହେ ।

ପୁସ୍ତକ ଗୁଡ଼ିକର ପ୍ରକାଶନ ଅବସରରେ ଦାସ ସମସ୍ତଙ୍କୁ ସ୍ମରଣ କରୁଛି । ପରମପିତା ପରମେଶ୍ୱର ୱାହିଗୁରୁ ଦିବଂଗତ ମହାପୁରୁଷ ମାନଙ୍କ ଆତ୍ମାକୁ ଆପଣା ଚରଣ ତଳେ ଶରଣ ପ୍ରଦାନ କରିବାକୁ ନତମସ୍ତକ ହୋଇ ଅର୍‌ଦାସ୍ କରୁଛି ।

ଯେଉଁ ବନ୍ଧୁମାନେ ପ୍ରକାଶନର ଦାୟିତ୍ୱ ନେଇଛନ୍ତି ସେମାନଙ୍କୁ ଦାସ କୃତଜ୍ଞତା ପ୍ରକାଶ କରୁଛି , ୱାହିଗୁରୁ ତାଙ୍କୁ ଜାଗତିକ ଓ ଆତ୍ମିକ ଆନନ୍ଦ ପ୍ରଦାନ କରନ୍ତୁ ।କିଞ୍ଚିତ ମାତ୍ର ସାହାଯ୍ୟ ପ୍ରଦାନ କରିଥିବା ବନ୍ଧୁମାନେଙ୍କୁ କୃତଜ୍ଞ ରହିବି ।

ଭୁବନ୍‌ବାଣୀ ଟ୍ରସ୍‌ଟ୍ , ଲଖନୌ ଦ୍ୱାରା ପ୍ରକାଶିତ ଆଦି **'ଶ୍ରୀ ଗୁରୁ ଗ୍ରନ୍ଥ ସାହିବ ଜୀ'**ର ହିଂଦୀ ଅନୁବାଦର ସାହାଯ୍ୟ ବିନା ଏହି ଓଡ଼ିଆ ଅନୁବାଦ ସମ୍ଭବ ନଥିଲା ଏଣୁ ଏହାର ହିଂଦୀ ଅନୁବାଦକ ଡା: ମନ୍‌ମୋହନ୍ ସହଗଲ୍‌ଙ୍କ ନିକଟରେ ଏହି ଦାସ ଋଣୀ ରହିଲା ।

ଓଡ଼ିଆ ଭାଷା ଓ ଲିପିରେ ଅନୁବାଦ ଓ ଲିପ୍ୟନ୍ତରଣ କରି ଲେଖିବା ଅବସରରେ ଅନେକ ତ୍ରୁଟି , ଭୁଲ୍‌ଭଟକା କରି ଥିବି , ଯୋଡ଼ ହସ୍ତରେ କ୍ଷମା ମାଗୁଛି । ଭୁଲ୍ ତ୍ରୁଟି ଜଣାଇ ଦେଇ କୃତଜ୍ଞ କରିବା ହେବେ ।

**ଏକ ତୁଚ୍ଛ-ସେବକ** --ସର୍‌ଦାର୍ କିର୍‌ପାଲ୍ ସିଂଘ୍ 'ଡାକୀଆ' ,
ଉର୍ଫ ହରିହର ଡାକୁଆ ,
ଭବାନୀପାଟଣା,
୦୫ /୦୧/୨୦୧୮ ,
(ଦଶମ-ଗୁରୁ ଶ୍ରୀ ଗୁରୁ ଗୋବିଂଦ୍ ସିଂଘ୍ ଜୀଙ୍କ ଜନ୍ମ-ଦିୱସ)

-----((((()))))-----

# ଗଉଡ଼ୀ ସୁଖମନୀ ମହଲା ୫ ।।

--- ଗଉଡ଼ୀ ରାଗରେ ସୁଖମନୀ (ସୁଖମଣି) ନାମକ ବାଣୀ

ଶିଖ୍ ଧର୍ମର ପଞ୍ଚମ ଗୁରୁ ଶ୍ରୀ ଗୁରୁ ଅର୍ଜୁନ୍ ଦେବ୍‌ଜୀ ରଚନା

କରିଛନ୍ତି---

## ।। ੴ ଏକଓଁକାର ସତ୍‌ଗୁର୍ ପ୍ରସାଦ୍ ।।

***ସଲୋକ*** **।। ଶ୍ଳୋକ ।।**

***ଆଦି ଗୁରଏ ନମହ ।। ଜୁଗାଦି ଗୁରଏ ନମହ ।।***

***ସତିଗୁରଏ ନମହ ।। ସ୍ରୀ ଗୁରଦେୱଏ ନମହ ।। ୧ ।।***

ଆଦି ଗୁରଏ ନମହ ।। ଯୁଗାଦି ଗୁରଏ ନମହ ।।

ସତ୍‌ଗୁରଏ ନମହ ।। ଶ୍ରୀ ଗୁରଦେବଏ ନମହ ।।୧ ।।

ଅଷ୍ଟପଦୀ ।।

*--ସିମରଉ ସିମରି ସିମରି ସୁଖୁ ପାୱଉ ।। କଲି କଲେସ ତନ ମାହି ମିଟାୱଉ ।। ସିମରଉ ଜାସୁ ବିସୁଂଭର ଏକୈ ।। ନାମୁ ଜପତ ଅଗନତ ଅନେକୈ ।। ବେଦ ପୁରାନ ସିଂମ୍ରିତି ସୁଧାଖ୍ୟର ।। କୀନେ ରାମ ନାମ ଇକ ଆଖ୍ୟର ।। କିନକା ଏକ ଜିସୁ ଜୀଅ ବସାୱୈ ।। ତା କୀ ମହିମା ଗନୀ ନ ଆୱୈ ।। କାଂଖୀ ଏକୈ ଦରସ ତୁହାରୋ ।। ନାନକ ଉନ ସଂଗ ମୋହି ଉଧାରୋ ।।୧ ।।*

ନାମ ସୁମରିଣ ସଦା ସୁଖ ପାଅ, ଶରୀରୁ କଳିର କ୍ଳେଶ ଧୋଇ ଦିଅ ।।

ଏକ ବିଶ୍ୱମ୍ଭର ଯଶ ତୁ ସୁମର , ଜପନ୍ତି ଅନେକେ ବହୁ ନାମ ଯା'ର ।।

ବେଦ ପୁରାଣ ଓ ସ୍ମୃତି ସୁଧା ଶବ୍ଦ, କହନ୍ତି ଏକଇ ରାମ ନାମ ଶୁଦ୍ଧ ।।

ନାମ କଣିକାଏ ଥାଏ ଯାହା ମନେ , ମହିମା ତାହାର କେବେ ଗଣି ନୁହେଁ ।।

ଦର୍ଶନାଭିଳାଷୀ ଯେଉଁ ଜନ ତୋର , ସଙ୍ଗେତେ ତାହାର ନାନକ ଉଦ୍ଧର ।।୧ ।।

*--ସୁଖମନୀ ସୁଖ ଅଂମ୍ରିତ ପ୍ରଭ ନାମୁ ।। ଭଗତ ଜନା କେ ମନି ବିସ୍ରାମ ।। ରହାଉ ।।*

ଅଟଇ ଅମୃତ ସୁଖମଣି ନାମ , ଭକତଜନଙ୍କ ହୃଦେ ତା ବିଶ୍ରାମ ।। ରହାଉ ।।

*--ପ୍ରଭ କୈ ସିମରନି ଗରଭି ନ ବସୈ ।। ପ୍ରଭ କୈ ସିମରନି ଦୂଖୁ ଜମୁ ନସୈ ।। ପ୍ରଭ କୈ ସିମରନି କାଲୁ ପରହରୈ ।। ପ୍ରଭ କୈ ସିମରନି ଦୁସମନୁ ଟରୈ ।। ପ୍ରଭ ସିମରତ କଛୁ ବିଘନୁ ନ ଲାଗୈ ।। ପ୍ରଭ କୈ ସିମରନି ଅନଦିନୁ ଜାଗୈ ।। ପ୍ରଭ କୈ ସିମରନି ଭଉ ନ ବିଆପୈ ।। ପ୍ରଭ କୈ ସିମରନି ଦୁଖୁ ନ ସଂତାପୈ ।। ପ୍ରଭ କା ସିମରନୁ ସାଧ କୈ ସଂଗି ।। ସରବ ନିଧାନ ନାନକ ହରି ରଂଗି ।।୨ ।।*

ପ୍ରଭୁଙ୍କ ସ୍ମରଣେ ନାହିଁ ଗର୍ଭେ ବାସ , ପ୍ରଭୁଙ୍କ ସ୍ମରଣେ ଯମଦଣ୍ଡ ନାଶ ।।
ପ୍ରଭୁଙ୍କ ସ୍ମରଣେ କାଳ ଯାଏ ଦୂରେ , ପ୍ରଭୁଙ୍କ ସ୍ମରଣେ ଶତ୍ରୁ ଅପସରେ ।।
ପ୍ରଭୁଙ୍କ ସ୍ମରଣେ ବିଘ୍ନ ନ ଆସଇ , ପ୍ରଭୁଙ୍କ ସ୍ମରଣେ ସଦା ଜ୍ଞାନ ଥାଇ ।।
ପ୍ରଭୁଙ୍କ ସ୍ମରଣେ ଭୟ ନ ଲାଗଇ , ପ୍ରଭୁଙ୍କ ସ୍ମରଣେ ଦୁଃଖ ନ ତ୍ରାସଇ ।।
ପ୍ରଭୁଙ୍କ ସ୍ମରଣେ ସାଧୁ ସଙ୍ଗ ମନ , ନାନକ ସେ ନାମ ଅଟେ ସର୍ବଧନ ।।୨ ।।

*--ପ୍ରଭ କୈ ସିମରନି ରିଧି ସିଧି ନଉନିଧି ।। ପ୍ରଭ କୈ ସିମରନି ଗିଆନୁ ଧିଆନୁ ତତୁ ବୁଧି ।। ପ୍ରଭ କୈ ସିମରନି ଜପ ତପ ପୂଜା ।। ପ୍ରଭ କୈ ସିମରନି ବିନସୈ ଦୂଜା ।। ପ୍ରଭ କୈ ସିମରନି ତୀରଥ ଇସନାନୀ ।। ପ୍ରଭ କୈ ସିମରନି ଦରଗହ ମାନୀ ।। ପ୍ରଭ କୈ ସିମରନି ହୋଇ ସୁ ଭଲା ।। ପ୍ରଭ କେ ସିମରନି ସୁଫଲ ଫଲା ।। ସେ ସିମରହି ଜିନ ଆପି ସିମରାଏ ।। ନାନକ ତା କୈ ଲାଗଉ ପାଏ ।।୩ ।।*

ପ୍ରଭୁଙ୍କ ସ୍ମରଣେ ମିଳେ ଋଦ୍ଧି ସିଦ୍ଧି, ନବନିଧି ଜ୍ଞାନ ଧ୍ୟାନ ତତ୍ତ୍ୱ ବୁଦ୍ଧି ।।
ପ୍ରଭୁଙ୍କ ସ୍ମରଣେ ପୂଜା ଜପ ତପ , ପ୍ରଭୁଙ୍କ ସ୍ମରଣେ ଦ୍ୱୈତ ହୁଏ ଲୋପ ।।
ପ୍ରଭୁଙ୍କ ସ୍ମରଣେ ଥାଇ ତୀର୍ଥ ସ୍ନାନ , ପ୍ରଭୁଙ୍କ ଆସ୍ଥାନେ ମିଳଇ ସମ୍ମାନ ।।
ପ୍ରଭୁଙ୍କ ସ୍ମରଣେ ହୁଏ ସୁମଙ୍ଗଳ, ପ୍ରଭୁଙ୍କ ସ୍ମରଣେ ଫଳଇ ସୁଫଳ ।।
ସ୍ମରଣ କରଇ ସ୍ମରାଉ ଯାହାକୁ , ନାନକ ବନ୍ଦଇ ତାହାର ପାଦକୁ ।।୩ ।।

*-- ପ୍ରଭ କା ସିମରନୁ ସଭ ତେ ଉଚା ।। ପ୍ରଭ କୈ ସିମରନି ଉଧରେ ମୂଚା ।। ପ୍ରଭ କୈ ସିମରନି ତ୍ରିସନା ବୁଝୈ ।। ପ୍ରଭ କୈ ସିମରନି ସଭୁ କିଛୁ ସୁଝୈ ।। ପ୍ରଭ କୈ ସିମରନି ନାହୀ ଜମ ତ୍ରାସା ।। ପ୍ରଭ କୈ ସିମରନି ପୂରନ ଆସା ।। ପ୍ରଭ କୈ ସିମରନି ମନ କୀ ମଲୁ ଜାଇ ।। ଅଂମ୍ରିତ ନାମୁ ରିଦ ମାହି ସମାଇ ।। ପ୍ରଭ ଜୀ ବସହି ସାଧ କୀ ରସନା ।। ନାନକ ଜନ କା ଦାସନି ଦସନା ।।୪ ।।*

ପ୍ରଭୁଙ୍କ ସ୍ମରଣ କର୍ମ ସର୍ବୋପରି , ପ୍ରଭୁଙ୍କୁ ସୁମରି କେତେ ଗଲେ ତରି ।।
ପ୍ରଭୁଙ୍କ ସ୍ମରଣେ ତୃଷ୍ଣା ଶାନ୍ତ ହୋଇ , ସ୍ମରଣେ ସକଳ ଉପାୟ ଦିଶଇ ।।
ପ୍ରଭୁଙ୍କ ସ୍ମରଣେ ନାହିଁ ଯମତ୍ରାସ , ପ୍ରଭୁଙ୍କ ସ୍ମରଣେ ପୂର୍ଣ୍ଣ ହୁଏ ଆଶ ।।
ପ୍ରଭୁଙ୍କ ସ୍ମରଣେ ମନୁ ପାପ ଯାଏ , ନାମ ରସାମୃତ ହୃଦୟରେ ବହେ ।।
ସାଧୁଙ୍କ ଜିହ୍ୱାରେ ପ୍ରଭୁଙ୍କର ବାସ , ଅଟଇ ନାନକ ସାଧୁ-ଦାସ-ଦାସ ।।୪।।

*--ପ୍ରଭ କଉ ସିମରହି ସେ ଧନୱଂତେ ।। ପ୍ରଭ କଉ ସିମରହି ସେ ପତିୱଂତେ ।। ପ୍ରଭ କଉ ସିମରହି ସେ ଜନ ପରୱାନ ।। ପ୍ରଭ କଉ ସିମରହି ସେ ପୁରଖ ପ୍ରଧାନ ।। ପ୍ରଭ କଉ ସିମରହି ସି ବେମୁହତାଜେ ।। ପ୍ରଭ କଉ ସିମରହି ସି ସରବ କେ ରାଜେ ।। ପ୍ରଭ କଉ ସିମରହି ସେ ସୁଖୱାସୀ ।। ପ୍ରଭ କଉ ସିମରହି ସଦା ଅବିନାସୀ ।। ସିମରନ ତେ ଲାଗେ ଜିନ ଆପି ଦଇଆଲା ।। ନାନକ ଜନ କୀ ମଂଗୈ ରୱାଲା ।।୫।।*

ପ୍ରଭୁଙ୍କୁ ଯେ ସ୍ମରେ ସେହୁ ଧନବନ୍ତ , ପ୍ରଭୁଙ୍କୁ ଯେ ସ୍ମରେ ସେହୁ ପ୍ରତିଷ୍ଠିତ ।।
ପ୍ରଭୁଙ୍କୁ ଯେ ସ୍ମରେ ବିଖ୍ୟାତ ସେ ଜନ , ପ୍ରଭୁଙ୍କୁ ଯେ ସ୍ମରେ ପୁରୁଷ ପ୍ରଧାନ ।।
ପ୍ରଭୁଙ୍କୁ ଯେ ସ୍ମରେ ଅଟଇ ସ୍ୱାଧୀନ , ପ୍ରଭୁଙ୍କୁ ଯେ ସ୍ମରେ ସବୁରି ରାଜନ ।।
ପ୍ରଭୁଙ୍କୁ ଯେ ସ୍ମରେ କରେ ସୁଖେ ବାସ , କେବେହେଁ ତାହାର ନ ହୁଏ ବିନାଶ ।।
ସୁମରଇ ସେହୁ ତୁହି ସାହା ଯାରେ , ନାନକ ମାଗଇ ପଦରଜ ତାରେ ।।୫।।

*--ପ୍ରଭ କଉ ସିମରହି ସେ ପରଉପକାରୀ ।। ପ୍ରଭ କଉ ସିମରହି ତିନ ସଦ ବଲିହାରୀ ।। ପ୍ରଭ କଉ ସିମରହି ସେ ମୁଖ ସୁହାୱେ ।। ପ୍ରଭ କଉ ସିମରହି ତିନ ସୁଖି ବିହାୱୈ ।। ପ୍ରଭ କଉ ସିମରହି ତିନ ଆତମୁ ଜୀତା ।। ପ୍ରଭ କଉ ସିମରହି ତିନ ନିରମଲ ରୀତା ।। ପ୍ରଭ କଉ ସିମରହି ତିନ ଅନଦ ଘନେରେ ।। ପ୍ରଭ କଉ ସିମରହି ବସହି ହରି ନେରେ ।। ସଂତ କ୍ରିପା ତେ ଅନଦିନୁ ଜାଗି ।। ନାନକ ସିମରନୁ ପୂରୈ ଭାଗି ।।୬।।*

ପରଉପକାରୀ ଯେ ପ୍ରଭୁ ସ୍ମରଇ , ତାହାରେ ସର୍ବଦା ଅର୍ପିତ ମୁଁ ଥାଇ ।।
ପ୍ରଭୁ ସ୍ମରେ ଯେହୁ ମୁଖତାର ଶୋହେ , ସୁଖରେ ଜୀବନ-କାଳ ତାର ବହେ ।।
ପ୍ରଭୁ ସ୍ମରେ ଯେହୁ ଜିଣି ପାରେ ମତି , ନିର୍ମଳ ଅଟଇ ତାର ରୀତି ନୀତି ।।
ପ୍ରଭୁଙ୍କୁ ସ୍ମରନ୍ତେ ମହାନନ୍ଦ ହୋଇ , ସ୍ମରଣ କରନ୍ତେ ହରି ସଙ୍ଗ ପାଇ ।।

ସନ୍ଥ କୃପା ଲାଭେ ସ୍ମରଣରେ ସ୍ଥିର , କହଇ ନାନକ ଭାଗ୍ୟ ପୂର୍ଣ୍ଣ ତାର ।।୬।।

(ମହାନନ୍ଦ-ମହା ଆନନ୍ଦ)

*--ପ୍ରଭ କୈ ସିମରନି କାରଜ ପୂରେ ।। ପ୍ରଭ କୈ ସିମରନି କବହୁ ନ ଝୂରେ ।। ପ୍ରଭ କୈ ସିମରନି ହରିଗୁନ ବାନୀ ।। ପ୍ରଭ କୈ ସିମରନି ସହଜି ସମାନୀ ।। ପ୍ରଭ କୈ ସିମରନି ନିହଚଲ ଆସନୁ ।। ପ୍ରଭ କୈ ସିମରନି କମଲ ବିଗାସନୁ ।। ପ୍ରଭ କୈ ସିମରନି ଅନହଦ ଝୁନକାର ।। ସୁଖୁ ପ୍ରଭ ସିମରନ କା ଅଂତୁ ନ ପାର ।। ସିମରହି ସେ ଜନ ଜିନ କଉ ପ୍ରଭ ମଇଆ ।। ନାନକ ତିନ ଜନ ସରନୀ ପଇଆ ।।୭।।*

ପ୍ରଭୁଙ୍କୁ ସ୍ମରନ୍ତେ ପୂର୍ଣ୍ଣ ହୁଏ କାମ , କେବେ ଚିନ୍ତା ବଶ୍ୟ ନ କରଇ ଜାଣ ।।

ପ୍ରଭୁଙ୍କୁ ସ୍ମରନ୍ତେ ହରିଗୁଣ କହି , ସ୍ମରନ୍ତେ ଶାନ୍ତିରେ ମନ ସ୍ଥିର ଥାଇ ।।

ପ୍ରଭୁଙ୍କୁ ସ୍ମରନ୍ତେ ଆସନ ଅଟଳ , ସ୍ମରନ୍ତେ ବିକଶେ ହୃଦୟ-କମଳ ।।

ପ୍ରଭୁଙ୍କୁ ସ୍ମରନ୍ତେ ଅନାହତ ନାଦ , ପ୍ରାପତ ହୁଅଇ ଅନନ୍ତ ଆନନ୍ଦ ।।

କୃପା ପାଏ ଯିଏ ସ୍ମରେ ସେହୁ ନର , ନାନକ ପଶଇ ଶରଣ ତାହାର ।।୭।।

*--ହରି ସିମରନୁ କରି ଭଗତ ପ୍ରଗଟାଏ ।। ହରି ସିମରନି ଲଗି ବେଦ ଉପାଏ ।। ହରି ସିମରନି ଭଏ ସିଧ ଜତୀ ଦାତେ ।। ହରି ସିମରନି ନୀଚ ଚହୁ କୁଂଟ ଜାତେ ।। ହରି ସିମରନି ଧାରୀ ସଭ ଧରନା ।। ସିମରି ସିମରି ହରି କାରନ କରନା ।। ହରି ସିମରନି କୀଓ ସଗଲ ଅକାରା ।। ହରି ସିମରନି ମହି ଆପି ନିଂରକାରା ।। କରି କିରପା ଜିସୁ ଆପି ବୁଝାଇଆ ।। ନାନକ ଗୁରମୁଖି ହରି ସିମରନୁ ତିନି ପାଇଆ ।।୮ ।। ୧ ।।*

ହରିଙ୍କ ସ୍ମରଣେ ଭକ୍ତହୁଏ ଖ୍ୟାତ , ହରିଙ୍କ ସ୍ମରଣେ ବେଦ ହେଲା ଜାତ ।।

ହରିଙ୍କ ସ୍ମରଣେ ଦାତା ସିଦ୍ଧ ଯତି , ହୋଇଲେ ବିଖ୍ୟାତ ନୀଚ ଚଉକତି ।।

ହରିଙ୍କ ସ୍ମରଣେ ରହିଛି ଜଗତ , ହରିଙ୍କ ସ୍ମରଣ କର ତୁ ସଂତତ ।।

ସ୍ମରଣ ନିମନ୍ତେ ସକଳ ଆକାର , ସ୍ମରଣେ ଅଛନ୍ତି ପ୍ରଭୁ ନିରାକାର ।।

କୃପା କରି ହରି ଦେଲେ ଯାରେ ଜ୍ଞାନ , ଭଜେ ସେହୁ ଗୁରୁ ପ୍ରସାଦରେ ନାମ ।।୮।।୧।।

***ସଲୋକ*** ।। **ଶ୍ଳୋକ** ।।

***ଦୀନ ଦରଦ ଦୁଖ ଭଂଜନା ଘଟି ଘଟି ନାଥ ଅନାଥ ।।***

***ସରଣି ତୁମ୍ହାରୀ ଆଇଓ ନାନକ କେ ପ୍ରଭ ସାଥ ।। ୧ ।।***

ହେ ଦୁ:ଖଭଞ୍ଜନ ଘଟେ ଘଟେ ପୂର୍ଣ୍ଣ , ତୁମେ ଅନାଥର ନାଥ ।।

ତୁମ ଶ୍ରୀଚରଣେ ପଶିଲି ଶରଣ , ଧରି ମୁଁ ନାନକ ହାତ ।।୧।।

ଅଷ୍ଟପଦୀ ।।

*--ଜହ ମାତ ପିତା ସୁତ ମୀତ ନ ଭାଇ ।। ମନ ଉହା ନାମୁ ତେରୈ ସଂଗି ସହାଇ ।। ଜହ ମହା ଭଇଆନ ଦୂତ ଜମ ଦଲୈ ।। ତହ କେୱଲ ନାମୁ ସଂଗି ତେରୈ ଚଲୈ ।। ଜହ ମୁସକଲ ହୋୱୈ ଅତି ଭାରୀ ।। ହରିକୋ ନାମୁ ଖିନ ମାହି ଉଧାରୀ ।। ଅନିକ ପୁନହ ଚରନ କରତ ନହୀ ତରୈ ।। ହରିକୋ ନାମୁ କୋଟି ପାପ ପରହରୈ ।। ଗୁରମୁଖି ନାମୁ ଜପହୁ ମନ ମେରେ ।। ନାନକ ପାୱହୁ ସୂଖ ଘନେରେ ।।୧ ।।*

ପିତା ମାତା ବଂଧୁ କେହି ନାହିଁ ଯହିଁ , ନାମହିଁ ସହାୟ ହୋଇ ଥାଏ ତହିଁ ।।

ଯହିଁ ଭୟାନକ ଯମଦୂତ ଦଳେ , କେବଳ ନାମ ତୋ ସଙ୍ଗେ ତହିଁ ଚଳେ ।।

ଯେଉଁଠି ବିପତ୍ତି ହୁଏ ଅତିଭାରୀ , ହରି ନାମ ତହିଁ କ୍ଷଣକରେ ତାରି ।।

ତରେ ନାହିଁ କେବେ ପ୍ରାୟଶ୍ଚିତ୍ତେ ନର , ହରି ନାମ କୋଟି ପାପ କରେ ଦୂର ।।

ଗୁରୁଙ୍କ ଶରଣେ ମନ ନାମ ଗାଅ , ନାନକ ପ୍ରଭୁତ ସୁଖ ପ୍ରାପ୍ତ ହୁଅ ।।୧ ।।

*(ପ୍ରଭୁତ :-ପ୍ରଚୁର, ବହୁତ )*

*--ସଗଲ ସ୍ରିସଟି କୋ ରାଜା ଦୁଖୀଆ ।। ହରି କା ନାମୁ ଜପତ ହୋଇ ସୁଖୀଆ ।। ଲାଖ କରୋରୀ ବଂଧୁ ନ ପରୈ ।। ହରି କା ନାମୁ ଜପତ ନିସତରୈ ।। ଅନିକ ମାଇଆ ରଂଗ ତିଖ ନ ବୁଝାୱୈ ।। ହରି କା ନାମୁ ଜପତ ଆଘାୱୈ ।। ଜିହ ମାରଗି ଇହୁ ଜାତ ଇକେଲା ।। ତହ ହରିନାମୁ ସଂଗି ହୋତ ସୁହେଲା ।। ଐସା ନାମୁ ମନ ସଦା ଧିଆଈଐ । ନାନକ ଗୁରମୁଖି ପରମ ଗତି ପାଈଐ ।।୨ ।।*

ସକଳ ସୃଷ୍ଟିର ରାଜା ହୁଏ ଦୁ:ଖୀ , ଜପି ହରି ନାମ ହୋଇ ଥାଏ ସୁଖୀ ।।

ପଡ଼ି ଲକ୍ଷ କୋଟି ବନ୍ଧନରେ ନର , ଜପି ହରି ନାମ ଲଭଇ ନିସ୍ତାର ।।

ମାୟାର ଅନେକ ତୃଷାରେ ଅତୃପ୍ତ , ଜପି ହରି ନାମ ହୁଅଇ ମୁକତ ।।

ଯେଉଁ ମାର୍ଗେ ସେହୁ ଏକାକୀ ଚଳଇ , ଆନନ୍ଦଦାୟକ ହରି ନାମ ତହିଁ ।।

ସେହି ନାମ ମନ ସଦା ଧ୍ୟାନ କର , ନାନକ ପରମ ଗତି ହେବ ତୋର ।।୨ ।।

*--ଛୁଟତ ନହୀ କୋଟି ଲଖ ବାହୀ ।। ନାମୁ ଜପତ ତହ ପାରି ପରାହୀ ।। ଅନିକ ବିଘନ ଜହ ଆଇ ସଂଘାରୈ ।। ହରି କା ନାମୁ ତତକାଲ ଉଧାରୈ ।। ଅନିକ ଜୋନି ଜନମୈ ମରି ଜାମ ।। ନାମୁ ଜପତ ପାଵୈ ବିସ୍ରାମ ।। ହଉ ମୈଲା ମଲୁ କବହୁ ନ ଧୋଵୈ ।। ହରି କା ନାମୁ କୋଟି ପାପ ଖୋଵୈ ।। ଐସା ନାମୁ ଜପହୁ ମନ ରଂଗି ।। ନାନକ ପାଈଐ ସାଧ କୈ ସଂଗି ।।୩ ।।*

କୋଟିଏ ବାହୁରେ ମୁକ୍ତି ମିଳେ ନାହିଁ , ଜପି ହରି ନାମ ମୁକ୍ତି ତହିଁ ପାଇ ।।
ବହୁ ବିଘ୍ନ ଆସି ଘାରିଥାଏ ଯା'ରେ , ହରିନାମ ତାକୁ କ୍ଷଣିକେ ଉଦ୍ଧାରେ ।।
ଅନେକ ଯୋନିରେ ଜନ୍ମି-ମରୁ ଥାଇ , ନାମ ଜପି ସେହୁ ବିଶ୍ରାମ ଲଭଇ ।।
ଅହଂକାର ମଳି ଧୋଇଲେ ନ ଯାଏ , ହରି ନାମ କୋଟି ପାପକୁ ଦୂରାଏ ।।
ଏପରି ନାମକୁ ମନ ପ୍ରେମେ ଧ୍ୟାୟୀ , ନାନକ ସେ ନାମ ସାଧୁ ସଙ୍ଗେ ପାଇ ।।୩ ।।

*--ଜିହ ମାରଗ କେ ଗନେ ଜାହି ନ କୋସା ।। ହରି କା ନାମୁ ଊହା ସଂଗି ତୋସା ।। ଜିହ ପୈଡୈ ମହା ଅଂଧ ଗୁବାରା ।। ହରି କା ନାମୁ ସଂଗି ଉଜୀଆରା ।। ଜହା ପଂଥି ତେରା କୋ ନ ସିଞାନୂ ।। ହରି କା ନାମୁ ତହ ନାଲି ପଛାନୂ ।। ଜହ ମହା ଭଇଆନ ତପତି ବହୁ ଘାମ ।। ତହ ହରି କେ ନାମ କୀ ତୁମ ଊପରି ଛାମ ।। ଜହା ତ୍ରିଖା ମନ ତୁଝୁ ଆକରଖୈ ।। ତହ ନାନକ ହରି ହରି ଅଂମ୍ରିତ ବରଖୈ ।।୪ ।।*

ଯେଉଁ ପଥ କୋଶ ଗଣି ହୁଏ ନାହିଁ , ପାଥେୟ ହୁଅଇ ହରି ନାମ ତହିଁ ।।
ବିକାର ଅନ୍ଧାର ଭରା ଯେଉଁ ପଥ , ହରି ନାମ ତହିଁ କରେ ଆଲୋକିତ ।।
ଯେଉଁ ପଥେ ତୋର ସଭିଏଁ ଅଜଣା , ହରି ନାମ ତହିଁ ତୋର ଜଣା-ଶୁଣା ।।
ଯହିଁ ଭୟାନକ ଆତପ ଜାଳଇ , ହରି ନାମ ତହିଁ ତୋ ଉପରେ ଛାଇ ।।
ଯହିଁ ତୋତେ ମନ ଆକର୍ଷଇ ତୃଷା , ହେଉ ହରି ନାମ ଅମୃତ ବରଷା ।।୪ ।।

*( ଆତପ :-ରୌଦ୍ର, ଟାଣଖରା )*

*--ଭଗତ ଜନା କୀ ବରତନି ନାମୁ ।। ସଂତ ଜନା କୈ ମନି ବିସ୍ରାମୁ ।। ହରି କା ନାମୁ ଦାସ କୀ ଓଟ ।। ହରି କୈ ନାମି ଉଧରେ ଜନ କୋଟି ।। ହରି ଜସୁ କରତ ସଂତ ଦିନୁ ରାତି ।। ହରି ହରି ଅଉଖଧୁ ସାଧ କମାତି ।। ହରି ଜନ କୈ ହରିନାମୁ ନିଧାନୁ ।। ପାରବ୍ରହମି ଜନ କୀନୋ ଦାନ ।। ମନ ତନ ରଂଗି ରତେ ରଂଗ ଏକୈ ।। ନାନକ ଜନ କୈ ବିରତି ବିବେକୈ ।।୫ ।।*

ଭକତ ଲୋଡ଼ଇ ସଦା ହରି ନାମ , ସନ୍ଥ ଜନ ମନେ ଯାହାର ବିଶ୍ରାମ ।।
ଭକତ ଆଶ୍ରୟ ପ୍ରଭୁ ହରି ନାମ , ତରି ଗଲେ କୋଟି କରି ନାମ-ଗାନ ।।
ଦିନ ରାତି ସନ୍ଥ ହରି ଯଶ ଗାଇ , ହରି ଅଉଷଧ ସାଧୁ ଜନ ପାଇ ।।
ହରିଙ୍କ ନାମହିଁ ଭକତ ନିଧାନ , ପରଂବ୍ରହ୍ମ ତାହା କରିଛନ୍ତି ଦାନ ।।
ଏକଇ ପ୍ରଭୁଙ୍କ ରଙ୍ଗେ ରଙ୍ଗା ଭକ୍ତ , ନାନକ ସଂତତ ଜ୍ଞାନେ ଥାଇ ରତ ।।୫।।

*--ହରି କା ନାମୁ ଜନ କଉ ମୁକତି ଜୁଗତି ।। ହରି କୈ ନାମି ଜନ କଉ ତ୍ରିପତି ଭୁଗତି ।। ହରି କା ନାମୁ ଜନ କା ରୂପ ରଂଗୁ ।। ହରି ନାମୁ ଜପତ କବ ପରୈ ନ ଭଂଗୁ ।। ହରି କା ନାମୁ ଜନ କୀ ୱଡିଆଈ ।। ହରି କୈ ନାମୁ ଜନ ସୋଭା ପାଈ ।। ହରି କା ନାମୁ ଜନ କଉ ଭୋଗ ଜୋଗ ।। ହରି ନାମୁ ଜପତ କଛୁ ନାହି ବିଓଗୁ ।। ଜନୁ ରାତା ହରିନାମ କୀ ସେୱା ।। ନାନକ ପୂଜୈ ହରି ହରି ଦେୱା ।।୬।।*

ହରିଙ୍କର ନାମ ଭକ୍ତ ମୁକ୍ତି ଯୁକ୍ତି , ହରିନାମରୁହିଁ ମିଳେ ଭୋଗ ତୃପ୍ତି ।।
ଭକ୍ତ ଜନ ରୂପ ରଙ୍ଗ ହରି ନାମ , ଜପନ୍ତେ ସେ ନାମ ପଡ଼େ ନାହିଁ ବିଘ୍ନ ।।
ହରି ନାମ ଅଟେ ଭକ୍ତର ବଡ଼ାଇ , ଜପନ୍ତେ ସେ ନାମ ପ୍ରସିଦ୍ଧି ମିଳଇ ।।
ହରି ନାମ ଅଟେ ଭକ୍ତ ଯୋଗ ଭୋଗ , ଜପନ୍ତେ ସେ ନାମ ନାହିଁ ଦୁଃଖ-ରୋଗ ।।
ହରି ସ୍ମରଣରେ ଭକ୍ତ ରତ ଥାଇ , ନାନକ ସଂତତ ପ୍ରଭୁଙ୍କୁ ପୂଜଇ ।।୬।।

*--ହରି ହରି ଜନ କୈ ମାଲୁ ଖଜୀନା ।। ହରି ଧନୁ ଜନ କଉ ଆପି ପ୍ରଭି ଦୀନା ।। ହରି ହରି ଜନ କୈ ଓଟ ସତାଣୀ ।। ହରି ପ୍ରତାପି ଜନ ଅୱର ନ ଜାଣୀ ।। ଓତି ପୋତି ଜନ ହରି ରସି ରାତେ ।। ସୁଂନ ସମାଧି ନାମ ରସ ମାତେ ।। ଆଠ ପହର ଜନୁ ହରି ହରି ଜପୈ ।। ହରି କା ଭଗତୁ ପ୍ରଗଟ ନହୀ ଛପୈ ।। ହରି କୀ ଭଗତି ମୁକତି ବହୁ କରେ ।। ନାନକ ଜନ ସଂଗି କେତେ ତରେ ।।୭।।*

ଅଟେ ହରି ନାମ ଭକ୍ତଜନ ଧନ , ଆପେ ହରି କଲେ ଭକ୍ତଜନେ ଦାନ ।।
ଭକତଜନର ହରିହିଁ ଆଶ୍ରୟ , ତା ପ୍ରତାପେ ନାହିଁ ଆଉ କାହା ଭୟ ।।
ହରି ନାମ ରସେ ଭକ୍ତ ମଗ୍ନ ହୋଇ , ନାମରସେ ଭକ୍ତ ସମାଧି ଲଭଇ ।।
ଆଠ ପହର ଯେ କରେ ହରି ଜପ , ସେ ଭକ୍ତ କେବେହେଁ ହୁଏ ନାହିଁ ଗୋପ୍ୟ ।।
ହରି ଭକତିରେ କେତେ ମୁକ୍ତ ହେଲେ , ଭକ୍ତ ସଙ୍ଗେ କେତେ ନାନକ ତରିଲେ ।।୭।।

*--ପାରଜାତୁ ଇହୁ ହରି କୋ ନାମ ।। କାମଧେନ ହରି ହରି ଗୁଣ ଗାମ ।। ସଭ ତେ ଉତମ ହରି କୀ କଥା ।। ନାମୁ ସୁନତ ଦରଦ ଦୁଖ ଲଥା ।। ନାମ କୀ ମହିମା ସଂତ ରିଦ ୱସୈ ।। ସଂତ ପ୍ରତାପି ଦୁରତୁ ସଭୁ ନସୈ ।। ସଂତ କା ସଂଗୁ ୱଡଭାଗୀ ପାଈଐ ।। ସଂତ କୀ ସେୱା ନାମୁ ଧିଆଈଐ ।। ନାମ ତୁଲି କଛୁ ଅୱରୁ ନ ହୋଇ ।। ନାନକ ଗୁରମୁଖି ନାମୁ ପାୱୈ ଜନୁ କୋଇ ।।୮ ।। ୨ ।।*

ପାରିଜାତ ବୃକ୍ଷ ଅଟେ ହରି ନାମ , ଅଟେ କାମଧେନୁ ହରି ଗୁଣ ଗାନ ।।
ସବୁଠୁ ଉତ୍ତମ ଅଟେ ହରି କଥା , ଶୁଣି ହରି ନାମ ଘୁଞ୍ଚେ ଦୁ:ଖ-ବ୍ୟଥା ।।
ନାମର ମହିମା ସନ୍ଥ ହୃଦେ ବାସ , ସନ୍ଥ ପ୍ରତାପରେ ପାପ ଯାଏ ନାଶ ।।
ପରମ ସୌଭାଗ୍ୟେ ସାଧୁ ସଙ୍ଗ ପାଇ , କରି ସାଧୁ ସେବା ହରି ନାମ ଧ୍ୟାୟୀ ।।
ହରି ନାମ ତୁଲ ଆଉ କିଛି ନାହିଁ , ଗୁରୁ କୃପା ହେଲେ ଭକ୍ତ ତାହା ପାଇ ।।୮ ।।୨ ।।

***ସଲୋକ*** **।। ଶ୍ଲୋକ ।।**

***ବହୁ ସାସତ୍ର ବହୁ ସିମ୍ରିତୀ ପେଖେ ସରବ ଢଢୋଲି ।।***
***ପୂଜସି ନାହୀ ହରି ହରେ ନାନକ ନାମ ଅମୋଲ ।।୧ ।।***

ବହୁ ଶାସ୍ତ୍ର ବହୁ ସ୍ମୃତି ବହୁ ବାର , ଦେଖିଲି ବୁଝି ବିଚାରି ।।
ହରିଙ୍କର ନାମ ଅମୂଲ୍ୟ ନାନକ , କିଛି ନୁହେଁ ତାହା ସରି ।।୧ ।।

ଅଷ୍ଟପଦୀ ।।

*--ଜାପ ତାପ ଗିଆନ ସଭି ଧିଆନ ।। ଖଟ ସାସତ୍ର ସିମ୍ରିତି ୱଖିଆନ ।। ଜୋଗ ଅଭିଆସ କରମ ଧ୍ରମ କିରିଆ ।। ସଗଲ ତିଆଗି ବନ ମଧେ ଫିରିଆ ।। ଅନିକ ପ୍ରକାର କୀଏ ବହୁ ଜତନା ।। ପୁଂନ ଦାନ ହୋମେ ବହୁ ରତନା ।। ସରୀରୁ କଟାଇ ହୋମୈ କରି ରାତୀ ।। ୱରତ ନେମ କରୈ ବହୁ ଭାତୀ ।। ନହୀ ତୁଲି ରାମ ନାମ ବୀଚାର ।। ନାନକ ଗୁରମୁଖି ନାମୁ ଜପୀଐ ଇକ ବାର ।।୧ ।।*

କରି ଜପ ତପ ଅବା ଜ୍ଞାନ-ଧ୍ୟାନ , ଛଅ ଶାସ୍ତ୍ର ଆଉ ସ୍ମୃତିର ବଖାଣ ।।
କରି ଯୋଗାଭ୍ୟାସ କରମ ଧରମ , ସର୍ବ ତେଜି କଲେ ବନରେ ଭ୍ରମଣ ।।
ନାନା ପରକାରେ କରି ବହୁ ଯତ୍ନ , କରୁଥିବ ନିତି ହୋମ ଦାନ ପୁଣ୍ୟ ।।
କାଟି ଖଣ୍ଡ ଖଣ୍ଡ ଦେହ କଲେ ହୋମ , କରିଲେ ନିୟମ ବ୍ରତ ଆଚରଣ ।।
ଏ ସବୁ ନୁହଇ ରାମ ନାମ ତୁଲ , ଗୁରୁ ଘେନି ନାମ ଜପ ଏକ ବାର ।।୧ ।।

*--ନଉ ଖଂଡ ପ୍ରିଥମୀ ଫିରୈ ଚିରୁ ଜୀୱୈ ।। ମହା ଉଦାସୁ ତପୀସରୁ ଥୀୱୈ ।। ଅଗନି ମାହି ହୋମତ ପରାନ ।। କନିକ ଅସ୍ୱ ହୈୱର ଭୂମି ଦାନ ।। ନିଉଲୀ କରମ କରୈ ବହୁ ଆସନ ।। ଜୈନ ମାରଗ ସଂଜମ ଅତି ସାଧନ ।। ନିମଖ ନିମଖ କରି ସରୀରୁ କଟାୱୈ ।। ତଉ ଭୀ ହଉମୈ ମୈଲୁ ନ ଜାୱୈ ।। ହରି କେ ନାମ ସମସରି କଛୁ ନାହି ।। ନାନକ ଗୁରମୁଖି ନାମୁ ଜପତ ଗତି ପାହି ।।୨ ।।*

ନବଖଣ୍ଡ ପୃଥ୍ୱୀ ଭ୍ରମି ଚିରଂଜୀବୀ , ହୋଇବ ବିରାଗୀ ମହାନ ତପସ୍ୱୀ ।।
ଅଗ୍ନି ମଧ୍ୟେ ହୋମେ ଦେଇ ନିଜ ପ୍ରାଣ , ସ୍ୱର୍ଣ୍ଣ ଅଶ୍ୱ ହସ୍ତୀ ଭୂମି କଲେ ଦାନ ।।
ସାଧିବ ନେଉଲୀ ବହୁ ଯୋଗାସନ , କରି ଜୈନ-ମାର୍ଗ ସଂଜମ ସାଧନ ।।
ଖଣ୍ଡ ଖଣ୍ଡ କରି କାଟିବ ଶରୀର , ତଥାପି ନୋହିବ କେବେ ଅହଂ ଦୂର ।।
ହରି ନାମ ତୁଲ ଆଉ କିଛି ନାହିଁ , ନାନକ, ଜପିଲେ ମୁକତି ମିଳଇ ।।୨ ।।

*(ନେଉଲୀ :-ଯୌଗିକ କ୍ରିୟା )*

*--ମନ କାମନା ତୀରଥ ଦେହ ଛୁଟୈ ।। ଗରବୁ ଗୁମାନୁ ନ ମନ ତେ ହୁଟୈ ।। ସୋଚ କରୈ ଦିନସୁ ଅରୁ ରାତି ।। ମନ କୀ ମୈଲୁ ନ ତନ ତେ ଜାତି ।। ଇସୁ ଦେହୀ କଉ ବହୁ ସାଧନା କରୈ ।। ମନ ତେ କବହୂ ନ ବିଖିଆ ଟରୈ ।। ଜଲି ଧୋୱୈ ବହୁ ଦେହ ଅନୀତି ।। ସୁଧ କହା ହୋଇ କାଚୀ ଭୀତି ।। ମନ ହରି କେ ନାମ କୀ ମହିମା ଊଚ ।। ନାନକ ନାମି ଉଧରେ ପତିତ ବହୁ ମୂଚ ।।୩ ।।*

ମନର କାମନା ତୀର୍ଥେ ଯାଉ ପ୍ରାଣ , ମନରୁ ନ ଯାଏ ଗରବ ଗୁମାନ ।।
ଦିନରାତି କଲେ ଶରୀର ଶୋଧନ , ନିର୍ମଳ ନୁହଇ କେବେ ତନୁ-ମନ ।।
କଲେ କର ଯେତେ ଶରୀର ସାଧନା , ନଯାଏ କେବେହେଁ ମନରୁ ବାସନା ।।
ନର ଦେହ ଯେତେ ଜଳରେ ଧୋଇଲେ , ବିଶୁଦ୍ଧ ପବିତ୍ର ନୁହେଁ କେବେ ହେଲେ ।।
ମନ ହରି ନାମ ମହିମା ଅସୀମ , ନାନକ, ପତିତେ ଉଦ୍ଧାରଇ ନାମ ।।୩ ।।

*--ବହୁତୁ ସିଆଣପ ଜମ କା ଭଉ ବିଆପୈ ।। ଅନିକ ଜତନ କରି ତ୍ରିସନ ନା ଧ୍ରାପୈ ।। ଭେଖ ଅନେକ ଅଗନି ନହୀ ବୁଝୈ ।। କୋଟି ଉପାୱ ଦରଗହ ନହୀ ସିଝୈ ।। ଛୁଟସି ନାହୀ ଊଭ ପଇଆଲି ।। ମୋହି ବିଆପହି ମାଇଆ ଜାଲି ।। ଅୱର କରତୂତି ସଗଲୀ ଜମୁ ଡାନୈ ।। ଗୋୱିଂଦ ଭଜନ ବିନୁ ତିଲୁ ନହୀ ମାନୈ ।। ହରି କା ନାମୁ ଜପତ ଦୁଖୁ ଜାଇ ।। ନାନକ ବୋଲୈ ସହଜି ସୁଭାଇ ।।୪ ।।*

ସିହାଣିଆ ପଣେ ଯମ ଭୟ ଥାଇ ,ବହୁ ଯତନରେ ତୃଷ୍ଣା ନ ମେଣ୍ଟଇ ।।
ଅଗ୍ନି ଶାନ୍ତ ନୁହେଁ ଅନେକ ଭେକରେ , କୋଟି ଯତ୍ନେ ନାହିଁ ମୁକ୍ତି ଦରବାରେ ।।
ନାହିଁ କାହିଁ ମୁକ୍ତି ଆକାଶେ ପାତାଳେ , ମୋହ ବଶେ ନର ପଡ଼େ ମାୟା ଜାଲେ ।।
ଅନ୍ୟ କର୍ମ ଲାଗି ଯମ ଦଣ୍ଡିଥାଇ , ଗୋବିନ୍ଦ ଭଜନ ବିନା ନ ମାନଇ ।।
ହରି ନାମ ଜପେ ସବୁ ଦୁଃଖ ଯାଇ , ପ୍ରେମେ ଜପ କର ନାନକ କହଇ ।।୪।।

*--ଚାରି ପଦାରଥ ଜେ କୋ ମାଗୈ ।। ସାଧ ଜନା କୀ ସେୱା ଲାଗୈ ।। ଜେ କୋ ଅପନା ଦୂଖୁ ମିଟାୱୈ ।। ହରି ହରି ନାମୁ ରିଦେ ସଦ ଗାୱୈ ।। ଜେ କୋ ଅପନୀ ସୋଭା ଲୋରୈ ।। ସାଧ ସଂଗି ଇହ ହଉମୈ ଛୋରୈ ।। ଜେ କୋ ଜନମ ମରଣ ତେ ଡରୈ ।। ସାଧ ଜନା କୀ ସରନୀ ପରୈ ।। ଜିସୁ ଜନ କଉ ପ୍ରଭ ଦରସ ପିଆସା ।। ନାନକ ତା କୈ ବଲି ବଲି ଜାସା ।।୫ ।।*

ଚାରି ପଦାର୍ଥକୁ ମାଗେ ଯେଉଁ ଜନ , ସନ୍ଥ ଜନ ସେବା କରୁ ନିଶିଦିନ ।।
ଯିଏ ନିଜ ଦୁଃଖ ନାଶିବାକୁ ଚାହେଁ , ଜପ କରୁ ହରି ନାମ ତା ହୃଦୟେ ।।
ଲୋଡ଼ା କରେ ଯିଏ ଶୋଭା ଆପଣାର , ତ୍ୟାଗ କରୁ ସାଧୁ ସଙ୍ଗେ ଅହଂକାର ।।
ଜନ୍ମ-ମରଣର ଡରଥାଏ ଯା'ର , ଶରଣ ନେଉ ସେ ସାଧୁ-ଜନଙ୍କର ।।
ପ୍ରଭୁ ଦରଶନ ତୃଷ୍ଣାର୍ତ୍ତ ଯେ ଥାଏ , ନାନକ, ତାହାରେ କୃତ୍ୟ କୃତ୍ୟ ହୁଏ ।।୫।।
( ଚାରି ପଦାର୍ଥ :-ଧର୍ମ, ଅର୍ଥ, କାମ, ମୋକ୍ଷ )

*--ସଗଲ ପୁରଖ ମହି ପୁରଖୁ ପ୍ରଧାନୁ ।। ସାଧ ସଂଗି ଜା କା ମିଟୈ ଅଭିମାନୁ ।। ଆପସ କଉ ଜୋ ଜାଣୈ ନୀଚା ।। ସୋଊ ଗନୀଐ ସଭ ତେ ଊଚା ।। ଜା କା ମନୁ ହୋଇ ସଗଲ କୀ ରୀନା ।। ହରି ହରି ନାମୁ ତିନି ଘଟି ଘଟି ଚୀନା ।। ମନ ଅପୁନେ ତେ ବୁରା ମିଟାନା ।। ପେଖୈ ସଗଲ ସ୍ରିସଟି ସାଜନା ।। ସୂଖ ଦୂଖ ଜନ ସମ ଦ୍ରିସଟେତା ।। ନାନକ ପାପ ପୁଂନ ନହୀ ଲେପା ।।୬ ।।*

ଅଟେ ସେ ପୁରୁଷ ପୁରୁଷପ୍ରଧାନ , ସାଧୁ ସଙ୍ଗେ ଯାର ତୁଟେ ଅଭିମାନ ।।
ଯେ ମଣେ ନିଜକୁ ସବୁ ଠାରୁ ନୀଚ , ଗଣାଯାଏ ତାକୁ ସବୁ ଠାରୁ ଉଚ୍ଚ ।।
ଯା ମନ ସବୁରି ଚରଣର ଧୂଳି , ଦେଖିଥାଇ ସେହୁ ସବୁ ଘଟେ ହରି ।।
ମନରୁ କଳୁଷ ଯିଏ ଦିଏ ଧୋଇ , ସକଳ ସୃଷ୍ଟିକୁ ମିତ୍ର ମଣିଥାଇ ।।
ଯିଏ ସୁଖ-ଦୁଃଖେ ସମାନ ମଣଇ , ପାପ ପୁଣ୍ୟ ତାର କିଛି ନ କରଇ ।।୬।।

*--ନିରଧନ କଉ ଧନୁ ତେରୋ ନାଉ । । ନିଥାୱେ କଉ ନାଉ ତେରା ଥାଉ । । ନିମାନେ କଉ ପ୍ରଭ ତେରୋ ମାନୁ । । ସଗଲ ଘଟା କଉ ଦେୱହୁ ଦାନୁ । । କରନ କରାୱନହାର ସୁଆମୀ । । ସଗଲ ଘଟା କେ ଅଂତରଜାମୀ । । ଅପନୀ ଗତି ମିତି ଜାନହୁ ଆପେ । । ଆପନ ସଂଗି ଆପି ପ୍ରଭ ରାତେ । । ତୁମ୍ହରୀ ଉସତତି ତୁମ ତେ ହୋଇ । । ନାନକ ଅୱରୁ ନ ଜାନସି କୋଇ । ।୭ । ।*

ପ୍ରଭୁ ତୁମ ନାମ ନିର୍ଦ୍ଧନର ଧନ , ନାମେ ଆଶ୍ରା ପାଏ ନିରାଶ୍ରୟ ଜନ । ।
ପ୍ରଭୁ ତୁମ ନାମ ହୀନ ଲାଗି ମାନ , ସର୍ବ ଜୀବେ ତୁମେ ଦେଉଅଛ ଦାନ । ।
ତୁମେ ପ୍ରଭୁ ସବୁ କରି କରାଉଛ , ସର୍ବ ଘଟେ ଥାଇ ଅନ୍ତର ଜାଣୁଛ । ।
ତୁମେ ଜାଣ ତୁମ ଗଉରବ ଗୁଣ , ନିଜ ଲାଗି ନିଜେ ତୁମେତ ମହାନ । ।
ତୁମ ଦେଇ ତୁମ ସ୍ତୁତି ପାରେ ହୋଇ , ନାନକ, ଆଉତ ନଜାଣଇ କେହି । ।୭ । ।

*--ସରବ ଧରମ ମହି ସ୍ରେସଟ ଧରମୁ । । ହରି କୋ ନାମୁ ଜପି ନିରମଲ କରମୁ । । ସଗଲ କ୍ରିଆ ମହି ଉତମ କିରିଆ । । ସାଧ ସଂଗି ଦୁରମତି ମଲୁ ହିରିଆ । । ସଗଲ ଉଦମ ମହି ଉଦମୁ ଭଲା । । ହରି କା ନାମୁ ଜପହୁ ଜୀଅ ସଦା । । ସଗଲ ବାନୀ ମହି ଅଂମ୍ରିତ ବାନୀ । । ହରି କୋ ଜସୁ ସୁନି ରସନ ବଖାନୀ । । ସଗଲ ଥାନ ତେ ଓହୁ ଉତମ ଥାନୁ । । ନାନକ ଜିହ ଘଟି ୱସୈ ହରି ନାମୁ । ।୮ । ।* **୩** *। ।*

ସବୁ ଧର୍ମ ଠାରୁ ଅଟେ ଶ୍ରେଷ୍ଠ ଧର୍ମ , ଜପ ହରିନାମ କର ଶୁଦ୍ଧ କର୍ମ । ।
ଶ୍ରେଷ୍ଠ ସେହି କର୍ମ ସକଳ କର୍ମରୁ , ସାଧୁ ସଙ୍ଗେ ତେଜ ଦୁର୍ବୁଦ୍ଧି ମନରୁ । ।
ସବୁ ଉଦ୍ୟମରୁ ଶ୍ରେଷ୍ଠ ସେ ଉଦ୍ୟମ , ମନ ମଧ୍ୟେ ସଦା ଜପ ହରି ନାମ । ।
ସକଳ ବାଣୀରୁ ଅମୃତ ସେ ବାଣୀ , ହରି ଯଶ ଶୁଣ ରସକୁ ବଖାଣି । ।
ସକଳ ସ୍ଥାନରୁ ଉତ୍ତମ ସେ ସ୍ଥାନ , ଯେ ଘଟେ 'ନାନକ' ବସେ ହରି ନାମ । ।୮ । ।୩ । ।

**ସଲୋକ । । ଶ୍ଲୋକ । ।**

***ନିରଗୁନୀଆର ଇଆନିଆ ସୋ ପ୍ରଭୁ ସଦା ସମାଲି । ।***
***ଜିନି କୀଆ ତିସୁ ଚୀତି ରଖୁ ନାନକ ନିବହୀ ନାଲି । ।୧ । ।***

ଆରେ ଗୁଣହୀନ ଅଜ୍ଞାନ ପୁରୁଷ , ସଦା ପ୍ରଭୁ ଧ୍ୟାନ କର ।
ଯିଏ ତୋ କରତା ରଖ ତାକୁ ଚିତ୍ତେ , ଚିର ସାଥୀ ସେହି ତୋର । ।୧ । ।

ଅଷ୍ଟପଦୀ ।।

*--ରମଈଆ କେ ଗୁନ ଚେତି ପରାନୀ ।। କଵନ ମୂଲ ତେ କଵନ ଦ୍ରିସଟାନୀ ।। ଜିନି ତୂଂ ସାଜି ସଵାରି ସୀଗାରିଆ ।। ଗରଭ ଅଗନି ମହି ଜିନହି ଉବାରିଆ ।। ବାର ବିଵସଥା ତୁଝହି ପିଆରୈ ଦୂଧ ।। ଭରି ଜୋବନ ଭୋଜନ ସୁଖ ସୂଧ ।। ବିରଧି ଭଇଆ ଊପରି ସାକ ସୈନ ।। ମୁଖି ଅପିଆଉ ବୈଠ କଉ ଦୈନ ।। ଇହୁ ନିରଗୁନୁ ଗୁନୁ କଛୂ ନ ବୂଝୈ ।। ବଖସି ଲେହୁ ତଉ ନାନକ ସୀଝୈ ।।୧ ।।*

ରାମ ଗୁଣ ସଦା ଧ୍ୟାନ କର ପ୍ରାଣୀ , କ୍ଷୁଦ୍ରକୁ ମହାନ କରିଛି ସେ ଆଣି ।।

ଗଢ଼ି ତୋତେ ସିଏ କରିଛି ସୁନ୍ଦର , ଗର୍ଭର ଅଗ୍ନିରୁ କରିଛି ଉଦ୍ଧାର ।।

ବାଳ-ଅବସ୍ଥାରେ କ୍ଷୀର ପିଆଇଛି , ଯୁବାକାଳେ ସୁଖ ଭୋଜନ ଦେଇଛି ।।

ବୃଦ୍ଧାବସ୍ଥା ଲାଗି ଦେଲା ପରିବାର , ବସିଥିଲେ ଦେବେ ମୁଖରେ ଆହାର ।।

ଏତେ ଗୁଣ ତାର ନ ବୁଝୁ ଅଜ୍ଞାନ , କ୍ଷମା କଲେ ପ୍ରଭୁ ହେବ ତୋ କଲ୍ୟାଣ ।।୧ ।।

*--ଜିହ ପ୍ରସାଦି ଧର ଊପରି ସୁଖି ବସହି ।। ସୁତ ଭ୍ରାତ ମୀତ ବନିତା ସଂଗି ହସହି ।। ଜିହ ପ୍ରସାଦି ପୀଵହି ସୀତଲ ଜଲା ।। ସୁଖଦାଈ ପଵନୁ ପାଵକୁ ଅମୁଲା ।। ଜିହ ପ୍ରସାଦି ଭୋଗହି ସଭି ରସା ।। ସଗଲ ସମଗ୍ରୀ ସଂଗି ସାଥି ବସା ।। ଦୀନେ ହସତ ପାଵ କରନ ନେତ୍ର ରସନା ।। ତିସହି ତିଆଗି ଅଵର ସଂଗି ରଚନା ।। ଐସେ ଦୋଖ ମୂଢ଼ ଅଂଧ ବିଆପେ ।। ନାନକ କାଢି ଲେହୁ ପ୍ରଭ ଆପେ ।। ୨ ।।*

ଯା ପ୍ରସାଦେ ଏଥେ ରହୁ ନାନା ରଙ୍ଗେ, ହସୁ ପୁତ୍ର ଭ୍ରାତା ମିତ୍ର ପତ୍ନୀ ସଙ୍ଗେ ।।

ଯା କୃପାରେ ପାନ କରୁ ଶୀତ ଜଳ , ସୁଖଦିଏ ବାୟୁ ପାବକ ଅମୂଲ୍ୟ ।।

ଯା ପ୍ରସାଦେ ଭୋଗ କରୁ ସବୁ ରସ , ସକଳ ସାମଗ୍ରୀ ସଙ୍ଗେ କରୁ ବାସ ।।

ଯିଏ ହସ୍ତ-ପଦ ଜ୍ଞାନେନ୍ଦ୍ରିୟ ଦେଲା , ତେଜି ତାକୁ ଅନ୍ୟ ସଙ୍ଗେ କରୁ ଖେଳା ।।

ଏହି ଦୋଷ ହୁଏ ଅନ୍ଧ ଅଜ୍ଞାନର , ହେ ପ୍ରଭୁ 'ନାନକ' ଏଥୁ ରକ୍ଷାକର ।।୨ ।।

*--ଆଦି ଅଂତି ଜୋ ରାଖନହାରୁ ।। ତିସ ସିଉ ପ୍ରୀତି ନ କରୈ ଗଵାରୁ ।। ଜାକୀ ସେଵା ନଵ ନିଧି ପାଵୈ ।। ତା ସିଉ ମୂଢ଼ା ମନୁ ନହୀ ଲାଵୈ ।। ଜୋ ଠାକୁରୁ ସଦ ସଦା ହଜୂରେ ।। ତା କଉ ଅଂଧା ଜାନତ ଦୂରେ ।। ଜା କୀ ଟହଲ ପାଵୈ ଦରଗହ ମାନୁ ।। ତିସହି ବିସାରୈ ମୁଗଧୁ ଅଜାନୁ ।। ସଦା ସଦା ଇହୁ ଭୂଲନହାରୁ ।। ନାନକ ରାଖନହାରୁ ଅପାରୁ ।।୩ ।।*

ଆଦିଠାରୁ ଅନ୍ତ ଯେ ରଖେ ପରାଣ , ତା ସଙ୍ଗତେ ପ୍ରୀତି ନରଖୁ ଅଜ୍ଞାନ ।।
ଯାହାର ସେବାରେ ନବନିଧି ମିଳେ , ଚିତ୍ତ ନଦେଲୁ ତା ପଦେ କେବେ ହେଲେ ।।
ସଦା ସେ ଠାକୁର ସଙ୍ଗେ ସଙ୍ଗେ ଥାଇ , ଚକ୍ଷୁହୀନ ତାକୁ ଦୂର ମଣୁଥାଇ ।।
ଯା ସେବାରେ ମିଳେ ଆସ୍ଥାନେ ସମ୍ମାନ , ଭୁଲି ଯାଏ ତାକୁ ମୂରୁଖ ଅଜ୍ଞାନ ।।
ଭୁଲି ପ୍ରଭୁ ଗୁଣ , ଦୋଷ କରେ ନର , ନାନକ, ପ୍ରଭୁହିଁ ରକ୍ଷକ ତାହାର ।।୩।।

*--ରତନୁ ତିଆଗି କଉଡୀ ସଂଗି ରଚୈ।। ସାଚୁ ଛୋଡି ଝୂଠ ସଂଗି ମଚୈ।। ଜୋ ଛଡନା ସୁ ଅସଥିରୁ କରି ମାନୈ।। ଜୋ ହୋଵନୁ ସୋ ଦୂରି ପରାନୈ।। ଛୋଡି ଜାଇ ତିସ କା ସ୍ରମୁ କରୈ।। ସଂଗି ସହାଈ ତିସୁ ପରହରୈ।। ଚଂଦନ ଲେପୁ ଉତାରୈ ଧୋଇ।। ଗରଧବ ପ୍ରୀତି ଭସମ ସଂଗି ହୋଇ।। ଅଂଧ କୂପ ମହି ପତିତ ବିକରାଲ।। ନାନକ କାଢି ଲେହୁ ପ୍ରଭ ଦଈଆଲ।।୪।।*

କଉଡ଼ି ଗଣେ ସେ ରତ୍ନ ତ୍ୟାଗ କରି , ଖେଳେ ମିଥ୍ୟା ସଙ୍ଗେ ସତ୍ୟ ସଙ୍ଗ ଛାଡ଼ି ।।
ରହେ ନାହିଁ ଯାହା, ସ୍ଥିର ମଣେ ତାକୁ , ଘଟେ ଯା ନିଶ୍ଚିତ, ନ ଆଣେ ମନ କୁ ।।
ଯାହା ଛାଡ଼େ, ତାହା ଲାଗି କରେ ଶ୍ରମ , ଯା ସଦା ସହାୟ କରେ ତା ବର୍ଜନ ।।
ଚନ୍ଦନ ପ୍ରଲେପ ଦେହୁ ଦିଏ ଧୋଇ , ଗର୍ଦ୍ଦଭ ପୀରତି ଭସ୍ମ ସଙ୍ଗେ ଥାଇ ।।
ଘୋର ଅନ୍ଧକୂପେ ପଡ଼ିଅଛି ନର , ଦୟାଳୁ 'ନାନକ' କର ହେ ଉଦ୍ଧାର ।।୪।।

*--କରତୂତି ପସୂ କୀ ମାନସ ଜାତି।। ଲୋକ ପଚାରା କରୈ ଦିନୁ ରାତି।। ବାହରି ଭେଖ ଅଂତରି ମଲୁ ମାଇଆ।। ଛପସି ନାହି କଛୁ କରୈ ଛପାଇଆ।। ବାହରି ଗିଆନ ଧିଆନ ଇସନାନ।। ଅଂତରି ବିଆପୈ ଲୋଭୁ ସୁଆନୁ।। ଅଂତରି ଅଗନି ବାହରି ତନୁ ସୁଆହ।। ଗଲି ପାଥର କୈସେ ତରୈ ଅଥାହ।। ଜା କୈ ଅଂତରି ବସୈ ପ୍ରଭୁ ଆପି।। ନାନକ ତେ ଜନ ସହଜି ସମାତି।।୫।।*

କରେ ପଶୁକର୍ମ ମଣିଷର ଜାତି , ଲୋକ ଦେଖାଣିଆ କରେ ଦିନ-ରାତି ।।
ଦେହ ପରେ ଭେକ ମନେ ମାୟାଥାଇ , ଯେତେ ଲୁଚାଇଲେ କେବେ ନ ଲୁଚଇ ।।
ବାହାରେ ତାହାର ଜ୍ଞାନ-ଧ୍ୟାନ ସ୍ନାନ , ଅନ୍ତରେ ରାଜତ୍ୱ କରେ ଲୋଭ ଶ୍ୱାନ ।।
ମନେ ଅଗ୍ନି ତନୁ ପରେ ଭସ୍ମ ବୋଳି , ଗଳେ ଶିଳା , ସିନ୍ଧୁ ତରିବ କିପରି ।।
ଯା ହୃଦୟେ ପ୍ରଭୁ କରନ୍ତି ବିହାର , ନାନକ ସେ ଜନ ସଦା ରହେ ସ୍ଥିର ।।୫।।

*--ସୁନି ଅଂଧା କୈସେ ମାରଗୁ ପାୱୈ ।। କରୁ ଗହି ଲେହୁ ଓଡ଼ି ନିବହାୱୈ ।। କହା ବୁଝାରତି ବୂଝୈ ଡୋରା ।। ନିସି କହୀଐ ତଉ ସମଝୈ ଭୋରା ।। କହା ବିସନପଦ ଗାୱୈ ଗୁଂଗ ।। ଜତନ କରୈ ତଉ ଭୀ ସୁର ଭଂଗ ।। କହ ପିଂଗୁଲ ପରବତ ପର ଭଵନ ।। ନହୀ ହୋତ ଉହା ଉସୁ ଗଵନ ।। କରତାର କରୁଣାମୈ ଦୀନୁ ବେନତୀ କରୈ ।। ନାନକ ତୁମରୀ କିରପା ତରୈ ।। ୬ ।।*

ଶୁଣି ଅନ୍ଧ ବାଟ ପାଇବ କିପରି , ନିଅ ଲକ୍ଷ୍ୟ ସ୍ଥଳେ ହାତ ତାର ଧରି ।।
କାଲ କି ବୁଝିବ କହିଲେ ବଚନ , ରାତି କୁହ ତାକୁ ମଣିବ ସେ ଦିନ ।।
ମୂକ କି ପାରିବ ବିଷ୍ଣୁ ପଦ ଗାଇ , ଯତନ କଲେ ବି ସ୍ୱର ଭଂଗ ହୋଇ ।।
ପଙ୍ଗୁ କି କରିବ ଗିରି ପରେ ଘର , ତହିଁ କି ନହୁଏ କେବେ ଗତି ତାର ।।
ହେ କରତା, ଦୀନ କରଇ ବିନତି , ତୁମରି କୃପାରେ ଲଭିବି ମୁଁ ଗତି ।।୬ ।।

*--ସଂଗି ସହାଈ ସୁ ଆୱୈ ନ ଚୀତି ।। ଜୋ ବୈରାଈ ତା ସିଉ ପ୍ରୀତି ।। ବଲୂଆ କେ ଗ୍ରିହ ଭୀତରି ବସୈ ।। ଅନଦ କେଲ ମାଇଆ ରଂଗି ରସୈ ।। ଦ୍ରିଡ଼ୁ କରି ମାନୈ ମନହି ପ୍ରତୀତି ।। କାଲୁ ନ ଆୱୈ ମୂଢ଼େ ଚୀତି ।। ବୈର ବିରୋଧ କାମ କ୍ରୋଧ ମୋହ ।। ଝୂଠ ବିକାର ମହା ଲୋଭ ଧ୍ରୋହ ।। ଇଆହୂ ଜୁଗତି ବିହାନେ କଈ ଜନମ ।। ନାନକ ରାଖି ଲେହୁ ଆପନ କରି କରମ ।।୭ ।।*

ଯେ ସଙ୍ଗୀ ସହାୟ ତାହାଙ୍କୁ ନ ଚିନ୍ତି , ବଇରୀ ସଙ୍ଗତେ କରୁଥାଇ ପ୍ରୀତି ।।
ବାଲି ଘର ମଧ୍ୟେ କରେ ସେହୁ ବାସ , ମାୟା ସଙ୍ଗେ କରେ କେତେ ରଙ୍ଗରସ ।।
ତାହାର ଭରସା ମନେ ଦୃଢ଼ କରି , ମୃତ୍ୟୁ କଥାକୁ ସେ ଦିଅଇ ପାଶୋରି ।।
ବଇରୀ ବିରୋଧ କାମ କ୍ରୋଧ ମୋହ , ମିଥ୍ୟାର ବିକାର ମହା ଲୋଭ ଦ୍ରୋହ ।।
କେତେ ଜନ୍ମ ଗଲା ଏହି ମାର୍ଗେ ଥାଇ , ମୋତେ ହେ 'ନାନକ' ରକ୍ଷା କର ସାଇଁ ।।୭ ।।

*--ତୂ ଠାକୁରୁ ତୁମ ପହି ଅରଦାସି ।। ଜୀଉ ପିଂଡୁ ସଭୁ ତେରୀ ରାସି ।। ତୁମ ମାତ ପିତା ହମ ବାରିକ ତେରେ ।। ତୁମରୀ କ୍ରିପା ମହି ସୂଖ ଘନେରେ ।। କୋଇ ନ ଜାନୈ ତୁମରା ଅଂତୁ ।। ଊଚେ ତେ ଊଚା ଭଗୱଂତ ।। ସଗଲ ସମଗ୍ରୀ ତୁମରୈ ସୂତ୍ରି ଧାରୀ ।। ତୁମ ତେ ହୋଇ ସୁ ଆଗିଆକାରୀ ।। ତୁମରୀ ଗତି ମିତି ତୁମ ହୀ ଜାନୀ ।।ନାନକ ଦାସ ସଦା କୁରବାନୀ ।।୮ ।।୪।।*

ହେ ଠାକୁର ତୁମଠାରେ କରଇ ଜଣାଣ , ତୁମରି ସମ୍ପତ୍ତି ପ୍ରଭୁ ଏ ପିଣ୍ଡ-ପରାଣ ।।
ତୁମେ ମାତା ପିତା ଆମେ ସନ୍ତାନ ତୁମର , ତୁମ କୃପା ବଳେ ମିଳେ ଆନନ୍ଦ ଅପାର ।।
ନଜାଣଇ ଏ ଜଗତେ କେହି ତୁମ ଅନ୍ତ , ମହାନୁ-ମହାନ ତୁମେ ପ୍ରଭୁ ଭଗବନ୍ତ ।।
ସକଳ ପଦାର୍ଥ ତୁମଠାରେ ବିରାଜିତ , ତୁମରି ଆଜ୍ଞାରେ ସବୁ ହୋଇଥାଇ ଜାତ ।।
ତୁମ ଗୁଣ ଗଉରବ ତୁମଙ୍କୁ ବିଦିତ , ନାନକ ସଂତତ ତୁମ ଚରଣେ ଅର୍ପିତ ।।୮।।୪।।

***ସଲୋକ*** ।। **ଶ୍ଳୋକ** ।।

***ଦେନହାରୁ ପ୍ରଭ ଛୋଡି କୈ ଲାଗହି ଆନ ସୁଆଇ ।।***
***ନାନକ କହୂ ନ ସୀଝଈ ବିନୁ ନାୱୈ ପତି ଜାଇ ।।୧।।***

ଦାନବୀର ପ୍ରଭୁ ଛାଡ଼ି ଯେଉଁ ଜନ , ଆନଠାରେ ଥାଏ ମାତି ।
ନାନକ ସଫଳ ନୁହଇ ସେ କେବେ , ନାମ ବିନା ଯାଏ ଗତି ।।

ଅଷ୍ଟପଦୀ ।।

*--ଦସ ବସତୂ ଲେ ପାଛେ ପାୱୈ ।। ଏକ ବସତୁ କାରନି ବିଖୋଟି ଗୱାୱୈ ।। ଏକ ଭୀ ନ ଦେଇ ଦସ ଭୀ ହିରି ଲେଇ ।। ତଉ ମୂଡ଼ା କହୁ କହା କରେଇ ।। ଜିସୁ ଠାକୁର ସିଉ ନାହୀ ଚାରା ।। ତାକଉ କୀଜୈ ସଦ ନମସକାରା ।। ଜା କୈ ମନି ଲାଗା ପ୍ରଭୁ ମୀଠା ।। ସରବ ସୂଖ ତାହୂ ମନି ୱୂଠା ।। ଜିସୁ ଜନ ଅପନା ହୁକମୁ ମନାଇଆ ।। ସରବ ଥୋକ ନାନକ ତିନି ପାଇଆ ।।୧।।*

ଦଶ ବସ୍ତୁ ପାଇ ତୁହି ଭୁଲି ଯାଉ , ଗୋଟିକର ଲାଗି ବିଶ୍ୱାସ ହରାଉ ।।
ଗୋଟିଏ ନ ଦେଇ ଦଶ ନେବ ହରି , ତେବେ ଆରେ ମୂଢ଼ କି ପାରିବୁ କରି ।।
ଯେଉଁ ପ୍ରଭୁ ଆଗେ ନ ଚଳଇ ବଳ , କର ସେ ପ୍ରଭୁଙ୍କୁ ସଦା ନମସ୍କାର ।।
ଯେଉଁ ଜନ ମନେ ପ୍ରଭୁ ଲାଗେ ପ୍ରିୟ , ଆନନ୍ଦରେ ପୂର୍ଣ୍ଣ ହୁଏ ତା ହୃଦୟ ।।
ପ୍ରଭୁଙ୍କ ଆଜ୍ଞାରେ ଯେଉଁ ଜନ ଥାଏ , ନାନକ ସକଳ ପଦାର୍ଥ ସେ ପାଏ ।।୧।।

*--ଅଗନତ ସାହୁ ଅପନୀ ଦେ ରାସି ।। ଖାତ ପୀତ ବରତୈ ଅନଦ ଉଲାସି ।। ଅପୁନୀ ଅମାନ କଛୁ ବହୁରି ସାହୁ ଲେଇ ।। ଅଗିଆନୀ ମନି ରୋସୁ କରେଇ ।। ଅପନୀ ପରତୀତି ଆପ ହୀ ଖୋୱୈ ।। ବହୁରି ଉସ କା ବିସ୍ୱାସୁ ନ ହୋୱୈ ।। ଜିସୁ କୀ ବସତୁ ତିସୁ ଆଗୈ ରାଖୈ ।। ପ୍ରଭ କୀ ଆଗିଆ ମାନୈ ମାଥୈ ।। ଉସ ତେ ଚଉଗୁନ କରୈ ନିହାଲୁ ।। ନାନକ ସାହିବୁ ସଦା ଦଇଆଲୁ ।।୨।।*

ଅସୁମାରି ଧନ ଦେଇଛନ୍ତି ପ୍ରଭୁ , ଆନନ୍ଦରେ ଅଛି ଭୋଗକରି ସବୁ ।।
ନିଜଧନରୁ ସେ ନେଲେ କିଛି ଧନ , ରୋଷ କରୁଥାଇ ଏ ଅଜ୍ଞାନ ମନ ।।
ଆପଣା ବିଶ୍ୱାସ ଆପେହିଁ ହରାଏ , ଭରସାର ଯୋଗ୍ୟ ଆଉ ସେ ନ ହୁଏ ।।
ଯାହାର ପଦାର୍ଥ ତାହା ଆଗେ ରଖି , ପ୍ରଭୁ ଆଜ୍ଞା ଯିଏ ନିଏ ମଥାପାତି ।।
କରନ୍ତି ତାହାକୁ ଚାରିଗୁଣେ ପ୍ରୀତ , ସେ ପ୍ରଭୁ 'ନାନକ', ସଦା ଦୟାବନ୍ତ ।।୨।।

*--ଅନିକ ଭାତି ମାଇଆ କେ ହେତ ।। ସରପର ହୋୱତ ଜାନୁ ଅନେତ ।। ବିରଖ କୀ ଛାଇଆ ସିଉ ରଂଗୁ ଲାୱୈ ।। ଓହ ବିନସୈ ଉହୁ ମନି ପଛୁତାୱୈ ।। ଜୋ ଦୀସୈ ସୋ ଚାଲନହାରୁ ।। ଲପଟି ରହିଓ ତହ ଅଂଧ ଅଂଧାରୁ ।। ବଟାଉ ସିଉ ଜୋ ଲାୱୈ ନେହ ।। ତା କଉ ହାଥି ନ ଆୱୈ କେହ ।। ମନ ହରି କେ ନାମ କୀ ପ୍ରୀତି ସୁଖଦାଈ ।। କରି କିରପା ନାନକ ଆପି ଲଏ ଲାଈ ।।୩।।*

ଅନେକ ପ୍ରକାର ମାୟା ମୋହ ପ୍ରେମ , ଅନ୍ତେ ନଷ୍ଟ ହେବ ନିଶ୍ଚୟ ତା ଜାଣ ।।
ଯିଏ ବୃକ୍ଷ-ଛାୟା ସଙ୍ଗେ ପ୍ରୀତି କରେ , ଅନୁତାପ ସିଏ କରେ ତା ମନରେ ।।
ସବୁ ଯିବ ଚାଲି ଯାହା ଦିଶୁଅଛି , ଘୋର ଅନ୍ଧ ତାକୁ କୁଂଢାଇ ଧରୁଛି ।।
ଯେ କରେ ସେନେହ ବାଟୋଇ ସଙ୍ଗତେ , ଲାଭ ନ ଲାଗଇ କିଛି ତାହା ହାତେ ।।
ହରିନାମ ପ୍ରୀତି ସୁଖଦାୟୀ ମନ , କରି କୃପା ପ୍ରଭୁ କରାଏ ତା ଧ୍ୟାନ ।।୩।।

*--ମିଥିଆ ତନୁ ଧନୁ କୁଟଂବୁ ସବାଇଆ ।। ମିଥିଆ ହଉମୈ ମମତା ମାଇଆ ।। ମିଥିଆ ରାଜ ଜୋବନ ଧନ ମାଲ ।। ମିଥିଆ କାମ କ୍ରୋଧ ବିକରାଲ ।। ମିଥିଆ ରଥ ହସତୀ ଅସ୍ୱ ବସତ୍ରା ।। ମିଥିଆ ରଂଗ ସଂଗି ମାଇଆ ପେଖି ହସତା ।। ମିଥିଆ ଧ୍ରୋହ ମୋହ ଅଭିମାନୁ ।। ମିଥିଆ ଆପସ ଉପରି କରତ ଗୁମାନୁ ।। ଅସଥିରୁ ଭଗତି ସାଧ କୀ ସରନ ।। ନାନକ ଜପି ଜପି ଜୀୱୈ ହରି କେ ଚରନ ।।୪।।*

ମିଥ୍ୟା ତନୁ ଧନ ସାରା ପରିବାର , ମିଥ୍ୟା ଅଟେ ମାୟା ମମତା 'ମୁଁ'କାର ।।
ମିଥ୍ୟା ଯଉବନ ରାଜ୍ୟ ବସ୍ତୁ ଧନ , ମିଥ୍ୟା ଭୟଙ୍କର କାମ କ୍ରୋଧ ମନ ।।
ମିଥ୍ୟା ରଥ ହସ୍ତୀ ଅଶ୍ୱ ବସ୍ତ୍ର ଯେତେ , ମିଥ୍ୟା ମାୟା ଦେଖି ଜୀବ ହସେ କେତେ ।।
ମିଥ୍ୟା ଦ୍ରୋହ ମୋହ ମାନ ଅଭିମାନ , ମିଥ୍ୟା ନିଜଲାଗି ଗରବ ଗୁମାନ ।।
ନେଇ ସ୍ଥିର ଭକ୍ତି ସାଧୁଙ୍କ ଶରଣ , ଜପି ବଞ୍ଚେ ଦାସ, ପ୍ରଭୁ ଶ୍ରୀ ଚରଣ ।।୪।।

*--ମିଥିଆ ସ୍ରୱନ ପର ନିଂଦା ସୁନହି ।। ମିଥିଆ ହସତ ପର ଦରବ କଉ ହିରହି ।। ମିଥିଆ ନେତ୍ର ପେଖତ ପର ତ୍ରିଅ ରୂପାଦ ।। ମିଥିଆ ରସନା ଭୋଜନ ଅନସ୍ୱାଦ ।। ମିଥିଆ ଚରନ ପର ବିକାର କଉ ଧାୱହି ।। ମିଥିଆ ମନ ପରଲୋଭ ଲୁଭାୱହି ।। ମିଥିଆ ତନ ନହୀ ପରଉପକାରା ।। ମିଥିଆ ବାସୁ ଲେତ ବିକାରା ।। ବିନୁ ବୂଝେ ମିଥିଆ ସଭ ଭଏ ।। ସଫଲ ଦେହ ନାନକ ହରି ହରି ନାମ ଲଏ ।।୫ ।।*

ବ୍ୟର୍ଥ ସେହି କର୍ଣ୍ଣ ପରନିନ୍ଦା ଯେ ଶୁଣଇ , ବ୍ୟର୍ଥ ସେହି ହସ୍ତ ପରଦ୍ରବ୍ୟ ଯେ ହରଇ ।।
ବ୍ୟର୍ଥ ସେହି ନେତ୍ର ପରନାରୀ ରୂପ ଦେଖେ , ବ୍ୟର୍ଥ ସେହି ଜିହ୍ୱା ଭିନ୍ନ ଭିନ୍ନ ସ୍ୱାଦ ଚାଖେ ।।
ବ୍ୟର୍ଥ ସେହି ପଦ ପରମନ୍ଦ ଲାଗି ଧାଏଁ , ବ୍ୟର୍ଥ ସେହି ମନ ପରଧନ ଯେ ଲୋଭାଏ ।।
ବ୍ୟର୍ଥ ଦେହ କରେ ନାହିଁ ପରଉପକାର , ବ୍ୟର୍ଥ ସେହି ନାଶା ଶୁଙ୍ଘେ ବିଷୟ-ବିକାର ।।
ନ ବୁଝି ନିଜ ଅସ୍ତିତ୍ୱ ସବୁ ବ୍ୟର୍ଥ ହୁଏ , 'ନାନକ' ସଫଳ ଦେହ ହରି ନାମ ଗାଏ ।।୫ ।।

*--ବିରଥୀ ସାକତ କୀ ଆରଜା ।। ସାଚ ବିନା କହ ହୋୱତ ସୂଚା ।। ବିରଥା ନାମ ବିନା ତନୁ ଅଂଧ ।। ମୁଖି ଆୱତ ତା କୈ ଦୁରଗଂଧ ।। ବିନୁ ସିମରନ ଦିନୁ ରୈନି ବ୍ରିଥା ବିହାଇ ।। ମେଘ ବିନା ଜିଉ ଖେତୀ ଜାଇ ।। ଗୋବିଦ ଭଜନ ବିନୁ ବ୍ରିଥେ ସଭ କାମ ।। ଜିଉ କିରପନ କେ ନିରାରଥ ଦାମ ।। ଧଂନି ଧଂନି ତେ ଜନ ଜିହ ଘଟି ବସିଓ ହରି ନାଉ ।। ନାନକ ତା କୈ ବଲି ବଲି ଜାଉ ।।୬ ।।*

ମୂର୍ଖର ଆୟୁଷ ସବୁ ଯାଏ ବ୍ୟର୍ଥ , ସତ୍ୟ ବିନା କାହୁଁ ହେବ ଶୁଚିମନ୍ତ ।।
ନାମ ବିନା ଅନ୍ଧ ଶରୀର ନିଷ୍ଫଳ , ତା ମୁଖୁ ଦୁର୍ଗନ୍ଧ ହୁଅଇ ବାହାର ।।
ନାମ ବିନା ଦିବା-ରାତ୍ରୀ ବୃଥା ଯାଏ , ବର୍ଷା ବିନା ଯଥା କୃଷି ନାଶ ଯାଏ ।।
ଗୋବିନ୍ଦ ଭଜନ ବିନା ସବୁ କର୍ମ , ବୃଥା ଯାଏ ଯଥା କୃପଣର ଧନ ।।
ଧନ୍ୟ ଯାହା ହୃଦେ ବସେ ହରିନାମ , ମୁଁ କରେ ଆପଣେ ତାରେ ସମର୍ପଣ ।।୬ ।।

*--ରହତ ଅୱର କଛୁ ଅୱର କମାୱତ ।। ମନି ନହୀ ପ୍ରୀତି ମୁଖହୁ ଗଂଢ ଲାୱତ ।। ଜାନନହାର ପ୍ରଭୂ ପରବୀନ ।। ବାହରି ଭେଖ ନ କାହୂ ଭୀନ ।। ଅୱର ଉପଦେସୈ ଆପି ନ କରୈ ।। ଆୱତ ଜାୱତ ଜନମୈ ମରୈ ।। ଜିସ କୈ ଅଂତରି ବସୈ ନିରଂକାରୁ ।। ତିସ କୀ ସୀଖ ତରୈ ସଂସାରୁ ।। ଜୋ ତୁମ ଭାନେ ତିନ ପ୍ରଭୂ ଜାତା ।। ନାନକ ଉନ ଜନ ଚରନ ପରାତା ।।୭ ।।*

ରହଣି ଅଲଗା, ଅଲଗା କରଣି , ମନେ ନାହିଁ ପ୍ରୀତି ମୁଖେ ଗଢ଼େ ଆଣି ।।

ଅନ୍ତର୍ଯାମୀ ପ୍ରଭୁ ଚତୁର ଅଟଇ , ବାହ୍ୟ ବେଶ ଦେଖି ମୁଗ୍ଧ ନ ହୁଅଇ ।।

ଶିକ୍ଷା ଦେଇ ଯିଏ ନିଜେ ନ ଆଚରେ , ପଡୁଥାଏ ସିଏ ଜନ୍ମ-ମୃତ୍ୟୁ ଚକ୍ରେ ।।

ଯାହାର ଅନ୍ତରେ ବସେ ନିରାକାର , ତାହାର ଶିକ୍ଷାରେ ତରଇ ସଂସାର ।।

ଯିଏ ତୁମ ପ୍ରିୟ ସେ ଜାଣେ ତୁମଙ୍କୁ , 'ନାନକ' ଛୁଅଁଇ ତାହାରି ପାଦକୁ ।।୭।।

*--କରଉ ବେନତୀ ପାରବ୍ରହମୁ ସଭୁ ଜାନୈ ।। ଅପନା କୀଆ ଆପହି ମାନୈ ।। ଆପହି ଆପ ଆପି କରତ ନିବେରା ।। କିସୈ ଦୂରି ଜନାୱତ କିସୈ ବୁଝାୱତ ନେରା ।। ଉପାୱ ସିଆନପ ସଗଲ ତେ ରହତ ।। ସଭୁ କଛୁ ଜାନୈ ଆତମ କୀ ରହତ ।। ଜିସୁ ଭାୱୈ ତିସୁ ଲଏ ଲଡ଼ି ଲାଇ ।। ଥାନ ଥନଂତରି ରହିଆ ସମାଇ ।। ସୋ ସେୱକୁ ଜିସୁ କିରପା କରୀ ।। ନିମଖ ନିମଖ ଜପି ନାନକ ହରୀ ।।୮।।୫।।*

ମାଗଇ ମୁଁ ଯାହା ପ୍ରଭୁ ତାହା ଜାଣେ , ନିଜ ଭକତକୁ ରଖଇ ସମ୍ମାନେ ।।

କର୍ମ ଦେଖି ନିଜେ କରଇ ବିଚାର , ଜଣାଏ ସେ କାହା ନିକଟ ବା ଦୂର ।।

ସକଳ ଉପାୟ ଚାତୁରୀ ଉର୍ଦ୍ଧ୍ୱରେ , ଜାଣେ ସିଏ କିସ ଅଛି କା ଅନ୍ତରେ ।।

ଭଲ ଯିଏ ତାକୁ ନିକଟେ ରଖଇ , ଭିତରେ-ବାହାରେ ସବୁଠାରେ ଥାଇ ।।

କୃପା ଯାରେ କରେ ସେ ହୁଏ ଭକତ , 'ନାନକ' ଜପ ତୁ ସେ ହରି ସଂତତ ।।୮।।୫।।

***ସଲୋକ*** **।। ଶ୍ଳୋକ ।।**

***କାମ କ୍ରୋଧ ଅରୁ ଲୋଭ ମୋହ ବିନସି ଜାଇ ଅହଂମେୱ ।।***

***ନାନକ ପ୍ରଭ ସରଣାଗତୀ କରି ପ୍ରସାଦୁ ଗୁରଦେୱ ।।୧।।***

ବିନାଶ ହେଉ ମୋ କାମ କ୍ରୋଧ ଲୋଭ ମୋହ ଆଉ ଅହଂକାର ।

ହେ ପ୍ରଭୁ 'ନାନକ' ଶରଣ ପଶଇ , ଗୁରୁଦେବ କୃପା କର ।।୧।।

ଅଷ୍ଟପଦୀ ।।

*--ଜିହ ପ୍ରସାଦି ଛତୀହ ଅଂମ୍ରିତ ଖାହି ।। ତିସୁ ଠାକୁର କଉ ରଖୁ ମନ ମାହି ।। ଜିହ ପ୍ରସାଦି ସୁଗଂଧତ ତନି ଲାୱହି ।। ତିସ କଉ ସିମରତ ପରମ ଗତି ପାୱହି ।। ଜିହ ପ୍ରସାଦି ବସହି ସୁଖ ମଂଦରି ।। ତିସହି ଧିଆଇ ସଦା ମନ ଅଂଦରି ।। ଜିହ ପ୍ରସାଦି ଗ୍ରିହ ସଂଗି ସୁଖ ବସନା ।। ଆଠ ପହର ସିମରହୁ ତିସୁ ରସନା ।। ଜିହ ପ୍ରସାଦି ରଂଗ ରସ ଭୋଗ ।। ନାନକ ସଦା ଧିଆଇଐ ଧିଆୱନ ଜୋଗ ।।୧।।*

ଅମୃତ ଭୁଞ୍ଜୁ ତୁ ଯାହାରି ଦୟାରେ , ସେହି ଠାକୁରକୁ ରଖ ତୋ ଚିତ୍ତରେ ।।
ଦେହରେ ସୁଗନ୍ଧ ଲେପୁ ଯା କୃପାରେ , ପାଇବୁ ସୁଗତି, ସୁମର ତାହାରେ ।।
ଯା ପ୍ରସାଦେ ସୁଖେ ଥାଉ ତୋ ଭୁବନେ , ଧ୍ୟାନ କର ତାକୁ ସଦା ତୋର ମନେ ।।
ଗୃହେ ରହୁ ସୁଖେ ଯାହାରି ଦୟାରେ , ଭଜ ତାକୁ ଆଠ-ପ୍ରହର ଜିହ୍ୱାରେ ।।
ଯା ପ୍ରସାଦେ ସୁଖ-ରସ କରୁ ଭୋଗ , 'ନାନକ' ତାହାରେ କର ଧ୍ୟାନ ଯୋଗ ।।୧।।

*-- ଜିହ ପ୍ରସାଦି ପାଟ ପଟଂବର ହଢାୱହି ।। ତିସହି ତିଆଗି କତ ଅୱର ଲୁଭାୱହି ।। ଜିହ ପ୍ରସାଦି ସୁଖି ସେଜ ସୋଇଜୈ ।। ମନ ଆଠ ପହର ତାକା ଜସୁ ଗାୱୀଜୈ ।। ଜିହ ପ୍ରସାଦି ତୁଝୁ ସଭୁ କୋଉ ମାନୈ ।। ମୁଖି ତାକୋ ଜସୁ ରସନ ବଖାନୈ ।। ଜିହ ପ୍ରସାଦି ତେରୋ ରହତା ଧରମୁ ।। ମନ ସଦା ଧିଆଇ କେୱଲ ପାରବ୍ରହମୁ ।। ପ୍ରଭ ଜୀ ଜପତ ଦରଗହ ମାନୁ ପାୱହି ।। ନାନକ ପତି ସେତୀ ଘରି ଜାୱହି ।।୨।।*

ପାଟ ପୀତାମ୍ବର ପିନ୍ଧୁ ଯା ଦୟାରେ , ତାକୁ ଛାଡ଼ି ଆଉ ଲୋଭାଉ କାହାରେ ।।
ଯାହା ପରସାଦେ ତୋ ସୁଖ-ଶୟନ , ଆଠ ପହର ତା ଯଶ କର ଗାନ ।।
ଯାହା ପରସାଦେ ପାଉ ତୁ ସମ୍ମାନ , ମୁଖେ ତାହା ଯଶ ରସ ତୁ ବଖାଣ ।।
ଯାହା ପରସାଦେ ରହେ ତୋର ଧର୍ମ , ଭଜ ମନ ସଦା ସେହି ପରଂବ୍ରହ୍ମ ।।
ଭଜିଲେ ଆସ୍ଥାନେ ପାଇବୁ ଆଦର , 'ନାନକ' ସମ୍ମାନେ ଯିବୁ ନିଜ ଘର ।।୨।।

*--ଜିହ ପ୍ରସାଦି ଆରୋଗ କଂଚନ ଦେହୀ ।। ଲିୱ ଲାୱହୁ ତିସୁ ରାମ ସନେହୀ ।। ଜିହ ପ୍ରସାଦି ତେରା ଓଲା ରହତ ।। ମନ ସୁଖୁ ପାୱହି ହରି ହରି ଜସୁ କହତ ।। ଜିହ ପ୍ରସାଦି ତେରେ ସଗଲ ଛିଦ୍ର ଢାକେ ।। ମନ ସରନୀ ପରୁ ଠାକୁର ପ୍ରଭ ତା କୈ ।। ଜିହ ପ୍ରସାଦି ତୁଝୁ କୋ ନ ପହୁଚୈ ।। ମନ ସାସି ସାସି ସିମରହୁ ପ୍ରଭ ଊଚେ ।। ଜିହ ପ୍ରସାଦି ପାଈ ଦ୍ରୁଲଭ ଦେହ ।। ନାନକ ତାକୀ ଭଗତି କରେହ ।।୩।।*

ଯା ଲାଗି ନିରୋଗ କାଞ୍ଚନ ଶରୀର , ସଦା ସେ ରାମଙ୍କୁ ଚିତ୍ତେ ରଖ ତୋର ।।
ଯା ପ୍ରସାଦେ ତୋର ରହିଛି ଆଶ୍ରୟ , ସୁଖ ତୁ ପାଇବୁ ଯଶ ତାର କହ ।।
ଯା ପ୍ରସାଦେ ଲୁଚେ ସାରା ଦୋଷ ତୋର , ନିଅ ଆରେ ମନ ଶରଣ ତାହାର ।।
ଯା ପ୍ରସାଦେ ଦୁଃଖ ନ ଆସେ ତୋ ପାଶେ , ସୁମର ସେ ମହାପ୍ରଭୁ ପ୍ରତି ଶ୍ୱାସେ ।।
ଯା ପ୍ରସାଦେ ମିଳେ ଦୁର୍ଲଭ ଶରୀର , 'ନାନକ' ତାହାର ଭକ୍ତି ତୁହି କର ।।୩।।

*--ଜିହ ପ୍ରସାଦି ଆଭୂଖନ ପହିରୀଜୈ । । ମନ ତିସୁ ସିମରତ କିଉ ଆଲସୁ କୀଜୈ । । ଜିହ ପ୍ରସାଦି ଅସ୍‌ୱ ହସତି ଅସୱାରୀ । । ମନ ତିସୁ ପ୍ରଭ କଉ କବହୂ ନ ବିସାରୀ । । ଜିହ ପ୍ରସାଦି ବାଗ ମିଲଖ ଧନା । । ରାଖୁ ପରୋଇ ପ୍ରଭୁ ଅପୁନେ ମନା । । ଜିନି ତେରୀ ମନ ବନତ ବନାଈ । । ଊଠତ ବୈଠତ ସଦ ତିସହି ଧିଆଇ । । ତିସହି ଧିଆଇ ଜୋ ଏକ ଅଲଖୈ । । ଇହା ଉହା ନାନକ ତେରୀ ରଖୈ । ।୪ । ।*

ଯାହାର କୃପାରେ ପିନ୍ଧୁ ଆଭୂଷଣ , ଅଳସୋଇ କିପାଁ ନକରୁ ସ୍ମରଣ । ।
ଯା ପ୍ରସାଦେ ବସୁ ଅଶ୍ୱ-ହସ୍ତୀ ପରେ , ମନ କେବେ ତୁହି ନ ଭୁଲିବୁ ତାରେ । ।
ଯା ପ୍ରସାଦେ ଧନ ଭୂମି ଘର-ଦ୍ୱାର , ସେ ପ୍ରଭୁକୁ ଗୁନ୍ଥି ରଖ ମନେ ତୋର । ।
ଯେଉଁ ପ୍ରଭୁ ତୋତେ ଗଢ଼ିଛି ଯତନେ , ଶୟନେ ସପନେ ରଖ ତାକୁ ଧ୍ୟାନେ । ।
ତାକୁ ଧ୍ୟାନ କର ଯେ ଏକ ଅଲେଖ , ସର୍ବତ୍ର ତୋ ମାନ ରଖିବ 'ନାନକ' । ।୪ । ।

*--ଜିହ ପ୍ରସାଦି କରହି ପୁଂନ ବହୁ ଦାନ । । ମନ ଆଠ ପହର କରି ତିସକା ଧିଆନ । । ଜିହ ପ୍ରସାଦି ତୂ ଆଚାର ବିଉହାରୀ । । ତିସୁ ପ୍ରଭ କଉ ସାସି ସାସି ଚିତାରୀ । । ଜିହ ପ୍ରସାଦି ତେରା ସୁଂଦର ରୂପୁ । । ସୋ ପ୍ରଭୁ ସିମରହୁ ସଦା ଅନୂପୁ । । ଜିହ ପ୍ରସାଦି ତେରୀ ନୀକୀ ଜାତି । । ସୋ ପ୍ରଭୁ ସିମରି ସଦା ଦିନ ରାତି । । ଜିହ ପ୍ରସାଦି ତେରୀ ପତି ରହୈ । । ଗୁର ପ୍ରସାଦି ନାନକ ଜସୁ କହୈ । ।୫ । ।*

ଯା ପ୍ରସାଦେ କରୁ ବହୁ ଦାନ ପୁଣ୍ୟ , ଆଠ-ପହର ତୁ କର ତାର ଧ୍ୟାନ । ।
ଯା ପ୍ରସାଦେ ପାଳୁ ତୁ ରୀତି-ନୀତିକୁ , ପ୍ରତି ଶ୍ୱାସେ ଧ୍ୟାନ କର ସେ ପ୍ରଭୁଙ୍କୁ । ।
ଯାହାର ଦୟାରେ ତୋ ରୂପ ସୁନ୍ଦର , ସଦା ତୁହି ସେହି ପ୍ରଭୁଙ୍କୁ ସୁମର । ।
ଯାହାର ପ୍ରସାଦେ ଉତ୍ତମ ତୋ ଜାତି , ସୁମର ତୁହି ସେ ପ୍ରଭୁ ଦିନ-ରାତି । ।
ଯାହାର ପ୍ରସାଦେ ରହିଛି ତୋ ମାନ , ଗୁରୁ କୃପାରେ ତା ଯଶ କର ଗାନ । ।୫ । ।

*--ଜିହ ପ୍ରସାଦି ସୁନହି କରନ ନାଦ । । ଜିହ ପ୍ରସାଦି ପେଖହି ବିସମାଦ । । ଜିହ ପ୍ରସାଦି ବୋଲହି ଅଂମ୍ରିତ ରସନା । । ଜିହ ପ୍ରସାଦି ସୁଖି ସହଜେ ବସନା । । ଜିହ ପ୍ରସାଦି ହସତ କର ଚଲହି । । ଜିହ ପ୍ରସାଦି ସଂପୂରନ ଫଲହି । । ଜିହ ପ୍ରସାଦି ପରମ ଗତି ପାୱହି । । ଜିହ ପ୍ରସାଦି ସୁଖି ସହଜି ସମାୱହି । । ଏସା ପ୍ରଭୁ ତିଆଗି ଅୱର କତ ଲାଗହୁ । । ଗୁର ପ୍ରସାଦି ନାନକ ମନି ଜାଗହୁ । ।୬ । ।*

ଯାହାର କୃପାରେ ନାଦ ଶୁଣେ କର୍ଣ୍ଣ , ନାନା କଉତୁକ ଦେଖଇ ନୟନ ।।
ଭାଷଇ ରସନା ମିଷ୍ଟ ଯା କୃପାରେ , ବାସ କରୁ ଏଥେ ସହଜ ସୁଖରେ ।।
ଯାହାର କୃପାରେ ହସ୍ତ-ପଦ ଚଳେ , ସଂପୂର୍ଣ୍ଣ ସଫଳ କର୍ମଫଳ ଫଳେ ।।
ପରମ-ଗତି କୁ ଯା ପ୍ରସାଦେ ପାଉ , ଯା ଲାଗି ନିର୍ବିଘ୍ନେ ନିଷ୍ଚିନ୍ତେ ତୁ ରହୁ ।।
ଭୁଲି ସେହି ପ୍ରଭୁ କରୁ କାହା ଧ୍ୟାନ , 'ନାନକ' ଯାଗ୍ରତ ରଖ ତୋର ମନ ।।୬।।

*--ଜିହ ପ୍ରସାଦି ତୂଂ ପ୍ରଗଟୁ ସଂସାରି ।। ତିସୁ ପ୍ରଭ କଉ ମୂଲି ନ ମନହୁ ବିସାରି ।। ଜିହ ପ୍ରସାଦି ତେରା ପରତାପୁ ।। ରେ ମନ ମୂଢ଼ ତୂ ତା କଉ ଜାପୁ ।। ଜିହ ପ୍ରସାଦି ତେରେ କାରଜ ପୂରେ ।। ତିସହି ଜାନୁ ମନ ସଦା ହଜୂରେ ।। ଜିହ ପ୍ରସାଦି ତୂଂ ପାୱହି ସାଚୁ ।। ରେ ମନ ମେରେ ତୂଂ ତା ସିଉ ରାଚୁ ।। ଜିହ ପ୍ରସାଦି ସଭ କୀ ଗତି ହୋଇ ।। ନାନକ ଜାପୁ ଜପେ ଜପୁ ସୋଇ ।।୭।।*

ଯା ପ୍ରସାଦେ ତୁହି ପ୍ରସିଦ୍ଧ ଏ ଭବେ , ଭୁଲି ନ ଯା ମନୁ ସେ ପ୍ରଭୁକୁ କେବେ ।।
ଯାହାର ପ୍ରସାଦେ ତୋର ଏ ପ୍ରତାପ , ଆରେ ମୂଢ଼ ମନ ତାକୁ କର ଜପ ।।
ଯାଲାଗି ତୋ କାର୍ଯ୍ୟ ହୁଅଇ ସଫଳ , ଜାଣ ତୁହି ସେହି ସଦା ସଙ୍ଗୀ ତୋର ।।
ଯାହାରି କୃପାରେ ତୁ ପାଇବୁ ସତ୍ୟ , ମନ ରହ ସଦା, ତାହା ସଙ୍ଗେ ରତ ।।
ଯା ଲାଗି ସବୁରି ସୁଗତି ହୁଅଇ , 'ନାନକ' ମୁହିଁ ତା ଜପ ଜପୁଥାଇ ।।୭।।

*--ଆପି ଜପାଏ ଜପେ ସୋ ନାଉ ।। ଆପି ଗାୱାଏ ସୁ ହରି ଗୁନ ଗାଉ ।। ପ୍ରଭ କିରପା ତେ ହୋଇ ପ୍ରଗାସୁ ।। ପ୍ରଭୂ ଦଇଆ ତେ କମଲ ବିଗାସୁ ।। ପ୍ରଭ ସୁପ୍ରସଂନ ବସୈ ମନି ସୋଇ ।। ପ୍ରଭ ଦଇଆ ତେ ମତି ଉତମ ହୋଇ ।। ସରବ ନିଧାନ ପ୍ରଭ ତେରୀ ମଇଆ ।। ଆପହୁ କଛୂ ନ କିନହୂ ଲଇଆ ।। ଜିତୁ ଜିତୁ ଲାୱହୁ ତିତୁ ଲଗହି ହରି ନାଥ ।। ନାନକ ଇନ କୈ କଛୂ ନ ହାଥ ।।୮।।୬।।*

ପ୍ରଭୁ ଜପାଇଲେ ଜପୁଥାଇ ମନ , ଗାନକରାଇଲେ ଗାଏ ହରି ଗୁଣ ।।
ପ୍ରଭୁ ଦୟା କଲେ ହୁଏ ପ୍ରକାଶିତ , ତା ଚିତ୍ତ-କମଳ ହୁଏ ବିକଶିତ ।।
ପ୍ରଭୁ ସୁପ୍ରସନ୍ନେ ଚିତ୍ତେ କଲେ ବାସ , ହୁଅଇ ଉତ୍ତମ ବୁଦ୍ଧିର ବିକାଶ ।।
ତୋ କୃପା ଦୃଷ୍ଟିରେ ସର୍ବଧନ ଥାଇ , ନିଜେ କିଏ କିଛି ନ ପାରଇ ନେଇ ।।
ଯହିଁ ରଖୁ ତହିଁ ଜୀବ ରହେ, ହରି ! ନାନକ ନିଜେ କେ କି ପାରିବ କରି ।।୮।।୬।।

**ସଲୋକ । । ଶ୍ଳୋକ । ।**

***ଅଗମ ଅଗାଧି ପାରବ୍ରହମୁ ସୋଇ । । ଜୋ ଜୋ କହୈ ସୁ ମୁକତା ହୋଇ । ।***
***ସୁନି ମୀତା ନାନକୁ ବିନୱଂତା । । ସାଧ ଜନା କୀ ଅଚରଜ କଥା । ।୧ । ।***

ଅଗମ୍ୟ ଅଗାଧ ପରଂବ୍ରହ୍ମ ସେହି , ଜପେ ଯିଏ ସେହୁ ମୁକତ ହୁଅଇ ।
ନାନକ ବିନତି ଶୁଣ ଆରେ ମିତ , ସାଧୁ ଜନ ଗୁଣ ଅଟଇ ଅଦ୍ଭୁତ । ।୧ । ।

ଅଷ୍ଟପଦୀ । ।

*--ସାଧ କୈ ସଂଗି ମୁଖ ଉଜଲ ହୋତ । । ସାଧ ସଂଗି ମଲୁ ସଗଲୀ ଖୋତ । । ସାଧ କୈ ସଂଗି ମିଟୈ ଅଭିମାନୁ । । ସାଧ କୈ ସଂଗି ପ୍ରଗଟେ ସୁଗିଆନୁ । । ସାଧ କୈ ସଂଗି ବୁଝୈ ପ୍ରଭୁ ନେରା । । ସାଧ ସଂଗି ସଭୁ ହୋତ ନିବେରା । । ସାଧ କୈ ସଂଗି ପାଏ ନାମ ରତନୁ । । ସାଧ କୈ ସଂଗି ଏକ ଉପରି ଜତନୁ । । ସାଧ କୀ ମହିମା ବରନୈ କଉନୁ ପ୍ରାନୀ । । ନାନକ ସାଧ କୀ ସୋଭା ପ୍ରଭ ମାହି ସମାନୀ । ।୧ । ।*

ସାଧୁସଙ୍ଗେ ମୁଖ ହୁଅଇ ଉଜ୍ଜ୍ୱଳ , ଦୂର ହୁଏ ମନୁ କଳୁଷ ସକଳ । ।
ସାଧୁସଙ୍ଗ କଲେ ତୁଟେ ଅଭିମାନ , ପ୍ରକଟ ହୁଅଇ ମନେ ଆତ୍ମ ଜ୍ଞାନ । ।
ସାଧୁସଙ୍ଗ କଲେ ପ୍ରଭୁ ପାଶେ ଥାଇ , ମନରୁ ବିଷୟ ବାସନା ତୁଟଇ । ।
ସାଧୁସଙ୍ଗ କଲେ ମିଳେ ନାମ ରତ୍ନ , ପ୍ରଭୁସଙ୍ଗ ଲାଗି ଦାସ କରେ ଯତ୍ନ । ।
ସାଧୁଙ୍କ ମହିମା କେ ପାରିବ କହି , ସାଧୁଜନ ଶୋଭା ପ୍ରଭୁଠାରେ ଥାଇ । ।୧ । ।

*-- ସାଧ କୈ ସଂଗି ଅଗୋଚରୁ ମିଲୈ । । ସାଧ କୈ ସଂଗି ସଦା ପରଫୁଲୈ । । ସାଧ କୈ ସଂଗି ଆୱହି ବସି ପଂଚା । । ସାଧ ସଂଗି ଅମ୍ରିତ ରସୁ ଭୁଂଚା । । ସାଧ ସଂଗି ହୋଇ ସଭ କୀ ରେନ । । ସାଧ କୈ ସଂଗି ମନୋହର ବୈନ । । ସାଧ କୈ ସଂଗି ନ କତହୁଂ ଧାୱୈ । । ସାଧ ସଂଗି ଅସଥିତି ମନୁ ପାୱୈ । । ସାଧ କୈ ସଂଗି ମାଇଆ ତେ ଭିଂନ । । ସାଧ ସଂଗି ନାନକ ପ୍ରଭ ସୁପ୍ରସଂନ । ।୨ । ।*

ସାଧୁସଙ୍ଗ କଲେ ମିଳେ ଅଗୋଚର , ସଦା ରହେ ଦାସ ପ୍ରଫୁଲ୍ଲ ସୁନ୍ଦର । ।
ସାଧୁସଙ୍ଗ କଲେ ପଞ୍ଚଦୂତ ବଶ୍ୟ , ଭୋଗ କରେ ଦାସ ନାମ ସୁଧାରସ । ।
ସବୁରି ଚରଣ-ରେଣୁ ହୁଏ ମନ , ସାଧୁସଙ୍ଗ କଲେ ସୁନ୍ଦର ବଚନ । ।
ସାଧୁସଙ୍ଗ କଲେ କେଣିକି ନ ଧାଇଁ , ଚଞ୍ଚଳିତ ମନ ଥାଏ ସ୍ଥିର ହୋଇ । ।
ସାଧୁସଙ୍ଗ କଲେ ମାୟା ମୁକ୍ତ ମନ , 'ନାନକ' ହୁଅନ୍ତି ପ୍ରଭୁ ସୁପ୍ରସନ୍ନ । ।୨ । ।

*(ପଞ୍ଚଦୂତ :-କାମ, କ୍ରୋଧ, ଲୋଭ, ମୋହ, ଅହଂକାର ଆଦି ପଞ୍ଚ ବିକାର )*

--ସାଧ ସଂଗି ଦୁସମନ ସଭି ମୀତ । । ସାଧୂ କୈ ସଂଗି ମହା ପୁନୀତ । । ସାଧ ସଂଗି କିସ ସିଉ ନହୀ ବୈରୁ । । ସାଧ କୈ ସଂଗି ନ ବୀଗା ପୈରୁ । । ସାଧ କୈ ସଂଗି ନାହୀ କୋ ମଂଦା । । ସାଧ ସଂଗି ଜାନେ ପରମାନଂଦା । । ସାଧ କୈ ସଂଗି ନାହୀ ହଉ ତାପୁ । । ସାଧ କୈ ସଂଗି ତଜୈ ସଭୁ ଆପୁ । । ଆପେ ଜାନୈ ସାଧ ବଡାଈ । ।ନାନକ ସାଧ ପ୍ରଭୂ ବନି ଆଈ । ।୩ । ।

ସାଧୁସଙ୍ଗ କଲେ ଶତ୍ରୁ ହୁଏ ମିତ୍ର , କଳୁଷିତ ମନ ହୁଅଇ ପବିତ୍ର । ।
ସାଧୁସଙ୍ଗ କଲେ ଶତ୍ରୁତା ନ ରହେ , ଅବାଟକୁ ପାଦ କେବେହେଁ ନ ଯାଏ । ।
ସାଧୁସଙ୍ଗ କଲେ ହୁଏ ନାହିଁ ମନ୍ଦ , ଜାଣିପାରେ ଦାସ ସେ ପରମାନନ୍ଦ । ।
ସାଧୁସଙ୍ଗତରେ ନାହିଁ ଅହଂକାର , ସବୁ ଅଭିମାନ ହୋଇ ଯାଏ ଦୂର । ।
ପ୍ରଭୁହିଁ ଜାଣନ୍ତି ସାଧୁଙ୍କ ବଡ଼ାଇ , ସାଧୁ-ପ୍ରଭୁ-ପ୍ରୀତି 'ନାନକ' ବଢ଼ଇ । ।୩ । ।

--ସାଧ କୈ ସଂଗି ନ କବହୁ ଧାୱୈ । । ସାଧ କୈ ସଂଗି ସଦା ସୁଖୁ ପାୱୈ । । ସାଧ ସଂଗି ବସତୁ ଅଗୋଚର ଲହୈ । । ସାଧୂ କୈ ସଂଗି ଅଜରୁ ସହୈ । । ସାଧ କୈ ସଂଗି ବସୈ ଥାନି ଊଚୈ । । ସାଧୂ କୈ ସଂଗି ମହଲି ପହୂଚୈ । । ସାଧ କୈ ସଂଗି ଦ୍ରିଢୈ ସଭି ଧରମ । । ସାଧ କୈ ସଂଗି କେୱଲ ପାରବ୍ରହମ । । ସାଧ କୈ ସଂଗି ପାଈ ନାମ ନିଧାନ । । ନାନକ ସାଧୂ କୈ କୁରବାନ । ।୪ । ।

ସାଧୁସଙ୍ଗ କଲେ କେବେହେଁ ନ ଧାଏଁ , ଚଞ୍ଚଳିତ ମନ ସଦା ସୁଖ ପାଏ । ।
ସାଧୁସଙ୍ଗ କଲେ ଦୁର୍ଲଭ ମିଳଇ , ଅସହ୍ୟ ସହଜେ ସହି ତ ହୁଅଇ । ।
ସାଧୁସଙ୍ଗ କଲେ ମିଳେ ଉଚ୍ଚ ସ୍ଥାନ , ଅକାଳଚରଣେ ରତ ରହେ ମନ । ।
ସାଧୁସଙ୍ଗ କଲେ ଧର୍ମେ ଦୃଢ଼ ମନ , ଦାସ ଜାଣେ ପ୍ରଭୁ ଏକ ପରଂବ୍ରହ୍ମ । ।
ସାଧୁସଙ୍ଗେ ମିଳେ ସେ ନାମ ନିଧାନ , 'ନାନକ' ସାଧୁଙ୍କୁ କରେ ଧନ୍ୟ ଧନ୍ୟ । ।୪ । ।

--ସାଧ କୈ ସଂଗି ସଭ କୁଲ ଉଧାରୈ । । ସାଧ ସଂଗି ସାଜନ ମୀତ କୁଟଂବ ନିସତାରୈ । । ସାଧୂ କୈ ସଂଗି ସୋ ଧନୁ ପାୱୈ । । ଜିସୁ ଧନ ତେ ସଭୁ କୋ ୱରସାୱୈ । । ସାଧ ସଂଗି ଧରମରାଇ କରେ ସେୱା । । ସାଧ କୈ ସଂଗି ସୋଭା ସୁର ଦେୱା । । ସାଧୂ କୈ ସଂଗି ପାପ ପଲାଇନ । । ସାଧ ସଂଗି ଅଂମ୍ରିତ ଗୁନ ଗାଇନ । । ସାଧ କୈ ସଂଗି ସ୍ରବ ଥାନ ଗଂମି । । ନାନକ ସାଧ କୈ ସଂଗି ସଫଲ ଜନଂମ । । ୫ । ।

ସାଧୁସଙ୍ଗ କଲେ କୁଳକୁ ଉଦ୍ଧାରେ , ସୁଜନ-କୁଟୁମ୍ବ-ମିତ୍ର ସେ ନିସ୍ତାରେ ।।
ସାଧୁସଙ୍ଗତରେ ମିଳେ ସେହି ଧନ , ଯେଉଁ ଧନ ପାଇ ତୃପ୍ତ ସର୍ବଜନ ।।
ସାଧୁସଙ୍ଗ କଲେ ଯମ କରେ ସେବା , ଦେବରାଜ ଇନ୍ଦ୍ର ବୃଦ୍ଧି କରେ ଶୋଭା ।।
ସାଧୁସଙ୍ଗ କଲେ ପାପ ନାଶ ଯାଏ , ପ୍ରଭୁଙ୍କ ଅମୃତ-ଗୁଣ ଦାସ ଗାଏ ।।
ସାଧୁସଙ୍ଗେ ହୁଏ ସର୍ବତ୍ର ଗମନ , 'ନାନକ' ସଫଳ ହୁଅଇ ଜନମ ।।୫।।

*--ସାଧ କୈ ସଂଗି ନହୀ କଛୁ ଘାଲ ।। ଦରସନୁ ଭେଟତ ହୋତ ନିହାଲ ।। ସାଧ କୈ ସଂଗି କଲୂଖତ ହରୈ ।। ସାଧ କୈ ସଂଗି ନରକ ପରହରୈ ।। ସାଧ କୈ ସଂଗି ଇହା ଉହା ସୁହେଲା ।। ସାଧ  ସଂଗି ବିଛୁରତ ହରି ମେଲା ।। ଜୋ ଇଛେ ସୋଇ ଫଲୁ ପାଵୈ ।। ସାଧ କୈ ସଂଗି ନ ବିରଥା ଜାଵୈ ।। ପାରବ୍ରହମୁ ସାଧ ରିଦ ବସୈ ।। ନାନକ ଉଧରୈ ସାଧ ସୁନି ରସୈ ।।୬ ।।*

ସାଧୁସଙ୍ଗ କଲେ ତପ ଲୋଡ଼ା ନାହିଁ , ଦର୍ଶନ ମାତ୍ରକେ ଆନନ୍ଦ ମିଳଇ ।।
ସାଧୁସଙ୍ଗ ପାପ ବିନାଶ କରଇ , ନରକରୁ ଦାସ ରକ୍ଷା ପାଇଥାଇ ।।
ସାଧୁସଙ୍ଗେ ସୁଖ ଲୋକ-ପରଲୋକେ , ହଜିଥିବା ଜୀବ, ହରିଙ୍କୁ ପ୍ରତ୍ୟକ୍ଷେ ।।
ଯାହା ଇଚ୍ଛା ସେହି ଫଳ ମିଳି ଥାଇ , ସାଧୁସଙ୍ଗ କେବେ ବ୍ୟର୍ଥ ଯାଏ ନାହିଁ ।।
ସାଧୁ ହୃଦୟରେ ବସେ ପରଂବ୍ରହ୍ମ , ଦାସ ତରେ ଶୁଣି ସାଧୁ ମୁଖୁ ନାମ ।।୬ ।।

*--ସାଧ କୈ ସଂଗି ସୁନଉ ହରି ନାଉ ।। ସାଧ ସଂଗି ହରି କେ ଗୁନ ଗାଉ ।। ସାଧ କୈ ସଂଗି ନ ମନ ତେ ବିସରୈ ।। ସାଧ ସଂଗି ସରପର ନିସତରୈ ।। ସାଧ କୈ ସଂଗି ଲଗୈ ପ୍ରଭୁ ମୀଠା ।। ସାଧୂ କୈ ସଂଗି ଘଟି ଘଟି ଡୀଠା ।। ସାଧ ସଂଗି ଭଏ ଆଗିଆକାରୀ ।। ସାଧ ସଂଗି ଗତି ଭଈ ହମାରୀ ।। ସାଧ କୈ ସଂଗି ମିଟେ ସଭ ରୋଗ ।। ନାନକ ସାଧ ଭେଟେ ସଂଜୋଗ ।।୭ ।।*

ସାଧୁସଙ୍ଗ କରି ଶୁଣ ହରିନାମ , ସାଧୁସଙ୍ଗ କରି ଗାଅ ହରି ଗୁଣ ।।
ସାଧୁସଙ୍ଗେ ପ୍ରଭୁ ବିସ୍ମୃତ ନ ହୁଏ , ଭକତ ଅବଶ୍ୟ ପରିତ୍ରାଣ ପାଏ ।।
ସାଧୁସଙ୍ଗେ ଲାଗେ ପ୍ରଭୁ ପ୍ରିୟ ଧନ , ଘଟେ ଘଟେ ପ୍ରଭୁ ଦିଏ ଦରଶନ ।।
ସାଧୁସଙ୍ଗେ ଦାସ ପ୍ରଭୁ ଆଜ୍ଞାକାରୀ , ସାଧୁସଙ୍ଗେ ଗତି ହୁଅଇ ଆମରି ।।
ସାଧୁସଙ୍ଗତରେ ଦୂର ହୁଏ ରୋଗ , ସାଧୁସଙ୍ଗ ମିଳେ ଥିଲେ ବଡ଼ ଭାଗ୍ୟ ।।୭ ।।

*--ସାଧ କୀ ମହିମା ବେଦ ନ ଜାନହି । । ଜେତା ସୁନହି ତେତା ବଖିଆନହି । । ସାଧ କୀ ଉପମା ତିହୁ ଗୁଣ ତେ ଦୂରି । । ସାଧ କୀ ଉପମା ରହୀ ଭରପୂରି । । ସାଧ କୀ ସୋଭା କା ନାହୀ ଅଂତ । । ସାଧ କୀ ସୋଭା ସଦା ବେଅଂତ । । ସାଧ କୀ ସୋଭା ଉଚ ତେ ଉଚୀ । । ସାଧ କୀ ସୋଭା ମୂଚ ତେ ମୂଚୀ । । ସାଧ କୀ ସୋଭା ସାଧ ବନିଆଇ । । ନାନକ ସାଧ ପ୍ରଭ ଭେଦୁ ନ ଭାଈ । ।୮ । ।୭ । ।*

ସାଧୁଙ୍କ ମହିମା ବେଦ ନ ଜାଣଇ , ଯାହା ଶୁଣିଥାଇ ତାହା ବଖାଣଇ । ।
ସାଧୁଙ୍କ ଉପମା ତ୍ରିଗୁଣରୁ ଦୂର , ସାଧୁଙ୍କ ଉପମା ପରିପୂର୍ଣ୍ଣ ତୁଲ । ।
ସାଧୁଙ୍କ ଶୋଭାର ନାହିଁ କାହିଁ ଅନ୍ତ , ସାଧୁଙ୍କର ଶୋଭା ସର୍ବଦା ଅନନ୍ତ । ।
ସାଧୁଜନ ଶୋଭା ଉଚ୍ଚଠାରୁ ଉଚ୍ଚ , ମହାନୁ-ମହାନ ବହୁରୁ ବହୁତ । ।
ସାଧୁଙ୍କର ଶୋଭା ସାଧୁଙ୍କୁ ସାଜଇ , ସାଧୁ ପ୍ରଭୁ ମଧ୍ୟେ କିଛି ଭେଦ ନାହିଁ । ।୮ । ।୭ । ।

***ସଲୋକ*** **। । ଶ୍ଳୋକ । ।**

***ମନି ସାଚା ମୁଖି ସାଚା ସୋଇ । । ଅଵରୁ ନ ପେଖୈ ଏକସୁ ବିନୁ କୋଇ । ।***
***ନାନକ ଇହ ଲଛଣ ବ୍ରହମଗିଆନୀ ହୋଇ । ।୧ । ।***

ମନେ ସତ୍ୟ ଥାଇ ମୁଖେ ସତ୍ୟଥାଇ , ଏକ ବିନୁ ଆଉ କାରେ ନ ଦେଖଇ ।
ନାନକ କହଇ , ବ୍ରହ୍ମଜ୍ଞାନୀଙ୍କର ଏ ଲକ୍ଷଣ ଥାଇ । ।

ଅଷ୍ଟପଦୀ । ।

*--ବ୍ରହମଗିଆନୀ ସଦା ନିରଲେପ । । ଜୈସେ ଜଲ ମହି କମଲ ଅଲେପ । । ବ୍ରହମଗିଆନୀ ସଦା ନିରଦୋଖ । । ଜେସେ ସୂରୁ ସରବ କଉ ସୋଖ । । ବ୍ରହମଗିଆନୀ କୈ ଦ୍ରିସଟି ସମାନି । । ଜୈସେ ରାଜ ରଂକ କଉ ଲାଗେ ତୁଲି ପଵାନ । । ବ୍ରହମଗିଆନୀ କୈ ଧୀରଜୁ ଏକ । । ଜିଉ ବସୁଧା କୋଉ ଖୋଦୈ କୋଉ ଚଂଦନ ଲେପ । । ବ୍ରହମଗିଆନୀ କା ଇହେ ଗୁନାଉ । । ନାନକ ଜିଉ ପାଵକ କା ସହଜ ସୁଭାଉ । ।୧ । ।*

ବ୍ରହ୍ମଜ୍ଞାନୀ ସଦା ସଂସାରେ ନିର୍ଲିପ୍ତ , ଯଥା ଜଳ ମଧ୍ୟେ କମଳ ଅସିକ୍ତ । ।
ବ୍ରହ୍ମଜ୍ଞାନୀ ସଦା ଥାଇ ନିରିଦୋଷ , ଯଥା ସୂର୍ଯ୍ୟ ଶୋଷି ନିଏ ସବୁ ରସ । ।
ବ୍ରହ୍ମଜ୍ଞାନୀ ସର୍ବେ ଦେଖଇ ସମାନ , ଯଥା ରାଜାରଂକେ ଲାଗଇ ପବନ । ।
ବ୍ରହ୍ମଜ୍ଞାନୀ ସଦା ଧୈର୍ଯ୍ୟ ରଖିଥାଏ , ଖନନ ଚନ୍ଦନ ଯଥା ଧରା ସହେ । ।
ବ୍ରହ୍ମଜ୍ଞାନୀଙ୍କର ଥାଏ ଏହି ଗୁଣ , 'ନାନକ' ଯେପରି ଅଗ୍ନିର ଦହନ । ।୧ । ।

--ବ୍ରହମଗିଆନୀ ନିରମଲ ତେ ନିରମଲା ।। ଜୈସେ ମୈଲୁ ନ ଲାଗୈ ଜଲା ।। ବ୍ରହମଗିଆନୀ କୈ ମନି ହୋଇ ପ୍ରଗାସୁ ।। ଜୈସେ ଧର ଉପରି ଆକାସୁ ।। ବ୍ରହମଗିଆନୀ କୈ ମିତ୍ର ସତ୍ରୁ ସମାନି ।। ବ୍ରହମଗିଆନୀ କୈ ନାହୀ ଅଭିମାନ ।। ବ୍ରହମଗିଆନୀ ଉଚ ତେ ଉଚା ।। ମନି ଅପନୈ ହୈ ସଭ ତେ ନୀଚା ।। ବ୍ରହମଗିଆନୀ ସେ ଜନ ଭଏ ।। ନାନକ ଜିନ ପ୍ରଭୁ ଆପି କରେଇ ।।୨ ।।

ବ୍ରହ୍ମଜ୍ଞାନୀ ଥାଇ ସର୍ବଦା ନିର୍ମଳ , ଜଳକୁ ଯେସନ ନ ଲାଗଇ ମଳ ।।
ବ୍ରହ୍ମଜ୍ଞାନୀ ମନ ସଦା ଆଲୋକିତ , ଧରାପରେ ଯଥା ଆକାଶ ବିଦିତ ।।
ବ୍ରହ୍ମଜ୍ଞାନୀ ଲାଗି ଶତ୍ରୁ-ମିତ୍ର ସମ , ବ୍ରହ୍ମଜ୍ଞାନୀଙ୍କର ନାହିଁ ଅଭିମାନ ।।
ବ୍ରହ୍ମଜ୍ଞାନୀ ଅଟେ ସବୁଠାରୁ ଉଚ୍ଚ , ନିଜମନେ ସେହୁ ସବୁଠାରୁ ନୀଚ ।।
ବ୍ରହ୍ମଜ୍ଞାନୀ ସେହି ଜନ ହୋଇଥାଇ , 'ନାନକ' ଯାହାକୁ ପ୍ରଭୁହିଁ କରଇ ।।୨ ।।

--ବ୍ରହମଗିଆନୀ ସଗଲ କୀ ରୀନା ।। ଆତମ ରସୁ ବ୍ରହମଗିଆନୀ ଚୀନା ।। ବ୍ରହମଗିଆନୀ କୀ ସଭ ଉପରି ମଇଆ ।। ବ୍ରହମଗିଆନୀ ତେ କଛୁ ବୁରା ନ ଭଇଆ ।। ବ୍ରହମଗିଆନୀ ସଦା ସମଦରସୀ ।। ବ୍ରହମଗିଆନୀ କୀ ଦ୍ରିସଟି ଅଂମ୍ରିତୁ ବରସୀ ।। ବ୍ରହମଗିଆନୀ ବଂଧନ ତେ ମୁକତା ।। ବ୍ରହମଗିଆନୀ କୀ ନିରମଲ ଜୁଗତା ।। ବ୍ରହମଗିଆନୀ କା ଭୋଜନୁ ଗିଆନ ।। ନାନକ ବ୍ରହମଗିଆନୀ କା ବ୍ରହମ ଧିଆନୁ ।।୩ ।।

ବ୍ରହ୍ମଜ୍ଞାନୀ ରହେ ପଦରଜ ସମ , ଥାଏ ଯେଣୁ ତାର ଆତ୍ମାନନ୍ଦ ଜ୍ଞାନ ।।
ବ୍ରହ୍ମଜ୍ଞାନୀ ଦେଖେ ସବୁକୁ କୃପାରେ , କାହା ଅମଙ୍ଗଳ କେବେ ସେ ନ କରେ ।।
ବ୍ରହ୍ମଜ୍ଞାନୀ ସଦା ସମଦର୍ଶୀ ଥାଇ , ଦୃଷ୍ଟିରୁ ତାହାର ସୁଧା ବରଷଇ ।।
ବ୍ରହ୍ମଜ୍ଞାନୀ ଥାଏ ବନ୍ଧନରୁ ମୁକ୍ତ , ତା ଜୀବନ ଶୁଦ୍ଧ ଗଉରବ ଯୁକ୍ତ ।।
ବ୍ରହ୍ମଜ୍ଞାନୀଙ୍କର ଜ୍ଞାନହିଁ ଭୋଜନ , 'ନାନକ' ସଂତତ ବ୍ରହ୍ମହିଁ ଧିଆନ ।।୩ ।।

--ବ୍ରହମଗିଆନୀ ଏକ ଉପରି ଆସ ।। ବ୍ରହମଗିଆନୀ କା ନହୀ ବିନାସ ।। ବ୍ରହମଗିଆନୀ କୈ ଗରୀବୀ ସମାହା ।। ବ୍ରହମଗିଆନୀ ପରଉପକାର ଉମାହା ।। ବ୍ରହମଗିଆନୀ କୈ ନାହୀ ଧଂଧା ।। ବ୍ରହମଗିଆନୀ ଲେ ଧାୱତୁ ବଂଧା ।। ବ୍ରହମଗିଆନୀ କୈ ହୋଇ ସୁ ଭଲା ।। ବ୍ରହମଗିଆନୀ ସୁଫଲ ଫଲା ।। ବ୍ରହମଗିଆନୀ ସଂଗି ସଗଲ ଉଧାରୁ ।। ନାନକ ବ୍ରହମଗିଆନୀ ଜପୈ ସଗଲ ସଂସାରୁ ।।୪ ।।

ବ୍ରହ୍ମଜ୍ଞାନୀ କରେ ଏକ ବ୍ରହ୍ମେ ଆଶ , ତା ଆତ୍ମଜ୍ଞାନର ନୁହଇ ବିନାଶ ।।
ବ୍ରହ୍ମଜ୍ଞାନୀ ମନ ଦାରିଦ୍ର୍ୟରେ ଥାଇ , ପରୋପକାରେ ତା ହୃଦୟ ଆଗ୍ରହୀ ।।
ବ୍ରହ୍ମଜ୍ଞାନୀ ମନେ ଜଞ୍ଜାଳ ନ ଥାଇ , ଭୁଲା ମନକୁ ସେ ବାନ୍ଧିଣ ରଖଇ ।।
ବ୍ରହ୍ମଜ୍ଞାନୀ ଯାହା କରେ ସବୁ ଭଲ , ନରଜନ୍ମ ତାର ହୁଅଇ ସଫଳ ।।
ବ୍ରହ୍ମଜ୍ଞାନୀ କରେ ସଭିଙ୍କୁ ଉଦ୍ଧାର , 'ନାନକ' ତାସଙ୍ଗେ ଜପଇ ସଂସାର ।।୪।।

*--ବ୍ରହମଗିଆନୀ କୈ ଏକୈ ରଂଗ ।। ବ୍ରହମଗିଆନୀ କୈ ବସୈ ପ୍ରଭୁ ସଂଗ ।। ବ୍ରହମଗିଆନୀ କୈ ନାମୁ ଆଧାରୁ ।। ବ୍ରହମଗିଆନୀ କୈ ନାମୁ ପରୱାରୁ ।। ବ୍ରହମଗିଆନୀ ସଦା ସଦ ଜାଗତ ।। ବ୍ରହମଗିଆନୀ ଅହଂବୁଧି ତିଆଗତ ।। ବ୍ରହମଗିଆନୀ କୈ ମନି ପରମାନଂଦ ।। ବ୍ରହମଗିଆନୀ କୈ ଘରି ସଦା ଅନଂଦ ।। ବ୍ରହମଗିଆନୀ ସୁଖ ସହଜ ନିୱାସ ।। ନାନକ ବ୍ରହମଗିଆନୀ କା ନହୀ ବିନାସ ।।୫।।*

ବ୍ରହ୍ମଜ୍ଞାନୀ ହୃଦେ ଏକ ପ୍ରଭୁ ପ୍ରୀତି , ପ୍ରଭୁ ରହେ ସଦା ବ୍ରହ୍ମଜ୍ଞାନୀ କତି ।।
ବ୍ରହ୍ମଜ୍ଞାନୀଙ୍କର ନାମହିଁ ଆଧାର , ବ୍ରହ୍ମଜ୍ଞାନୀଙ୍କର ନାମ ପରିବାର ।।
ବ୍ରହ୍ମଜ୍ଞାନୀ ରହେ ସର୍ବଦା ଜାଗ୍ରତ , ଅହଂବୁଧିରୁ ସେ ରହଇ ବିରତ ।।
ବ୍ରହ୍ମଜ୍ଞାନୀ ମନେ ସେ ପରମାନନ୍ଦ , ହୃଦୟେ ତାହାର ସତତ ଆନନ୍ଦ ।।
ବ୍ରହ୍ମଜ୍ଞାନୀ କରେ ଆତ୍ମସୁଖେ ବାସ , 'ନାନକ' ତାହାର ନୁହଇ ବିନାଶ ।।୫।।

*--ବ୍ରହମଗିଆନୀ ବ୍ରହମ କା ବେତା ।। ବ୍ରହମଗିଆନୀ ଏକ ସଂଗି ହେତା ।। ବ୍ରହମଗିଆନୀ କୈ ହୋଇ ଅଚିଂତ ।। ବ୍ରହମଗିଆନୀ କା ନିରମଲ ମଂତ ।। ବ୍ରହମଗିଆନୀ ଜିସୁ କରୈ ପ୍ରଭୁ ଆପି ।। ବ୍ରହମଗିଆନୀ କା ବଡ ପରତାପ ।। ବ୍ରହମଗିଆନୀ କା ଦରସୁ ବଡଭାଗୀ ପାଈଐ ।। ବ୍ରହମଗିଆନୀ କଉ ବଲି ବଲି ଜାଈଐ ।। ବ୍ରହମଗିଆନୀ କଉ ଖୋଜହି ମହେସୁର ।। ନାନକ ବ୍ରହମଗିଆନୀ ଆପି ପରମେସୁର ।।୬।।*

ବ୍ରହ୍ମଜ୍ଞାନୀ ବ୍ରହ୍ମ ସ୍ୱରୂପ ଜାଣଇ , ଏକ ବ୍ରହ୍ମ ସଙ୍ଗେ ରତ ରହିଥାଇ ।।
ବ୍ରହ୍ମଜ୍ଞାନୀ ସଦା ନିଶ୍ଚିନ୍ତ ରହଇ , ଉପଦେଶ ତାର ନିର୍ମଳ ଅଟଇ ।।
ପ୍ରଭୁ କଲେ ନର ବ୍ରହ୍ମଜ୍ଞାନୀ ହୁଏ , ଏ ଜଗତେ ବହୁ ପ୍ରସିଦ୍ଧି ସେ ପାଏ ।।
ବଡ଼ ଭାଗ୍ୟେ ବ୍ରହ୍ମଜ୍ଞାନୀ ଦେଖା ପାଇ , ଥିବା ସଦା ତାରେ ସମର୍ପିତ ହୋଇ ।।
ଖୋଜୁଥାନ୍ତି ବ୍ରହ୍ମଜ୍ଞାନୀଙ୍କୁ ଶଙ୍କର , 'ନାନକ' ବ୍ରହ୍ମଜ୍ଞ ସ୍ୱରୂପ ବ୍ରହ୍ମର ।।୬।।

*--ବ୍ରହମଗିଆନୀ କୀ କୀମତି ନାହି ।। ବ୍ରହମଗିଆନୀ କୈ ସଗଲ ମନ ମାହି ।। ବ୍ରହମଗିଆନୀ କା କଉନ ଜାନୈ ଭେଦୁ ।। ବ୍ରହମଗିଆନୀ କଉ ସଦା ଅଦେସୁ ।। ବ୍ରହମଗିଆନୀ କା କଥିଆ ନ ଜାଇ ଅଧାଖ୍ୟରୁ ।। ବ୍ରହମଗିଆନୀ ସରବ କା ଠାକୁରୁ ।। ବ୍ରହମଗିଆନୀ କୀ ମିତି କଉନୁ ବଖାନୈ ।। ବ୍ରହମଗିଆନୀ କୀ ଗତି ବ୍ରହମଗିଆନୀ ଜାନୈ ।। ବ୍ରହମଗିଆନୀ କା ଅଂତୁ ନ ପାରୁ ।। ନାନକ ବ୍ରହମଗିଆନୀ କଉ ସଦା ନମସକାରୁ ।।୭ ।।*

ବ୍ରହ୍ମଜ୍ଞାନୀ ଗୁଣ ଅମୂଲ୍ୟ ଅଟଇ , ସବୁ କିଛି ବ୍ରହ୍ମଜ୍ଞାନୀ ମନେ ଥାଇ ।।
ବ୍ରହ୍ମଜ୍ଞାନୀ ଭେଦ କେ ଜାଣି ପାରିବ , ତା ଆଗେ ନମିବା ଶୋଭାହିଁ ପାଇବ ।।
କହିତ ନୁହଇ ତାର ଅଧାକ୍ଷର , ବ୍ରହ୍ମଜ୍ଞାନୀ ଅଟେ ସବୁରି ଠାକୁର ।।
ବ୍ରହ୍ମଜ୍ଞାନୀ ଗୁଣ କେ ପାରେ ବଖାଣି , ବ୍ରହ୍ମଜ୍ଞାନୀ ଗତି ଜାଣେ ବ୍ରହ୍ମଜ୍ଞାନୀ ।।
ଯା ଗୁଣ ସମୁଦ୍ରେ ନାହିଁ କାହିଁ ପାର , ସେହି ବ୍ରହ୍ମଜ୍ଞାନୀ ପାଦେ ନମସ୍କାର ।।୭ ।।

*--ବ୍ରହମଗିଆନୀ ସଭ ସ୍ରିସଟି କା କରତା ।। ବ୍ରହମଗିଆନୀ ସଦ ଜୀୱୈ ନହୀ ମରତା ।। ବ୍ରହମଗିଆନୀ ମୁକତି ଜୁଗତି ଜୀଅ କା ଦାତା ।। ବ୍ରହମଗିଆନୀ ପୂରନ ପୁରଖୁ ବିଧାତା ।। ବ୍ରହମଗିଆନୀ ଅନାଥ କା ନାଥୁ ।। ବ୍ରହମଗିଆନୀ କା ସଭ ଊପରି ହାଥୁ ।। ବ୍ରହମଗିଆନୀ କା ସଗଲ ଅକାରୁ ।। ବ୍ରହମଗିଆନୀ ଆପି ନିରଂକାରୁ ।। ବ୍ରହମଗିଆନୀ କୀ ସୋଭା ବ୍ରହମଗିଆନୀ ବନୀ ।। ନାନକ ବ୍ରହମଗିଆନୀ ସରବ କା ଧନୀ ।।୮ ।।୮ ।।*

ବ୍ରହ୍ମଜ୍ଞାନୀ କର୍ତ୍ତା ଏ ସାରା ସୃଷ୍ଟିର , ସଦା ସେ ଜୀବିତ ମୃତ୍ୟୁ ନାହିଁ ତାର ।।
ବ୍ରହ୍ମଜ୍ଞାନୀ ମୁକ୍ତି ଯୁକ୍ତି ଜୀବଦାତା , ବ୍ରହ୍ମଜ୍ଞାନୀ ପୂର୍ଣ୍ଣ ପୁରୁଷ ବିଧାତା ।।
ବ୍ରହ୍ମଜ୍ଞାନୀ ଅଟେ ଅନାଥର ନାଥ , ସବୁରି ଉପରେ ଥାଏ ତାର ହାତ ।।
ବ୍ରହ୍ମଜ୍ଞାନୀ ରୂପ ଏ ସାରା ସଂସାର , ବ୍ରହ୍ମଜ୍ଞାନୀ ନିଜେ ପ୍ରଭୁ ନିରାକାର ।।
ବ୍ରହ୍ମଜ୍ଞାନୀ ଶୋଭା ତାକୁହିଁ ସାଜଇ , 'ନାନକ' ସବୁରି ସ୍ୱାମୀ ସେ ଅଟଇ ।।୮ ।।୮ ।।

***ସଲୋକ*** **।। ଶ୍ଳୋକ ।।**

***ଉରିଧାରୈ ଜୋ ଅଂତରି ନାମୁ ।। ସରବ ମୈ ପେଖୈ ଭଗୱାନୁ ।।***
***ନିମଖ ନିମଖ ଠାକୁର ନମସକାରୈ ।। ନାନକ ଓହୁ ଅପରସୁ ସଗଲ ନିସତାରୈ ।।୧ ।।***

ହୃଦୟରେ ସଦା  ଧରେ ଯିଏ ନାମ , ସବୁରି ମଧ୍ୟରେ ଦେଖେ ଭଗବାନ  ।।
ଠାକୁରଙ୍କୁ ସଦା କରେ  ନମସ୍କାର , ସେ ନିର୍ଲିପ୍ତ କରେ ସବୁକୁ ଉଦ୍ଧାର  ।।୧।।

ଅଷ୍ଟପଦୀ  ।।

*--ମିଥିଆ ନାହୀ ରସନା ପରସ ।। ମନ ମହି ପ୍ରୀତି ନିରଂଜନ ଦରସ ।। ପର ତ୍ରିଅ ରୂପୁ ନ ପେଖୈ ନେତ୍ର ।। ସାଧ କୀ ଟହଲ ସଂତ ସଂଗି ହେତ ।। କରନ ନ ସୁନୈ କାହୂ କୀ ନିଂଦା ।। ସଭ ତେ ଜାନୈ ଆପସ କଉ ମଂଦା ।। ଗୁର ପ୍ରସାଦି ବିଖିଆ ପରହରୈ ।। ମନ କୀ ବାସନା ମନ ତେ ଟରୈ ।। ଇନ୍ଦ୍ରୀ ଜିତ ପଂଚ ଦୋଖ ତେ ରହତ ।। ନାନକ କୋଟି ମଧେ କୋ ଐସା ଅପରସ ।।୧।।*

ରସନାକୁ ଯାର ମିଥ୍ୟା ନ ଛୁଅଁଇ , ପ୍ରଭୁ ଦରଶନ ପ୍ରୀତି ମନେ ଥାଇ  ।।
ପରନାରୀ ରୂପ ନେତ୍ରେ ନ ଦେଖଇ , ସାଧୁସେବା ସତସଙ୍ଗ କରୁଥାଇ  ।।
କର୍ଣ୍ଣେ ପରନିନ୍ଦା କେବେହେଁ ନ ଶୁଣେ , ସବୁଠାରୁ ମନ୍ଦ ଆପଣାକୁ ମଣେ  ।।
ତେଜଇ ବିଷୟ ଗୁରୁଙ୍କ ଆଶିଷେ , ମନର ବାସନା ମନରେ ବିନାଶେ  ।।
ଜିତେନ୍ଦ୍ରିୟ ଆଉ ପଞ୍ଚଦୋଷୁ ମୁକ୍ତ , 'ନାନକ' କୋଟିରେ ଗୋଟିଏ ନିର୍ଲିପ୍ତ  ।।୧।।

*--ବୈସନୋ ସୋ ଜିସୁ ଊପରି ସୁପ୍ରସଂନ ।। ବିସନ କୀ ମାଇଆ ତେ ହୋଇ ଭିଂନ ।। କରମ କରତ ହୋଵୈ ନିହକରମ ।। ତିସୁ ବୈସନୋ କା ନିରମଲ ଧରମ ।। କାହୂ ଫଲ କୀ ଇଛା ନହୀ ବାଛୈ ।। କେଵଲ ଭଗତି କୀରତନ ସଂଗି ରାଚୈ ।। ମନ ତନ ଅଂତରି ସିମରନ ଗୋପାଲ ।। ସଭ ଊପରି ହୋଵତ କିରପାଲ ।। ଆପି ଦ୍ରିଡ଼ୈ ଅଵରହ ନାମୁ ଜପାଵୈ ।। ନାନକ ଓହୁ ବୈସନୋ ପରମ ଗତି ପାଵୈ ।।୨।।*

ସେ ଅଟେ ବୈଷ୍ଣବ ପ୍ରଭୁ ପ୍ରୀତ ଯାରେ , ବିଷ୍ଣୁଙ୍କ ମାୟା ରୁ ରହିଥାଏ ଦୂରେ  ।।
ଥାଏ ସେ ନିଷ୍କର୍ମା କରେ ସିନା କର୍ମ , ସେଇ ବୈଷ୍ଣବର ନିରିମଳ ଧର୍ମ  ।।
ଫଳ ଅଭିଳାଷ ନ ରଖଇ ମନେ , ଥାଇ ଖାଲି ପ୍ରୀତି ଭକତି , କୀର୍ତ୍ତନେ  ।।
ମନରେ ତନୁରେ ଗୋପାଳ ସୁମରେ , ଦୟାଭାବ ରଖେ ସବୁରି ଉପରେ  ।।
ଆପେ ଦୃଢ଼ଥାଇ ଅପରେ ଜପାଏ , ପରମଗତିକି ସେ ବୈଷ୍ଣବ ପାଏ  ।।୨।।

*--ଭଗଉତୀ ଭଗଵଂତ ଭଗତି କା ରଂଗୁ ।। ସଗଲ ତିଆଗୈ ଦୁସଟ କା ସଂଗୁ ।। ମନ ତେ ବିନସୈ ସଗଲା ଭରମୁ ।। କରି ପୂଜୈ ସଗଲ ପାରବ୍ରହମୁ ।। ସାଧ ସଂଗି ପାପା ମଲୁ*

*ଖୋଜୈ । । ତିସୁ ଭଗଉତୀ କୀ ମତି ଉତମ ହୋଜୈ । । ଭଗୱଂତ କୀ ଟହଲ କରୈ ନିତ ନୀତି । । ମନୁ ତନୁ ଅରପୈ ବିସନ ପରୀତି । । ହରି କେ ଚରନ ହିରଦୈ ବସାଜୈ । । ନାନକ ଐସା ଭଗଉତୀ ଭଗୱଂତ କଉ ପାଜୈ । ।୩ । ।*

ଭକ୍ତ ସିଏ ଯାର ଥାଏ ଭକ୍ତିରଂଗ , ତେଜିଥାଇ ସର୍ବ ଦୁର୍ଜନର ସଙ୍ଗ । ।
ତୁଟିଥାଏ ତାର ମନୁ ସାରା ଭ୍ରମ , ପୂଜଇ ସକଳେ ଜାଣି ପରଂବ୍ରହ୍ମ । ।
ସାଧୁସଙ୍ଗ କରି ପାପ କରେ ଦୁର , ପବିତ୍ର ଅଟଇ ବୁଦ୍ଧି ସେ ଭକ୍ତର । ।
ପ୍ରଭୁଙ୍କର ସେବା କରୁଥାଇ ନିତି , ତନୁମନ ଦେଇ କରେ ହରି ପ୍ରୀତି । ।
ହୃଦୟରେ ଥାପେ ଶ୍ରିହରି ଚରଣ , 'ନାନକ' ସେ ଭକ୍ତ ଲଭେ ଭଗବାନ । ।୩ । ।

*--ସୋ ପଂଡିତୁ ଜୋ ମନୁ ପରବୋଧୈ । । ରାମ ନାମୁ ଆତମ ମହି ସୋଧୈ । । ରାମ ନାମ ସାରୁ ରସୁ ପୀଜୈ । । ଉସୁ ପଂଡିତ କୈ ଉପଦେସି ଜଗୁ ଜୀଜୈ । । ହରି କୀ କଥା ହିରଦୈ ବସାଜୈ । । ସୋ ପଂଡିତୁ ଫିରି ଜୋନି ନ ଆଜୈ । । ବେଦ ପୁରାନ ସିମ୍ରିତି ବୁଝୈ ମୂଲ । । ସୁଖମ ମହି ଜାନୈ ଅସଥୂଲୁ । । ଚହୁ ୱରନା କଉ ଦେ ଉପଦେସୁ । । ନାନକ ଉସୁ ପଂଡିତ କଉ ସଦା ଅଦେସୁ । ।୪ । ।*

ପଣ୍ଡିତ ସିଏ ଯେ ପ୍ରବୋଧେ ମନକୁ , ଆତ୍ମା ମଧ୍ୟେ ଖୋଜେ ରାମ ନାମକୁ । ।
ପାନ କରେ ରାମନାମ ରସ ସାର , ଚଳଇ ଜଗତ ଉପଦେଶେ ତାର । ।
ହରି କଥା ଯିଏ ଧରେ ହୃଦୟରେ , ସେ ପଣ୍ଡିତ ଆଉ ନ ଆସେ ଯୋନୀରେ । ।
ବୁଝେ ବେଦ ସ୍ମୃତି ପୁରାଣର ମୂଳ , ଜାଣଇ ତ ସେହୁ ସୂକ୍ଷ୍ମ ମଧ୍ୟେ ସ୍ଥୂଳ । ।
ଚାରିବର୍ଣ୍ଣକୁ ସେ ଉପଦେଶ ଦିଏ , 'ନାନକ' ତା ଆଗେ ମଥା ମୁଁ ନୁଆଏଁ । ।୪ । ।
*(ଚାରିବର୍ଣ୍ଣ :-ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର )*

*--ବୀଜ ମଂତ୍ର ସରବ କୋ ଗିଆନୁ । ।ଚହୁ ୱରନା ମହି ଜପୈ କୋଉ ନାମୁ । । ଜୋ ଜୋ ଜପୈ ତିସ କୀ ଗତି ହୋଇ । । ସାଧ ସଂଗି ପାଜୈ ଜନୁ କୋଇ । । କରି କିରପା ଅଂତରି ଉରଧାରୈ । । ପସୁ ପ୍ରେତ ମୁଘଦ ପାଥର କଉ ତାରୈ । । ସରବ ରୋଗ କା ଅଉଖଦୁ ନାମୁ । । କଲିଆଣ ରୂପ ମଂଗଲ ଗୁଣ ଗାମ । । କାହୂ ଜୁଗତି କିତୈ ନ ପାଈଏ ଧରମି । । ନାନକ ତିସୁ ମିଲୈ ଜିସୁ ଲିଖିଆ ଧୁରି କରମି । ।୫ । ।*

ଅଛି ତ ସବୁରି ବୀଜମନ୍ତ୍ର ଜ୍ଞାନ , ଚାରିବର୍ଣ୍ଣ ମଧ୍ୟେ ଜପୁ ଯିଏ ନାମ ।।

ଯିଏ ନାମ ଜପେ ଭବୁ ତରି ଯାଏ , ସାଧୁସଙ୍ଗ କରି ବହୁରେ ଗୋଟିଏ ।।

ପ୍ରଭୁ କୃପା କଲେ ବସଇ ଅନ୍ତରେ , ପଶୁ ପ୍ରେତ ମୂର୍ଖ ନିଷ୍ଠୁରଙ୍କୁ ତାରେ ।।

ସମସ୍ତ ରୋଗର ଅଉଷଧ ନାମ , କଲ୍ୟାଣ ସ୍ୱରୂପ ପ୍ରଭୁ ଗୁଣଗାନ ।।

ଯୁକ୍ତିରେ କାହାକୁ ନ ମିଳଇ ଧର୍ମ , 'ନାନକ' ପାଏ ସେ ଥିଲେ ତାର କର୍ମ ।।୫।।

*--ଜିସକୈ ମନି ପାରବ୍ରହମ କା ନିୱାସୁ ।। ତିସ କା ନାମ ସତି ରାମଦାସୁ ।। ଆତମରାମୁ ତିସୁ ନଦରୀ ଆଇଆ ।। ଦାସ ଦସଂତଣ ଭାଇ ତିନି ପାଇଆ ।। ସଦା ନିକଟି ନିକଟି ହରି ଜାନୁ ।। ସୋ ଦାସୁ ଦରଗହ ପରୱାନୁ ।। ଅପୁନେ ଦାସୁ କଉ ଆପି କିରପା କରୈ ।। ତିସୁ ଦାସ କଉ ସଭ ସୋଝୀ ପରୈ ।। ସଗଲ ସଂଗି ଆତମ ଉଦାସୁ ।। ଐସୀ ଜୁଗତି ନାନକ ରାମଦାସୁ ।।୬।।*

ଯାହା ମନେ ପରଂବ୍ରହ୍ମର ନିବାସ , ନାମଟି ତାହାର ସଚ୍ଚା ରାମଦାସ ।।

ଆତ୍ମାରାମକୁ ସେ ଦର୍ଶନ କରିଛି , ଦାସ ଅନୁଦାସ ଭାବେ ତା ପାଇଛି ।।

ହରିକୁ ସେ ଅତି ନିକଟ ଜାଣଇ , ଆସ୍ଥାନେ ତାହାକୁ ମର୍ଯ୍ୟାଦା ମିଳଇ ।।

ପ୍ରଭୁ ସେ ଦାସକୁ କୃପା କରେ ଦାନ , ସେହି ଦାସ ପାଇ ଥାଏ ସବୁ ଜ୍ଞାନ ।।

ସକଳ ପଦାର୍ଥେ ରହଇ ଉଦାସ , 'ନାନକ' ଏଭଳି ହୁଏ ରାମଦାସ ।।୬।।

*--ପ୍ରଭ କୀ ଆଗିଆ ଆତମ ହିତାଵୈ ।। ଜୀୱନ ମୁକତି ସୋଉ କହାଵୈ ।। ତୈସା ହରଖୁ ତୈସା ଉସୁ ସୋଗୁ ।। ସଦା ଅନଂଦୁ ତହ ନହୀ ବିଓଗୁ ।। ତୈସା ସୁଵରନୁ ତୈସୀ ଉସୁ ମାଟୀ ।। ତୈସା ଅଂମ୍ରିତୁ ତୈସୀ ବିଖୁ ଖାଟୀ ।। ତୈସା ମାନୁ ତୈସା ଅଭିମାନୁ ।। ତୈସା ରଂକୁ ତୈସା ରାଜାନୁ ।। ଜୋ ୱରତାଏ ସାଈ ଜୁଗତି ।। ନାନକ ଓହୁ ପୁରଖୁ କହୀଐ ଜୀୱନ ମୁକତି ।।୭।।*

ଯିଏ ପ୍ରଭୁ ଆଜ୍ଞା ଆତ୍ମାରେ ମାନଇ , ଜୀବନ ମୁକ୍ତ ସେ ଦାସ ତ ବୋଲାଇ ।।

ଯେପରି ହରଷ ସେହି ପରି ଶୋକ , ସଦା ସେ ଆନନ୍ଦ ନ ଥାଏ ତା ଦୁଃଖ ।।

ଯେପରି ସୁବର୍ଣ୍ଣ, ମାଟି ସେହିପରି , ଅମୃତ କୁ ମଣେ ବିଷ ସମସରି ।।

ମାନ, ଅଭିମାନ ଉଭୟ ସମାନ , ଯେଉଁ ପରି ରଂକ ସେ ପରି ରାଜନ ।।

ଯାହାକରେ ତାହା ଯୁକ୍ତିରେ କରଇ , 'ନାନକ' ଜୀବନ ମୁକ୍ତ ସେ ଅଟଇ ।।୭।।

*--ପାରବ୍ରହମ କେ ସଗଲେ ଠାଉ । । ଜିତୁ ଜିତୁ ଘରି ରାଖୈ ତୈସା ତିନ ନାଉ । । ଆପେ କରନ କରାୱନ ଜୋଗୁ । । ପ୍ରଭ ଭାୱୈ ସୋଇ ଫୁନି ହୋଗୁ । । ପସରିଓ ଆପି ହୋଇ ଅନତ ତରଂଗ । । ଲଖେ ନ ଜାହି ପାରବ୍ରହମ କେ ରଂଗ । । ଜୈସୀ ମତି ଦେଇ ତୈସା ପରଗାସ । । ପାରବ୍ରହମୁ କରତା ଅବିନାସ । । ସଦା ସଦା ସଦା ଦଇଆଲ । । ସିମରି ସିମରି ନାନକ ଭଏ ନିହାଲ । ।୮ । ।୯ । ।*

ସେ ପରଂବ୍ରହ୍ମର ଅଟେ ସବୁ ସ୍ଥାନ , ରଖେ ଯେଉଁଠାବେ ହୁଏ ସେହି ନାମ ।

କରି କରାଇବା ଯୋଗ୍ୟ ପ୍ରଭୁ ସିଏ , ତାକୁ ଯାହା ଭଲ ଲାଗେ ତାହା ହୁଏ । ।

ଅନନ୍ତ ତରଙ୍ଗ ରୂପେ ପରିବ୍ୟାପ୍ତ , ଲୀଳାକୁ ତାହାର କରି ନୁହେ ବ୍ୟକ୍ତ । ।

ଯେଉଁ ବୁଦ୍ଧି ଦିଏ ହୁଏ ସେହି ପରି , ପରଂବ୍ରହ୍ମ କର୍ତ୍ତା ଅବିନାଶୀ ହରି । ।

ସେ ପ୍ରଭୁ ଅଟଇ ଦୟାଳୁ ସଂତତ , ସୁମରି ସୁମରି 'ନାନକ' କୃତାର୍ଥ । ।୮ । ।୯ । ।

**ସଲୋକ । । ଶ୍ଳୋକ । ।**

***ଉସତତି କରହି ଅନେକ ଜନ ଅଂତୁ ନ ପାରାୱାର । ।***

***ନାନକ ରଚନା ପ୍ରଭି ରଚୀ ବହୁ ବିଧି ଅନିକ ପ୍ରକାର । ।୧ । ।***

ବହୁଜନ ଗୁଣ-ଗାନ କରୁଛନ୍ତି , ନାହିଁ କାହିଁ ଅନ୍ତ ଯାର ।

'ନାନକ' ରଚନା ରଚିଛି ସେ ପ୍ରଭୁ , କେତେ ନା କେତେ ପ୍ରକାର । ।୧ । ।

ଅଷ୍ଟପଦୀ । ।

*--କଈ କୋଟି ହୋଇ ପୂଜାରୀ । । କଈ କୋଟି ଆଚାର ବିଉହାରୀ । । କଈ କୋଟି ଭଏ ତୀରଥ ୱାସୀ । । କଈ କୋଟି ବନ ଭ୍ରମହି ଉଦାସୀ । । କଈ କୋଟି ବେଦ କେ ସ୍ରୋତେ । । କଈ କୋଟି ତପୀସୁର ହୋତେ । । କଈ କୋଟି ଆତମ ଧିଆନୁ ଧାରହି । । କଈ କୋଟି କବି କାବି ବୀଚାରହି । । କଈ କୋଟି ନୱତନ ନାମ ଧିଆୱହି । । ନାନକ କରତେ କା ଅଂତୁ ନ ପାୱହି । ।୧ । ।*

କୋଟି କୋଟି ହୋଇ ଅଛନ୍ତି ପୂଜାରୀ , କେତେ କୋଟି ଛନ୍ତି ଧରମ ଆଚରି । ।

କୋଟି କୋଟି ହୋଇ କେତେ ତୀର୍ଥବାସୀ , କୋଟି କୋଟି ବନେ ଭ୍ରମନ୍ତି ଉଦାସୀ । ।

କୋଟି କୋଟି ହୋଇ ବେଦ ଶ୍ରୋତା କେତେ , ତପୀଶ୍ୱର କେତେ ଅଛନ୍ତି ଜଗତେ । ।

କେତେ କୋଟି ଛନ୍ତି ଧରି ଆତ୍ମଧ୍ୟାନ , କେତେ କବି କାବ୍ୟ କରୁଛନ୍ତି ଜ୍ଞାନ । ।

କେତେ ଛନ୍ତି ନିତ୍ୟ ନବନାମ ଧ୍ୟାୟୀ , 'ନାନକ' କର୍ତ୍ତାର ଅନ୍ତ ନ ମିଳଇ । ।୧ । ।

*--କଇ କୋଟି ଭଏ ଅଭିମାନୀ । । କଇ କୋଟି ଅଂଧ ଅଗିଆନୀ । । କଇ କୋଟି କିରପନ କଠୋର । । କଇ କୋଟି ଅଭିଗ ଆତମ ନିକୋର । । କଇ କୋଟି ପର ଦରବ କଉ ହିରହି । । କଇ କୋଟି ପରଦୂଖନା କରହି । । କଇ କୋଟି ମାଇଆ ସ୍ରମ ମାହି । । କଇ କୋଟି ପରଦେସ ଭ୍ରମାହି । । ଜିତୁ ଜିତୁ ଲାୱହୁ ତିତୁ ତିତୁ ଲଗନା । । ନାନକ କରତେ କୀ ଜାନୈ କରତା ରଚନା । ।୨ । ।*

କେତେ କୋଟି ଛନ୍ତି ଧରି ଅଭିମାନ , ଛନ୍ତି କୋଟି ଅନ୍ଧ ଅଛନ୍ତି ଅଜ୍ଞାନ । ।
କୋଟି କୋଟି ଛନ୍ତି କଠୋର କୃପଣ , ଛନ୍ତି କେତେ ଶୁଷ୍କ ସଂବେଦନାହୀନ । ।
କୋଟି କୋଟି ଛନ୍ତି ପରଦ୍ରବ୍ୟହରି , ଛନ୍ତି କେତେ କେତେ ପରନିନ୍ଦା କରି । ।
ଖଟୁଛନ୍ତି କେତେ ପାଇବାକୁ ଧନ , କେତେ କରୁଛନ୍ତି ବିଦେଶ ଭ୍ରମଣ । ।
ଯେଉଁଠି ରଖିଛି ଜୀବ ତହିଁ ଅଛି , କର୍ତ୍ତାର ରଚନା କର୍ତ୍ତାହିଁ ଜାଣିଛି । ।୨ । ।

*--କଇ କୋଟି ସିଧ ଜତୀ ଜୋଗୀ । । କଇ କୋଟି ରାଜେ ରସ ଭୋଗୀ । । କଇ କୋଟି ପଂଖୀ ସରପ ଉପାଏ । । କଇ କୋଟି ପାଥର ବିରଖ ନିପଜାଏ । । କଇ କୋଟି ପୱଣ ପାଣୀ ବୈସଂତର । । କଇ କୋଟି ଦେସ ଭୂ ମଂଡଲ । । କଇ କୋଟି ସସୀଅର ସୂର ନଖ୍ୟତ୍ର । । କଇ କୋଟି ଦେୱ ଦାନୱ ଇଂଦ୍ର ସିରି ଛତ୍ର । । ସଗଲ ସମଗ୍ରୀ ଅପନୈ ସୂତି ଧାରୈ । । ନାନକ ଜିସୁ ଜିସୁ ଭାୱୈ ତିସୁ ତିସୁ ନିସତାରୈ । ।୩ । ।*

କୋଟି କୋଟି ଛନ୍ତି ସିଦ୍ଧ ଯତି ଯୋଗୀ , ଛନ୍ତି କୋଟି କେତେ ରାଜା ରସ ଭୋଗୀ । ।
କେତେ ପକ୍ଷୀ ସର୍ପ ପ୍ରଭୁ ସୃଷ୍ଟି କଲା , କୋଟି କୋଟି ଶିଳା ବୃକ୍ଷ ଜନ୍ମ ଦେଲା । ।
କେତେ କୋଟି ଅଗ୍ନି ବାୟୁ ଆଉ ଜଳ , କଲା କେତେ କେତେ ଦେଶ ଭୂମଣ୍ଡଳ । ।
କୋଟି କୋଟି ତାରା ସୂର୍ଯ୍ୟ ଆଉ ଚନ୍ଦ୍ର , କେତେ ଦେବ ଦୈତ୍ୟ ଛତ୍ରପତି ଇନ୍ଦ୍ର । ।
ସକଳ ସୃଷ୍ଟିକୁ ରଖିଛି ଆଜ୍ଞାରେ , ଭଲ ଲାଗେ ଯିଏ ତାକୁହିଁ ଉଦ୍ଧାରେ । ।୩ । ।

*--କଇ କୋଟି ରାଜସ ତାମସ ସାତକ । । କଇ କୋଟି ବେଦ ପୁରାନ ସିମ୍ରିତି ଅରୁ ସାସତ । । କଇ କୋଟି କୀଏ ରତନ ସମୁଦ । । କଇ କୋଟି ନାନା ପ୍ରକାର ଜଂତ । । କଇ କୋଟି କୀଏ ଚିର ଜୀୱେ । । କଇ କୋଟି ଗିରୀ ମେର ସୁୱରନ ଥୀୱେ । । କଇ କୋଟି ଜଖ୍ୟ କିଂନର ପିସାଚ । । କଇ କୋଟି ଭୂତ ପ୍ରେତ ସୂକର ମ୍ରିଗାଚ । । ସଭ ତେ ନେରୈ ସଭହୂ ତେ ଦୂରି । । ନାନକ ଆପି ଅଲିପତୁ ରହିଆ ଭରପୂରି । ।୪ । ।*

କେତେ ସତ ରଜ ତମ ଗୁଣବାନ , କେତେ ଶାସ୍ତ୍ର ବେଦ ସ୍ମୃତି ଓ ପୁରାଣ ।।
ରତନ ସମୁଦ୍ର କେତେ କୋଟି କଲା , କୋଟି କୋଟି ଜୀବ ଜନ୍ତୁ ସେ ଗଢ଼ିଲା ।।
ଗଢ଼ିଲା ଦୀର୍ଘାୟୁ ଜୀବ ଅସୁମାରି , କଲା କେତେ କେତେ ସ୍ୱର୍ଣ୍ଣ ମେରୁ ଗିରି ।।
କୋଟି କୋଟି ଯକ୍ଷ ପିଶାଚ କିନ୍ନର , କେତେ ଭୂତ ପ୍ରେତ କେଶରୀ ଶୂକର ।।
ନିକଟରେ ପ୍ରଭୁ ଦୂରେ ପ୍ରଭୁ ଥାଇ , ସବୁଠାରେ ଥାଇ କେଉଁଠି ନ ଥାଇ ।।୪।।

*--କଇ କୋଟି ପାତାଲ କେ ୱାସୀ ।। କଇ କୋଟି ନରକ ସୁରଗ ନିୱାସୀ ।। କଇ କୋଟି ଜନମହି ଜୀୱହି ମରହି ।। କଇ କୋଟି ବହୁ ଜୋନୀ ଫିରହି ।। କଇ କୋଟି ବୈଠତ ହୀ ଖାହି ।। କଇ କୋଟି ଘାଲହି ଥକ ପାହି ।। କଇ କୋଟି କୀଏ ଧନୱଂତ ।। କଇ କୋଟି ମାଇଆ ମହି ଚିଂତ ।। ଜହ ଜହ ଭାଣା ତହ ତହ ରାଖେ ।। ନାନକ ସଭୁ କିଛୁ ପ୍ରଭ କୈ ହାଥେ ।।୫ ।।*

କେତେ କୋଟି ଛନ୍ତି ପାତାଳ ନିବାସୀ , ଛନ୍ତି କେତେ କୋଟି ସ୍ୱର୍ଗ-ନର୍କବାସୀ ।।
କେତେ କୋଟି ଜନ୍ମି ଜିଇଁ ମରିଥାନ୍ତି , କେତେ କୋଟି ବହୁ ଯୋନିରେ ଭ୍ରମନ୍ତି ।।
କେତେ କେତେ ଖାଲି ବସି ଖାଉଛନ୍ତି , ଖଟି ଖଟି କେତେ ଥକି ପଡୁଛନ୍ତି ।।
ପ୍ରଭୁ କଲା କେତେ କୋଟି ଧନବନ୍ତ , କେତେ କୋଟି ମାୟା ଚିନ୍ତାରେ ଚିନ୍ତିତ ।।
ଯହିଁ ସେ ଚାହିଁଲା ରଖିଲା ସେଠାରେ , 'ନାନକ' ସବୁତ ସେ ପ୍ରଭୁ ହାତରେ ।।୫।।

*--କଇ କୋଟି ଭଏ ବୈରାଗୀ ।। ରାମ ନାମ ସଂଗି ତିନି ଲିୱ ଲାଗୀ ।। କଇ କୋଟି ପ୍ରଭ କଉ ଖୋଜଂତେ ।। ଆତମ ମହି ପାରବ୍ରହମୁ ଲହଂତେ ।। କଇ କୋଟି ଦରସନ ପ୍ରଭ ପିଆସ ।। ତିନ କଉ ମିଲିଓ ପ୍ରଭୁ ଅବିନାସ ।। କଇ କୋଟି ମାଗହି ସତସଂଗୁ ।। ପାରବ୍ରହମ ତିନ ଲାଗା ରଂଗୁ ।। ଜିନ କଉ ହୋଏ ଆପି ସୁପ୍ରସଂନ ।। ନାନକ ତେ ଜନ ସଦା ଧନି ଧଂନି ।।୬ ।।*

ଏ ସୃଷ୍ଟିରେ କେତେ ବଇରାଗୀ ଛନ୍ତି , ହୃଦୟେ ଆପଣା ରାମ ନାମ ଚିନ୍ତି ।।
କେତେ କୋଟି ପ୍ରାଣୀ ପ୍ରଭୁଙ୍କୁ ଖୋଜନ୍ତି , ନିଜ ମଧ୍ୟେ କେତେ ତାହାଙ୍କୁ ପାଆନ୍ତି ।।
କେତେ କେତେ ପ୍ରଭୁ ଦର୍ଶନ ପିଆସୀ , ମିଳେ ସେମାନଙ୍କୁ ପ୍ରଭୁ ଅବିନାଶୀ ।।
ପ୍ରଭୁଙ୍କୁ ମାଗନ୍ତି କେତେ ସତସଙ୍ଗ , ସେ ମାନଙ୍କୁ ଲାଗିଥାଏ ପ୍ରଭୁରଙ୍ଗ ।।
ଯେଉଁ ଜନେ ପ୍ରଭୁ ଆପେ ସୁପ୍ରସନ୍ନ , 'ନାନକ' ସେ ହୁଏ ସଦା ଧନ୍ୟ ଧନ୍ୟ ।।୬।।

*--କଇ କୋଟି ଖାଣୀ ଅରୁ ଖଂଡ । । କଇ କୋଟି ଆକାସ ବ୍ରହମଂଡ । । କଇ କୋଟି ହୋଏ ଅୱତାର । । କଇ ଜୁଗତି କୀନୋ ବିସଥାର । । କଇ ବାର ପସରିଓ ପାସାର । । ସଦା ସଦା ଇକୁ ଏକଂକାର । । କଇ କୋଟି କୀନେ ବହୁ ଭାତି । । ପ୍ରଭ ତେ ହୋଏ ପ୍ରଭ ମାହି ସମାତି । । ତା କା ଅଂତୁ ନ ଜାନୈ କୋଇ । । ଆପେ ଆପି ନାନକ ପ୍ରଭୁ ସୋଇ । ।୭ । ।*

ପ୍ରଭୁ କେତେ କୋଟି ଖଣି ଆଉ ଖଣ୍ଡ , କଲା କେତେ କେତେ ଆକାଶ ବ୍ରହ୍ମାଣ୍ଡ । ।
କଲା କେତେ କୋଟି ଜୀବ ଅବତାର , କେତେ କୋଟି ନୀତି ନିୟମ ବିସ୍ତାର ।
କେତେ ବାର କଲା ସୃଷ୍ଟିର ବିସ୍ତାର , ସଦା ସଦା ହେଲା ସେ ଏକ-ଓଁକାର । ।
କେତେ କୋଟି ନାନାବିଧ ଜୀବମାନ , ପ୍ରଭୁଠାରୁ ଜାତ ପ୍ରଭୁଠାରେ ଲୀନ । ।
ତାହାର ଅନ୍ତ ନ ଜାଣିପାରେ କେହି , 'ନାନକ' ଅଟଇ ଆପେ ପ୍ରଭୁ ସେହି । ।୭ । ।

*--କଇ କୋଟି ପାରବ୍ରହମ କେ ଦାସ । । ତିନ ହୋୱତ ଆତମ ପରଗାସ । । କଇ କୋଟି ତତ କେ ବେତେ । । ସଦା ନିହାରହି ଏକୋ ନେତ୍ରେ । । କଇ କୋଟି ନାମ ରସୁ ପୀୱହି । । ଅମର ଭଏ ସଦ ସଦହୀ ଜୀୱହି । । କଇ କୋଟି ନାମ ଗୁନ ଗାୱହି । । ଆତମ ରସି ସୁଖି ସହଜି ସମାୱହି । । ଅପୁନେ ଜନ କଉ ସାସି ସାସି ସମାରେ । । ନାନକ ଓଇ ପରମେସୁର କେ ପିଆରେ । ।୮ । ।୧୦ । ।*

ଛନ୍ତି କେତେ କୋଟି ପରଂବ୍ରହ୍ମ ଦାସ , ଅଛି ସେମାନଙ୍କ ଆତ୍ମାରେ ପ୍ରକାଶ । ।
କୋଟି ତତ୍ତ୍ୱଦର୍ଶୀ ଅଛନ୍ତି ସଂସାରେ , ଦେଖୁଛନ୍ତି ସଦା ଏକଇ ଦୃଷ୍ଟିରେ । ।
ଛନ୍ତି କେତେ କୋଟି ନାମ ରସ ପିଇ , ହୁଅନ୍ତି ଅମର ସଦାକାଳ ଜିଇଁ । ।
ଛନ୍ତି କେତେ କୋଟି ଗାଇ ନାମଗୁଣ , ଆତ୍ମରସ ସୁଖେ ହୋଇଣ ମଗନ । ।
ନିଜ ଦାସେ ପ୍ରଭୁ ପାଳେ ନିରନ୍ତର , 'ନାନକ' ସେ ଦାସ ପ୍ରିୟ ପ୍ରଭୁଙ୍କର । ।୮ । ।୧୦ । ।

**ସଲୋକ । । ଶ୍ଳୋକ । ।**

***କରଣ କାରଣ ପ୍ରଭୁ ଏକୁ ହୈ ଦୂସର ନାହୀ କୋଇ । ।***
***ନାନକ ତିସୁ ବଲିହାରଣୈ ଜଲି ଥଲି ମହୀଅଲି ସୋଇ । ।୧ । ।***

କରଣ କାରଣ ସେଇ ଏକ ପ୍ରଭୁ , ନାହିଁ ଆଉ ଅନ୍ୟ କେହି ।
'ନାନକ' ତାହାରେ ସଦା ସମର୍ପିତ , ଜଳ-ସ୍ଥଳାକାଶେ ସେହି । ।୧ । ।

ଅଷ୍ଟପଦୀ ।।

*--କରନ କରାୱନ କରନୈ ଜୋଗୁ ।। ଜୋ ତିସୁ ଭାୱୈ ସୋଇ ହୋଗୁ ।। ଖିନ ମହି ଥାପି ଉଥାପନହାରା ।। ଅଂତୁ ନହୀ କିଛୁ ପାରାୱାରା ।। ହୁକମେ ଧାରି ଅଧର ରହାୱୈ ।। ହୁକମେ ଉପଜୈ ହୁକମି ସମାୱୈ ।। ହୁକମେ ଉଚ ନୀଚ ବିଉହାର ।। ହୁକମେ ଅନିକ ରଂଗ ପରକାର ।। କରି କରି ଦେଖୈ ଅପନୀ ୱଡିଆଇ ।। ନାନକ ସଭ ମହି ରହିଆ ସମାଇ ।।୧।।*

କରି କରାଇବା ଯୋଗ୍ୟ ପ୍ରଭୁ ସିଏ , ତାକୁ ଯାହା ଭଲ ଲାଗେ ତାହା ହୁଏ ।।
କ୍ଷଣକରେ ଗଢ଼ି ଭାଙ୍ଗି ସେ ପାରଇ , ତାହାର କାହିଁତ ଆଦି-ଅନ୍ତ ନାହିଁ ।।
ଆଜ୍ଞାରେ ଗଢ଼ି ସେ ରଖେ ବିନାଶ୍ରୟେ , ତା ଆଜ୍ଞାରେ ସୃଷ୍ଟି ଜନ୍ମି ଲୋପ ପାଏ ।।
ତା ଆଜ୍ଞାରେ ଉଚ୍ଚ ନୀଚ ବ୍ୟବହାର , ଆଜ୍ଞାରେ ହିଁ ଲୀଳା ଅନେକ ପ୍ରକାର ।।
କରି କରି ଦେଖେ ଆପଣା ବଡ଼ାଇ , 'ନାନକ' ସବୁରେ ବ୍ୟାପ୍ତ ସେହୁ ଥାଇ ।।୧।।

*--ପ୍ରଭ ଭାୱୈ ମାନୁଖ ଗତି ପାୱୈ ।। ପ୍ରଭ ଭାୱୈ ତା ପାଥର ତରାୱୈ ।। ପ୍ରଭ ଭାୱୈ ବିନୁ ସାସ ତେ ରାଖୈ ।। ପ୍ରଭ ଭାୱୈ ତା ହରି ଗୁଣ ଭାଖୈ ।। ପ୍ରଭ ଭାୱୈ ତା ପତିତ ଉଧାରୈ ।। ଆପି କରୈ ଆପନ ବୀଚାରୈ ।। ଦୁହା ସିରିଆ କା ଆପି ସୁଆମୀ ।। ଖେଲୈ ବିଗସୈ ଅଂତରଜାମୀ ।। ଜୋ ଭାୱୈ ସୋ କାର କରାୱୈ ।। ନାନକ ଦ୍ରିସଟୀ ଅୱରୁ ନ ଆୱୈ ।।୨।।*

ସେ ହେଲେ ସନ୍ତୋଷ ନର ଗତି ପାଏ , ସେ ହେଲେ ସନ୍ତୋଷ ପଥର ଭସାଏ ।।
ସେ ହେଲେ ସନ୍ତୋଷ ଶ୍ୱାସ ବିନା ରଖେ , ତା କୃପାରେ ଜୀବ ହରିଗୁଣ ଭାଖେ ।।
ସେ ହେଲେ ସନ୍ତୋଷ ପତିତ ଉଦ୍ଧାରେ , ଆପେ କରେ ଆଉ ଆପେହିଁ ବିଚାରେ ।।
ଲୋକ ପରଲୋକ ଦୁଇ କୂଳ ସ୍ୱାମୀ , ଖେଳି ଖୁସୀ ହୁଏ ପ୍ରଭୁ ଅନ୍ତର୍ଯାମୀ ।।
ଯାହା ଭଲ ଲାଗେ ତାହା ସେ କରଇ , 'ନାନକ' ତା ବିନୁ କିଛି ନ ଦିଶଇ ।।୨।।

*(ଭାଖେ :-ଭାଖେ, କହେ )*

*--କହୁ ମାନୁଖ ତେ କିଆ ହୋଇ ଆୱୈ ।। ଜୋ ତିସୁ ଭାୱୈ ସୋଇ କରାୱୈ ।। ଇସ କୈ ହାଥି ହୋଇ ତା ସଭୁ କିଛୁ ଲେଇ ।। ଜୋ ତିସୁ ଭାୱୈ ସୋଇ କରେଇ ।। ଅନଜାନତ ବିଖିଆ ମହି ରଚୈ ।। ଜେ ଜାନତ ଆପନ ଆପ ବଚୈ ।। ଭରମେ ଭୂଲା ଦହ ଦିସି ଧାୱୈ ।। ନିମଖ ମାହି ଚାରି କୁଂଟ ଫିରି ଆୱୈ ।। କରି କିରପା ଜିସୁ ଅପନୀ ଭଗତି ଦେଇ ।। ନାନକ ତେ ଜନ ନାମି ମିଲେଇ ।।୩।।*

କୁହ ନର ଦ୍ୱାରା କିସ ପାରେ ହୋଇ , ତାହା ସେ କରାଏ ଯାହା ସେ ଚାହଁଇ ।।
ହେଉ ଥିଲେ ହାତେ କରନ୍ତା ସେ ସବୁ , ଭଲ ଲାଗେ ଯାହା କରାଏତ ପ୍ରଭୁ ।।
ବିଷୟରେ ଫସେ ଅଜାଣତେ ଜୀବ , ବୁଦ୍ଧିମନ୍ତ ହେଲେ ଆପେ ଉଦ୍ଧାରିବ ।।
ଭରମରେ ଭୁଲି ଧାଏଁ ଦଶଦିଶେ , କ୍ଷଣକରେ ଚାରି ଦିଗ ବୁଲି ଆସେ ।।
କୃପା କରି ଯାରେ ନିଜ ଭକ୍ତି ଦିଏ , 'ନାନକ' ସେ ଜନ ନାମେ ହଜି ଯାଏ ।।୩।।

*--ଖିନ ମହି ନୀଚ କୀଟ କଉ ରାଜ ।। ପାରବ୍ରହମ ଗରୀବନିୱାଜ ।। ଜାକା ଦ୍ରିସଟି କଛୂ ନ ଆୱୈ ।। ତିସୁ ତତକାଲ ଦହ ଦିସ ପ୍ରଗଟାୱୈ ।। ଜା କଉ ଅପୁନୀ କରୈ ବଖସୀସ ।। ତା କା ଲେଖା ନ ଗନୈ ଜଗଦୀସ ।। ଜୀଉ ପିଂଡୁ ସଭ ତିସ କୀ ରାସି ।। ଘଟି ଘଟି ପୂରନ ବ୍ରହମ ପ୍ରଗାସ ।। ଅପନୀ ବଣତ ଆପି ବନାଈ ।। ନାନକ ଜୀୱୈ ଦେଖି ବଡାଈ ।।୪।।*

କ୍ଷଣକରେ ନୀଚ କୀଟେ ରାଜ୍ୟ ଦିଏ , ପରଂବ୍ରହ୍ମ ଦୀନ ବନ୍ଧୁ ପ୍ରଭୁ ସିଏ ।।
ଗୁଣ ବୋଲି ଯାର କିଛି ନ ଦିଶଇ , ଦଶଦିଶେ ତାକୁ ଖ୍ୟାତ ସେ କରଇ ।।
କୃପା ଦୃଷ୍ଟି ପ୍ରଭୁ ଦିଏ ଯେଉଁ ଜନେ , ତା କର୍ମଫଳର ଲେଖା କୁ ନ ଗଣେ ।।
ତାହାରି ସମ୍ପତ୍ତି ପିଣ୍ଡ ଆଉ ପ୍ରାଣ , ସେ ବ୍ରହ୍ମ ପ୍ରକାଶ ଘଟେ ଘଟେ ପୂର୍ଣ୍ଣ ।।
ରଚିଅଛି ଆପେ ଆପଣା ରଚନା , 'ନାନକ' ପ୍ରସନ୍ନ ଦେଖ ତା ବଡ଼ିମା ।।୪।।

*--ଇସ କା ବଲୁ ନାହୀ ଇସୁ ହାଥ ।। କରନ କରାୱନ ସରବ କୋ ନାଥ ।। ଆଗିଆକାରୀ ବପୁରା ଜୀଉ ।। ଜୋ ତିସୁ ଭାୱୈ ସୋଈ ଫୁନି ଥୀଉ ।। କବହୂ ଊଚ ନୀଚ ମହି ବସୈ ।। କବହୂ ସୋଗ ହରଖ ରଂଗି ହସୈ ।। କବହୂ ନਿଂଦ ଚਿଂଦ ବିଉହାର ।। କବହୂ ଊଭ ଅକାସ ପଇଆଲ ।। କବହୂ ବେତା ବ୍ରହମ ବୀଚାର ।। ନାନକ ଆପି ମିଲାୱଣହାର ।।୫।।*

ଜୀବର ଶକତି ତା ପାଶେ ନ ଥାଏ , ସବୁ କିଛି ପ୍ରଭୁ କରି ତ କରାଏ ।।
ଜୀବ ବାପୁଡ଼ା ତ ଚଳେ ତା ଆଜ୍ଞାରେ , ତାହା ହୁଏ ପ୍ରଭୁ ତୋଷ ଯେଉଁଥିରେ ।।
କେବେ ଉଚ୍ଚ କେବେ ନୀଚ ମଧ୍ୟେ ବସେ , ଶୋକେ ରହେ ଅବା ହରଷରେ ହସେ ।।
କେବେ ନିନ୍ଦା କେବେ ପ୍ରଶଂସାରେ ଥାଏ , କେବେ ନଭେ କେବେ ପାତାଳକୁ ଯାଏ ।।
କେବେ ଜ୍ଞାନୀ ହୋଇ କରଇ ବିଚାର , 'ନାନକ' କରେ ସେ ମାୟାରୁ ଉଦ୍ଧାର ।।୫।।

--କବହୁ ନିରତି କରୈ ବହୁ ଭାତି । । କବହୁ ସୋଇ ରହୈ ଦିନୁ ରାତି । । କବହୁ ମହା କ୍ରୋଧ ବିକରାଲ । । କବହୁଂ ସରବ କୀ ହୋତ ରୱାଲ । । କବହୁ ହୋଇ ବହୈ ବଡ ରାଜା । । କବହୁ ଭେଖାରୀ ନୀଚ କା ସାଜା । । କବହୁ ଅପକୀରତି ମହି ଆୱୈ । । କବହୁ ଭଲା ଭଲା କହାୱୈ । । ଜିଉ ପ୍ରଭୁ ରାଖୈ ତିୱ ହୀ ରହୈ । । ଗୁରପ୍ରସାଦି ନାନକ ସଚୁ କହୈ । ।୬ । ।

ନୃତ୍ୟ କରେ କେବେ ନାନା ପରକାରେ , କେବେ ଦିନ ରାତି ଶୟନ ସେ କରେ । ।

କେବେ ମହା କ୍ରୋଧ ହୁଏ ବିକରାଳ , କେବେ ସବୁଠାରୁ ଦୀନହୀନବଳ । ।

ବସେ କେବେ ସେହୁ ବଡ଼ରାଜା ହୋଇ , କେବେ ଅବା ନୀଚ ଭିକାରୀ ସାଜଇ । ।

ନିଜ ଅପବାଦ କେବେ ସେ କରାଏ , ଭଲ ଭଲ ବୋଲି କେବେ ସେ ବୋଲାଏ । ।

ଯଥା ରଖେ ପ୍ରଭୁ ସେହିପରି ରହେ , ଗୁରୁଙ୍କ କୃପାରେ ଜୀବ ସତ୍ୟ କହେ । ।୬ । ।

--କବହୁ ହୋଇ ପଂଡିତୁ କରେ ବଖ୍ୟାନୁ । । କବହୁ ମୋନି ଧାରୀ ଲାୱୈ ଧିଆନୁ । । କବହୁ ତଟ ତୀରଥ ଇସନାନ । । କବହୁ ସିଧ ସାଧିକ ମୁଖି ଗିଆନ । । କବହୁ କୀଟ ହସତି ପତଂଗ ହୋଇ ଜୀଆ । । ଅନିକ ଜୋନି ଭରମୈ ଭରମୀଆ । । ନାନା ରୂପ ଜିଉ ସ୍ୱାଗୀ ଦିଖାୱୈ । । ଜିଉ ପ୍ରଭ ଭାୱୈ ତିୱୈ ନଚାୱୈ । । ଜୋ ତିସୁ ଭାୱୈ ସୋଇ ହୋଇ । । ନାନକ ଦୂଜା ଅୱରୁ ନ କୋଇ । ।୭ । ।

ଜ୍ଞାନୀ ହୋଇ କେବେ ଜ୍ଞାନ କରେ ଦାନ , ମୌନବ୍ରତ ଧରି କରେ କେବେ ଧ୍ୟାନ । ।

ତୀର୍ଥ ତଟେ କେବେ କରଇ ସ୍ନାହାନ , ହୋଇ ସିଦ୍ଧ ପ୍ରଭୁ ମୁଖେ ଦିଏ ଜ୍ଞାନ । ।

କେବେ କୀଟ, ହସ୍ତୀ, ପତଙ୍ଗ ହୁଅଇ , ଭ୍ରମରେ ଅନେକ ଯୋନୀରେ ଭ୍ରମଇ । ।

ନଟ ପରି କେତେ ରୂପ ସେ ଦେଖାଏ , ଯେଉଁ ପରି ଚାହେଁ ସେପରି ନଚାଏ । ।

ତାକୁ ଯା ସୁହାଏ ସେପରି ହୁଅଇ , 'ନାନକ' ତା ପରି ଆଉ କେହି ନାହିଁ । ।୭ । ।

--କବହୁ ସାଧ ସଂଗତି ଇହୁ ପାୱୈ । । ଉସୁ ଅସଥାନ ତେ ବହୁରି ନ ଆୱୈ । । ଅଂତରି ହୋଇ ଗିଆନ ପରଗାସୁ । । ଉସୁ ଅସଥାନ କା ନହୀ ବିନାସୁ । । ମନ ତନ ନାମି ରତେ ଇକ ରଂଗି । । ସଦା ବସହି ପାରବ୍ରହମ କୈ ସଂଗି । । ଜିଉ ଜଲ ମହି ଜଲୁ ଆଇ ଖଟାନା । । ତିଉ ଜୋତୀ ସଂଗି ଜୋତି ସମାନା । । ମିଟି ଗଏ ଗୱନ ପାଏ ବିସ୍ରାମ । । ନାନକ ପ୍ରଭ କୈ ସଦ କୁରବାନ । ।୮ । ।**୧୧** । ।

ସାଧୁସଙ୍ଗ ଯେବେ ଜୀବକୁ ମିଳଇ , ସେହି ସ୍ଥାନୁ ସିଏ ଫେରି ନ ଆସଇ ।।

ଅନ୍ତରେ ହୁଅଇ ଜ୍ଞାନର ପ୍ରକାଶ , ସେ ଜ୍ଞାନାବସ୍ଥାର ନୁହଇ ବିନାଶ ।।

ପ୍ରଭୁ ନାମେ ତନୁ-ମନ ହୁଏ ରତ , ସଦା ବସେ ପରଂବ୍ରହ୍ମ ସଙ୍ଗେ ସେ ତ ।।

ଜଳରେ ଯେପରି ଜଳ ମିଶେ ଆସି , ଜ୍ୟୋତିରେ ସେପରି ଜ୍ୟୋତି ଯାଏ ମିଶି ।।

ଜନ୍ମ-ମୃତ୍ୟୁ ତୁଟେ ପାଏ ସେ ବିଶ୍ରାମ , 'ନାନକ' ପ୍ରଭୁଙ୍କ ଚରଣେ ଶରଣ ।।୮।।**୧୧**।।

***ସଲୋକ*** ।। **ଶ୍ଳୋକ** ।।

***ସୁଖୀ ବସୈ ମସକୀନୀଆ ଆପୁ ନିଵାରି ତଲେ ।।***

***ବଡେ ବଡେ ଅହଂକାରୀଆ ନାନକ ଗରବି ଗଲେ ।।୧।।***

ସାନ ହୋଇ ସୁଖେ ରହଇ ବିନୟୀ , ମନରୁ ଗରବ ମାରି ।।

ଗରବରେ ନାଶ ଯାଆନ୍ତି 'ନାନକ', ବଡ଼ ବଡ଼ ଅହଂକାରୀ ।।

ଅଷ୍ଟପଦୀ ।।

*--ଜିସ କୈ ଅଂତରି ରାଜ ଅଭିମାନୁ ।। ସୋ ନରକପାତୀ ହୋଵତ ସୁଆନୁ ।। ଜୋ ଜାନୈ ମୈ ଜୋଵନଵଂତୁ ।। ସୋ ହୋଵତ ବିସଟା କା ଜଂତୁ ।। ଆପସ କଉ କରମଵଂତୁ କହାଵୈ ।। ଜନମି ମରୈ ବହୁ ଜୋନି ଭ୍ରମାଵୈ ।। ଧନ ଭୂମି କା ଜୋ କରୈ ଗୁମାନୁ ।। ସୋ ମୂରଖୁ ଅଂଧା ଅଗିଆନୁ ।। କରି କିରପା ଜିସକୈ ହିରଦୈ ଗରୀବୀ ବସାଵୈ ।। ନାନକ ଇହା ମୁକତୁ ଆଗୈ ସୁଖୁ ପାଵୈ ।।୧।।*

ଯାହାର ଅନ୍ତରେ ରାଜେ ଅଭିମାନ , ନରକରେ ଦଣ୍ଡ ପାଏ ସେଇ ଶ୍ୱାନ ।।

ହୋଇଥାଏ ମତ୍ତ ଯିଏ ଯଉବନେ , ନରକର କୀଟ ହୋଇ ସେ ଜନମେ ।।

ସୌଭାଗ୍ୟକୁ ନେଇ ଗର୍ବ କରେ ଯିଏ , ବହୁ ଯୋନୀରେ ସେ ଜନ୍ମି-ମରୁ ଥାଏ ।।

ଧନ, ଭୂମି ଲାଗି ଯେ କରେ ଗୁମାନ , ଅଟଇ ସେ ଅନ୍ଧ ମୁରୁଖ ଅଜ୍ଞାନ ।।

ଯା ହୃଦେ ବିନୟ ଭାବ ପ୍ରଭୁ ଦିଏ , 'ନାନକ' ସେ ପରଲୋକେ ସୁଖ ପାଏ ।।୧।।

*--ଧନଵଂତା ହୋଇ କରି ଗରବାଵୈ ।। ତ୍ରିଣ ସମାନି କଛୁ ସଂଗି ନ ଜାଵୈ ।। ବହୁ ଲସକର ମାନୁଖ ଊପରି କରେ ଆସ ।। ପଲ ଭୀତରି ତାକା ହୋଇ ବିନାସ ।। ସଭ ତେ ଆପ ଜାନୈ ବଲଵଂତୁ ।। ଖିନ ମହି ହୋଇ ଜାଇ ଭସମଂତୁ ।। କିସୈ ନ ବଦୈ ଆପି ଅହଂକାରୀ ।। ଧରମରାଇ ତିସୁ କରେ ଖୁଆରୀ ।। ଗୁର ପ୍ରସାଦି ଜାକା ମିଟୈ ଅଭିମାନୁ ।। ସୋ ଜନୁ ନାନକ ଦରଗହ ପରଵାନୁ ।।୨।।*

ଧନବନ୍ତ ହୋଇ ଗର୍ବକରେ ସିନା , କୁଟାଖଣ୍ଡେ ପ୍ରାଣୀ ସଙ୍ଗତେ ଯାଏନା ।।
ଜନବଳ ପରେ କରିଥାଏ ଆଶ , ପଲକ ମଧ୍ୟରେ ହୁଏ ତା ବିନାଶ ।।
ମଣେ ସବୁଠାରୁ ଆପେ ବଳଶାଳୀ , ଶେଷରେ କ୍ଷଣିକେ ଭସ୍ମ ହୁଏ ଜଳି ।।
ଗରବେ ଖାତର ନ କରେ କାହାକୁ , ଧର୍ମରାଜ ବହୁ ଦୁଃଖ ଦିଏ ତାକୁ ।।
ଗୁରୁକୃପାରେ ଯା ତୁଟେ ଅଭିମାନ , 'ନାନକ' ସେ ଲଭେ ପ୍ରଭୁ ଦ୍ୱାରେ ସ୍ଥାନ ।।୨।।

*--କୋଟି କରମ କରୈ ହଉ ଧାରୈ ।। ସ୍ରମୁ ପାୱୈ ସଗଲେ ବିରଥାରେ ।। ଅନିକ ତପସିଆ କରେ ଅହଂକାର ।। ନରକ ସୁରଗ ଫିରି ଫିରି ଅୱତାର ।। ଅନିକ ଜତନ କରି ଆତମ ନହୀ ଦ୍ରୱୈ ।। ହରି ଦରଗହ କହୁ କୈସେ ଗୱୈ ।। ଆପସ କଉ ଜୋ ଭଲା କହାୱୈ ।। ତିସହି ଭଲାଈ ନିକଟି ନ ଆୱୈ ।। ସରବ କୀ ରେନ ଜାକା ମନୁ ହୋଇ ।। କହୁ ନାନକ ତାକୀ ନିରମଲ ସୋଇ ।।୩।।*

ଗର୍ବ ଧରି କୋଟି ଧର୍ମ କର୍ମ କଲେ , ବ୍ୟର୍ଥ ଯାଏ ସବୁ ବହୁ ଦୁଃଖ ମିଳେ ।।
କଲେ ବହୁ ତପ ବହି ଅହଂକାର , ସ୍ୱର୍ଗେ ନର୍କେ ବାସ କରେ ବାରବାର ।।
ବହୁ ଯତ୍ନେ ଯାର ହୃଦ ନ ତରଳେ , କୁହ ପ୍ରଭୁ ଦ୍ୱାରେ ଯିବ କି ପ୍ରକାରେ ।।
ଯେ ନିଜେ ନିଜର ପ୍ରଶଂସା କରଇ , ଭଲ କିଛି ତାର ପାଶେ ନ ଆସଇ ।।
ସଭିଙ୍କର ପଦ ତଳେ ଯାର ମନ , କହଇ ନାନକ ବଢ଼ଇ ତା ମାନ ।।୩।।

*--ଜବ ଲଗୁ ଜାନୈ ମୁଝ ତେ କଛୁ ହୋଇ ।। ତବ ଇସ କଉ ସୁଖୁ ନାହୀ କୋଇ ।। ଜବ ଇହ ଜାନୈ ମୈ କିଛୁ କରତା ।। ତବ ଲଗୁ ଗରଭ ଜୋନି ମହି ଫିରତା ।। ଜବ ଧାରୈ କୋଉ ବୈରୀ ମୀତୁ ।। ତବ ଲଗୁ ନିହଚଲୁ ନାହୀ ଚୀତୁ ।। ଜବ ଲଗୁ ମୋହ ମଗନ ସଂଗି ମାଇ ।। ତବ ଲଗୁ ଧରମରାଇ ଦେଇ ସଜାଇ ।। ପ୍ରଭ କିରପା ତେ ବଂଧନ ତୂଟୈ ।। ଗୁରପ୍ରସାଦି ନାନକ ହଉ ଛୁଟୈ ।।୪।।*

କିଛି କରିପାରେ ବୋଲି ଭାବୁଥିଲେ , ମିଳେ ନାହିଁ ଲବେ ସୁଖ କେବେ ହେଲେ ।।
ମୁଁ କରୁଛି ବୋଲି ଭାବୁଥାଏ ଯିଏ , ନାନା ଯୋନୀ ଗର୍ଭ ମଧ୍ୟେ ଭ୍ରମୁଥାଏ ।।
କାହାକୁ ବଇରୀ କାହାକୁ ବା ମିତ , ଭାବୁଥିଲେ ମନ ନ ହୁଅଇ ଶାନ୍ତ ।।
ମାୟା ମୋହେ ମଗ୍ନ ଥାଏ ଯାହା ମନ , ଦଣ୍ଡୁଥାଏ ତାକୁ ଧରମରାଜନ ।।
ତୁଟେ ତା ବନ୍ଧନ ପ୍ରଭୁ କୃପା କଲେ , ଅହଂ ନାଶ ଯାଏ ଗୁରୁପ୍ରସାଦରେ ।।୪।।

*--ସହସ ଖଟେ ଲଖ କଉ ଉଠି ଧାୱୈ । । ତ୍ରିପତି ନ ଆୱୈ ମାଇଆ ପାଛୈ ପାୱୈ । । ଅନିକ ଭୋଗ ବିଖିଆ କେ କରୈ । । ନହ ତ୍ରିପତାୱୈ ଖପି ଖପି ମରୈ । । ବିନା ସଂତୋଖ ନହୀ କୋଊ ରାଜୈ । । ସୁପନ ମନୋରଥ ବ୍ରିଥେ ସଭ କାଜୈ । । ନାମ ରଂଗି ସରବ ସୁଖୁ ହୋଇ । । ବଡଭାଗୀ କିସୈ ପରାପତି ହୋଇ । । କରନ କରାୱନ ଆପେ ଆପି । । ସଦା ସଦା ନାନକ ହରି ଜାପି । ।୫ । ।*

ଅରଜି ସହସ୍ର, ଧାଏଁ ଲକ୍ଷ ପାଇଁ , ଧନ ସଞ୍ଚେ ସିନା ତୃପ୍ତି ପାଏ ନାହିଁ । ।
ବିଷୟ ଆନନ୍ଦ ବହୁ ଭୋଗ କରେ , ତୃପ୍ତ ହୁଏ ନାହିଁ, ଦୁଃଖ ଭୋଗି ମରେ । ।
ତୃପ୍ତି ବିନା କିଏ ଶୋଭା ପାଏ ନାହିଁ , ସ୍ୱପ୍ନ ସମ ସବୁ କାର୍ଯ୍ୟ ବୃଥା ଯାଇ । ।
ପ୍ରଭୁନାମ ମୂଳେ ସବୁ ସୁଖ ଥାଇ , ବଡ଼ ଭାଗ୍ୟରେ ତା ପ୍ରାପତ ହୁଅଇ । ।
କରିଣ କରାଉ ଥାଏ ନିଜେ ହରି , ଜପ ତୁ ସଂତତ ନାମକୁ ତାହାରି । ।୫ । ।

*--କରନ କରାୱନ କରନୈହାରୁ । । ଇସ କୈ ହାଥି କହା ବୀଚାରୁ । । ଜୈସୀ ଦ୍ରିସଟି କରେ ତୈସା ହୋଇ । । ଆପେ ଆପି ଆପି ପ୍ରଭୁ ସୋଇ । ।  ଜୋ କିଛୁ କୀନୋ ସୁ ଅପନୈ ରଂଗି । । ସଭ ତେ ଦୂରି ସଭହୂ କୈ ସଂଗି । । ବୂଝୈ ଦେଖୈ କରୈ ବିବେକ । । ଆପହି ଏକ ଆପହି ଅନେକ । । ମରୈ ନ ବିନସୈ ଆୱୈ ନ ଜାଇ । । ନାନକ ସଦ ହୀ ରହିଆ ସମାଇ । ।୬ । ।*

ଏକ ପ୍ରଭୁ ଆପେ କରି କରାଉଛି , ମଣିଷ ବାପୁଡ଼ା ହାତେ କିସ ଅଛି । ।
ଯେଉଁ ପରି ଚାହେଁ ସେହି ପରି ହୁଏ , ସେ ପରମେଶ୍ୱର ଆପେ ପ୍ରଭୁ ସିଏ । ।
କରେ ନିଜ  ଢଙ୍ଗେ ଯାହା କିଛି କରେ , ସେ ସବୁରି ପାଶେ ସବୁଠାରୁ ଦୂରେ । ।
ବୁଝଇ ଦେଖଇ ବିଚାର କରଇ , ଏକ ହୋଇ ବହୁ ରୂପକୁ ଧରଇ । ।
ନା ଜନ୍ମେ ନା ମରେ ନା ଆସେ ନା ଯାଏ , ସଂତତ ସର୍ବତ୍ର ପ୍ରଭୁ ବ୍ୟାପି ଥାଏ । ।୬ । ।

*--ଆପି ଉପଦେସୈ ସମଝୈ ଆପି । । ଆପେ ରଚିଆ ସଭ କୈ ସାଥି । । ଆପି କୀନୋ ଆପନ ବିସଥାରୁ । । ସଭୁ କଛୁ ଉସ କା ଓହୁ କରନୈହାରୁ । । ଉସ ତେ ଭିଂନ କହହୁ କିଛୁ ହୋଇ । । ଥାନ ଥନଂତରି ଏକୈ ସୋଇ । । ଅପୁନେ ଚଲିତ ଆପି କରଣୈହାର । । କଉତକ କରୈ ରଂଗ ଆପାର । । ମନ ମହି ଆପି ମନ  ଅପୁନେ ମାହି । । ନାନକ କୀମତି କହନୁ ନ ଜାଇ । ।୭ । ।*

ଆପେ ବୁଝେ ଆପେ ଉପଦେଶ ଦେଇ , ଆପେ ସବୁରଚି ସବୁଥିରେ ଥାଇ ।।

ଆପେ କରିଅଛି ଆପଣା ବିସ୍ତାର , ସବୁ କିଛି ତାର , କର୍ତ୍ତା ସେ ସବୁର ।।

ତାକୁ ଛାଡ଼ି କୁହ କିସ ପାରେ ହୋଇ , ସ୍ଥାନ ସ୍ଥାନାନ୍ତରେ ସେହି ଏକା ଥାଇ ।।

ନିଜ ଲୀଳା ଖେଳା ନିଜେ ସେ ଖେଳଇ , ନାନା ରଙ୍ଗେ କେତେ କୌତୁକ କରଇ ।।

ଚିତ୍ତେ ବସି ଆପେ ଚିତ୍ତରେ ବସାଏ , 'ନାନକ' ଏ ତତ୍ତ୍ୱ-ମୂଳ କହି ନୁହେଁ ।।୭।।

*--ସତି ସତି ସତି ପ୍ରଭୁ ସୁଆମୀ ।। ଗୁରପରସାଦି କିନୈ ୱଖ୍ୟାଣୀ ।। ସଚୁ ସଚୁ ସଚୁ ସଭୁ କୀନା ।। କୋଟି ମଧେ କିନୈ ବିରଲୈ ଚୀନା ।। ଭଲା ଭଲା ଭଲା ତେରା ରୂପ ।। ଅତି ସୁଂଦର ଅପାର ଅନୂପ ।। ନିରମଲ ନିରମଲ ନିରମଲ ତେରୀ ବାଣୀ ।। ଘଟି ଘଟି ସୁନୀ ସ୍ରୱନ ବଖ୍ୟାଣୀ ।। ପୱିତ୍ର ପୱିତ୍ର ପୱିତ୍ର ପୁନୀତ ।। ନାମୁ ଜପୈ ନାନକ ମନି ପ୍ରୀତି ।।୮।।୧୨।।*

ତିନି କାଳେ ସତ୍ୟ ଏକ ପ୍ରଭୁ ସେଇ , ଗୁରୁପ୍ରସାଦରେ ବଖାଣି କହଇ ।।

ତିନି କାଳେ କଲା ସବୁ ସତ୍ୟ ସିଏ , କୋଟିଏ ମଧ୍ୟରୁ ଜାଣେ ଜଣେ କିଏ ।।

ହେ ପ୍ରଭୁ ସର୍ବଦା ସୁନ୍ଦର ତୋ ରୂପ , ଅତୀବ ସୁନ୍ଦର ଅନନ୍ତ ଅନୁପ ।।

ନିର୍ମଳ ପବିତ୍ର ମଧୁର ତୋ ବାଣୀ , କର୍ଣ୍ଣେ ଶୁଣି ସର୍ବେ କହନ୍ତି ବଖାଣି ।।

ପରମ ପବିତ୍ର ସେ ପ୍ରାଣୀ ହୁଅଇ , ପ୍ରୀତିରେ ଯେ ଚିତ୍ତେ ନାମକୁ ଜପଇ ।।୮।।୧୨।।

**ସଲୋକ।। ଶ୍ଳୋକ ।।**

***ସଂତ ସରନି ଜୋ ଜନୁ ପରୈ ସୋ ଜନୁ ଉଧରନହାର ।।***

***ସଂତ କୀ ନିଂଦା ନାନକା ବହୁରି ବହୁରି ଅୱତାର ।।୧ ।।***

ଯେଉଁ ଜନ ସନ୍ଥ ଶରଣ ପଶଇ , ସଂସାରୁ ହୁଏ ଉଦ୍ଧାର ।

ସନ୍ଥନିନ୍ଦା ଯିଏ କରଇ 'ନାନକ' , ଜନ୍ମ ନିଏ ବାରବାର ।।

ଅଷ୍ଟପଦୀ ।।

*--ସଂତ କୈ ଦୂଖନି ଆରଜା ଘଟୈ ।। ସଂତ କୈ ଦୂଖନି ଜମ ତେ ନହୀ ଛୁଟୈ ।। ସଂତ କୈ ଦୂଖନି ସୁଖୁ ସଭୁ ଜାଇ ।। ସଂତ କୈ ଦୂଖନି ନରକ ମହି ପାଇ ।। ସଂତ କୈ ଦୂଖନି ମତି ହୋଇ ମଲୀନ ।। ସଂତ କୈ ଦୂଖନି ସୋଭା ତେ ହୀନ ।। ସଂତ କେ ହତେ କଉ ରଖୈ ନ କୋଇ ।। ସଂତ କୈ ଦୂଖନି ଥାନ ଭ୍ରସଟୁ ହୋଇ ।। ସଂତ କ୍ରିପାଲ କ୍ରିପା ଜେ କରୈ ।। ନାନକ ସଂତ ସଂଗି ନିଂଦକୁ ଭୀ ତରୈ ।।୧।।*

ସନ୍ଥନିନ୍ଦା କଲେ ଆୟୁଷ ତୁଟଇ , ଯମର କୋପରୁ ମୁକ୍ତି ନ ମିଳଇ ।।
ସନ୍ଥନିନ୍ଦା କଲେ ସବୁ ସୁଖ ଯାଏ , ସନ୍ଥନିନ୍ଦା କଲେ ନର୍କ ଭୋଗ ହୁଏ ।।
ସନ୍ଥନିନ୍ଦା କଲେ ହୃଦୟ ମଳିନ , ସନ୍ଥନିନ୍ଦା କଲେ ଶୋଭା ହୁଏ ହୀନ ।।
ସନ୍ଥନିନ୍ଦା କଲେ ନ ରଖଇ କିଏ , ସନ୍ଥନିନ୍ଦା କଲେ ହୃଦ ଭ୍ରଷ୍ଟ ହୁଏ ।।
କୃପାଳୁ ସନ୍ଥ କେ ଯଦି କୃପା କରେ , 'ନାନକ' ତା ସଙ୍ଗେ ନିନ୍ଦୁକ ବି ତରେ ।।୧।।

*--ସଂତ କେ ଦୂଖନ ତେ ମୁଖୁ ଭଙ୍ଗୈ ।। ସଂତନ କୈ ଦୂଖନି କାଗ ଜିଉ ଲଙ୍ଗୈ ।। ସଂତନ କୈ ଦୂଖନି ସରପ ଜୋନି ପାଇ ।। ସଂତ କୈ ଦୂଖନି ତ୍ରିଗଦ ଜୋନି କିରମାଇ ।। ସଂତନ କୈ ଦୂଖନି ତ୍ରିସନା ମହି ଜଲୈ ।। ସଂତ କୈ ଦୂଖନି ସଭୁ କୋ ଛଲୈ ।। ସଂତ କୈ ଦୂଖନି ତେଜୁ ସଭୁ ଜାଇ ।। ସଂତ କୈ ଦୂଖନି ନୀଚୁ ନୀଚାଇ ।। ସଂତ ଦୋଖୀ କା ଥାଉ କୋ ନାହି ।। ନାନକ ସଂତ ଭାଙ୍ଗୈ ତା ଓଇ ଭୀ ଗତି ପାହି ।।୨ ।।*

ସନ୍ଥନିନ୍ଦା କଲେ ମୁଖ ବିଶ୍ରୀ ହୁଏ , କାକ ସମ ସେହୁ, ସନ୍ଥନିନ୍ଦା ଗାଏ ।।
ସନ୍ଥନିନ୍ଦା କଲେ ସର୍ପ ଯୋନୀ ପାଇ , ସନ୍ଥନିନ୍ଦା କଲେ କୃମି କୀଟ ହୋଇ ।।
ସନ୍ଥନିନ୍ଦାକାରୀ ତୃଷାଗ୍ନିରେ ଜଳେ , ସନ୍ଥନିନ୍ଦାକାରୀ ସମସ୍ତଙ୍କୁ ଛଳେ ।।
ସନ୍ଥନିନ୍ଦା କଲେ ସବୁ ତେଜ ଯାଏ , ସନ୍ଥନିନ୍ଦାକାରୀ ନୀଚୁନୀଚ ହୁଏ ।।
ସନ୍ଥଠାରେ ଦୋଷୀ ଠାବ ପାଏ ନାହିଁ , ସନ୍ଥ କ୍ଷମା କଲେ ସିଏ ବି ତରଇ ।।୨।।

*--ସଂତ କା ନିଂଦକୁ ମହା ଅତତାଈ ।। ସଂତ କା ନିଂଦକୁ ଖିନୁ ଟିକନୁ ନ ପାଇ ।। ସଂତ କା ନିଂଦକୁ ମହା ହତିଆରା ।। ସଂତ କା ନିଂଦକୁ ପରମେସୁରି ମାରା ।। ସଂତ କା ନିଂଦକୁ ରାଜ ତେ ହୀନୁ ।। ସଂତ କା ନିଂଦକୁ ଦୁଖୀଆ ଅରୁ ଦୀନୁ ।। ସଂତ କେ ନିଂଦକୁ କଉ ସରବ ରୋଗ ।। ସଂତ କେ ନିଂଦକୁ କଉ ସଦା ବିଜୋଗ ।। ସଂତ କୀ ନିଂଦା ଦୋଖ ମହି ଦୋଖୁ ।। ନାନକ ସଂତ ଭାଙ୍ଗୈ ତା ଉସକା ଭୀ ହୋଇ ମୋଖୁ ।।୩ ।।*

ସନ୍ଥନିନ୍ଦାକାରୀ ମହା ଆତତାୟୀ , କ୍ଷଣେ କାହିଁ ସ୍ଥିର ହୋଇ ନ ପାରଇ ।।
ସନ୍ଥନିନ୍ଦାକାରୀ ମହା ହତ୍ୟାକାରୀ , ପରମେଶ ତାକୁ ସାରିଅଛି ମାରି ।।
ସନ୍ଥନିନ୍ଦାକାରୀ ରାଜ ସୁଖେ ହୀନ , ସନ୍ଥନିନ୍ଦାକାରୀ ଦୁଃଖୀ ଆଇ ଦୀନ ।।
ସନ୍ଥନିନ୍ଦୁକକୁ ସବୁ ରୋଗ ହୁଏ , ପ୍ରଭୁ ଠାରୁ ସେହୁ ସଦା ଦୂରେ ଥାଏ ।।
ସନ୍ଥନିନ୍ଦା ଅଟେ ଦୋଷଠାରୁ ଦୋଷ , ମୁକ୍ତି ଲଭେ ସିଏ ସନ୍ଥ ହେଲେ ତୋଷ ।।୩।।

--ସଂତ କା ଦୋଖୀ ସଦା ଅପଭିତୁ । । ସଂତ କା ଦୋଖୀ  କିସୈ କା ନହୀ ମିତୁ । । ସଂତ କେ ଦୋଖୀ କଉ ଡାନୁ ଲାଗୈ । । ସଂତ କେ ଦୋଖୀ କଉ ସଭ ତିଆଗୈ । । ସଂତ କା ଦୋଖୀ ମହା ଅହଂକାରୀ । । ସଂତ କା ଦୋଖୀ ସଦା ବିକାରୀ । । ସଂତ କା ଦୋଖୀ ଜନମୈ ମରୈ । । ସଂତ କୀ ଦୂଖନା ସୁଖ ତେ ଟରୈ । । ସଂତ କେ ଦୋଖୀ  କଉ ନାହୀ ଠାଉ । । ନାନକ ସଂତ ଭାଵୈ ତା ଲଏ ମିଲାଇ । ।୪ । ।

ସନ୍ଥନିନ୍ଦାକାରୀ ସଦା ଅପବିତ୍ର , ସନ୍ଥନିନ୍ଦାକାରୀ ନୁହେ କାହା ମିତ୍ର  । ।
ସନ୍ଥନିନ୍ଦୁକକୁ ଯମ ଦଣ୍ଡ ଦିଏ , ସନ୍ଥନିନ୍ଦୁକକୁ ତ୍ୟାଗନ୍ତି ସଭିଏଁ  । ।
ସନ୍ଥନିନ୍ଦାକାରୀ ମହା ଅହଂକାରୀ , ସନ୍ଥନିନ୍ଦାକାରୀ ଅଟଇ ବିକାରୀ  । ।
ସନ୍ଥନିନ୍ଦାକାରୀ ଜନ୍ମି-ମରୁ ଥାଇ , ସନ୍ଥନିନ୍ଦୁକକୁ ସୁଖ ମିଳେ ନାହିଁ  । ।
ସନ୍ଥନିନ୍ଦୁକକୁ ଠାବ ନ ମିଳଇ , ତୋଷ ହେଲେ ସନ୍ଥ ସଙ୍ଗତେ ମିଶାଇ  । ।୪ । ।

--ସଂତ କା ଦୋଖୀ  ଅଧ ବୀଚ ତେ ଟୂଟୈ । । ସଂତ କା ଦୋଖୀ କିତେ କାଜି ନ ପହୁଚୈ । । ସଂତ କେ ଦୋଖୀ  କଉ ଉଦିଆନ ଭ୍ରମାଈଐ । । ସଂତ କା ଦୋଖୀ ଉଝଡ଼ି ପାଈଐ । । ସଂତ କା ଦୋଖୀ ଅଂତର ତେ ଥୋଥା । । ଜିଉ ସାସ ବିନା ମିରତକ କୀ ଲୋଥା । । ସଂତ କେ ଦୋଖୀ କୀ ଜଡ଼ କିଛୁ ନାହି । । ଆପନ ବୀଜି ଆପେ ହୀ ଖାହି । । ସଂତ କେ ଦୋଖୀ କଉ ଅଵରୁ ନ ରାଖନହାରୁ । । ନାନକ ସଂତ ଭାଵୈ ତା ଲଏ ଉବାରି । ।୫ । ।

ସନ୍ଥନିନ୍ଦାକାରୀ ଝୁଲଇ ଅର୍ଦ୍ଧରେ , ସନ୍ଥନିନ୍ଦାକାରୀ ନଲାଗେ କାର୍ଯ୍ୟରେ  । ।
ସନ୍ଥନିନ୍ଦାକାରୀ ବନେ ଭ୍ରମୁଥାଇ , ବିନାଶର ପଥେ ଦୁ:ଖରେ ପଡ଼ଇ  । ।
ସନ୍ଥନିନ୍ଦାକାରୀ ଅନ୍ତ:ସାର ଶୂନ୍ୟ , ଯଥା ଶ୍ୱାସ ବିନା ଶବ ମାଂସେ ଗଣ୍ୟ  । ।
ସନ୍ଥନିନ୍ଦୁକର ସଚ୍ଚା କର୍ମ ନାହିଁ , ନିଜେ କଲା ଫଳ ନିଜେ ସେ ଭୁଞ୍ଜଇ  । ।
ଆଉ କେହି ନାହିଁ ତ୍ରାଣକର୍ତ୍ତା ତାର , ସନ୍ଥ ତୋଷ ହେଲେ ହୁଏ ସେ ଉଦ୍ଧାର  । ।୫ । ।

--ସଂତ କା ଦୋଖୀ ଇଉ ବିଲଲାଇ । । ଜିଉ ଜଲ ବିହୁନ ମଛୁଲୀ ତଡ଼ଫଡ଼ାଇ । । ସଂତ କା ଦୋଖୀ ଭୂଖା ନହୀ ରାଜୈ । । ଜିଉ ପାଵକୁ ଈଧନି ନହୀ ଧ୍ରାପୈ । । ସଂତ କା ଦୋଖୀ ଛୁଟୈ ଇକେଲା । । ଜିଉ ବୂଆଡ଼ୁ ତିଲୁ ଖେତ ମାହି ଦୁହେଲା । । ସଂତ କା ଦୋଖୀ ଧରମ ତେ ରହତ । । ସଂତ କା ଦୋଖୀ ସଦ ମିଥିଆ କହତ । । କିରତୁ ନିଂଦକ କା ଧୁରି ହୀ ପଇଆ । । ନାନକ ଜୋ ତିସୁ ଭାଵୈ ସୋଈ ଥିଆ । ।୬ । ।

ସନ୍ଥନିନ୍ଦାକାରୀ କାନ୍ଦଇ ଏମନ୍ତ , ଜଳବିନା ଯଥା ମୀନ ଛଟପଟ ।।
ସନ୍ଥନିନ୍ଦାକାରୀ ଅତୃପ୍ତ କ୍ଷୁଧାର୍ତ୍ତ , ଯଥା ଅଗ୍ନି କାଷ୍ଠେ ନୁହଇ ତୃପତ ।।
ସନ୍ଥନିନ୍ଦାକାରୀ ଏକା ରହିଯାଏ , ପୋଡ଼ା ତିଳ ଯଥା କ୍ଷେତେ ପଡ଼ିରହେ ।।
ସନ୍ଥନିନ୍ଦାକାରୀ ଧର୍ମଭ୍ରଷ୍ଟ ହୁଏ , ସନ୍ଥନିନ୍ଦାକାରୀ ସଦା ମିଥ୍ୟା କହେ ।।
ସନ୍ଥନିନ୍ଦା ଫଳ ଆଦ୍ୟରୁ ରହିଛି , ଯାହା ହରିପ୍ରିୟ ତାହାହିଁ ହେଉଛି ।।୬।।

*--ସଂତ କା ଦୋଖୀ ବିଗଡ଼ ରୂପୁ ହୋଇ ଜାଇ ।। ସଂତ କେ ଦୋଖୀ କଉ ଦରଗହ ମିଲୈ ସଜାଇ ।। ସଂତ କା ଦୋଖୀ ସଦା ସହକାଈଐ ।। ସଂତ କା ଦୋଖୀ ନ ମରୈ ନ ଜୀୱାଈଐ ।। ସଂତ କେ ଦୋଖୀ କୀ ପୁଜୈ ନ ଆସା ।। ସଂତ କା ଦୋଖୀ ଉଠି ଚଲୈ ନିରାସା ।। ସଂତ କୈ ଦୋଖି ନ ତ୍ରିସଟୈ କୋଇ ।। ଜୈସା ଭାୱୈ ତୈସା କୋଇ ହୋଇ ।। ପଇଆ କିରତୁ ନ ମେଟୈ କୋଇ ।। ନାନକ ଜାନୈ ସଚା ସୋଇ ।।୭।।*

ସନ୍ଥନିନ୍ଦାକାରୀ କୁରୂପ ହୁଅଇ , ପ୍ରଭୁ ଦରବାରେ ଦଣ୍ଡ ସେ ଭୋଗଇ ।।
ସନ୍ଥନିନ୍ଦାକାରୀ ବ୍ୟାକୁଳିତ ଥାଇ , ମରେ ନାହିଁ ଅବା ଜୀଇଁ ପାରେ ନାହିଁ ।।
ସନ୍ଥନିନ୍ଦୁକର ଆଶା ନ ପୂରଇ , ନିରାଶ ହୋଇ ସେ ସଂସାରୁ ଚଳଇ ।।
ସନ୍ଥନିନ୍ଦା କଲେ ତୃଷ୍ଣା ନ ମେଣ୍ଟଇ , ଯେପରି ଚିନ୍ତଇ ସେପରି ହୁଅଇ ।।
କର୍ମଫଳ କେହି ନପାରେ ଲିଭେଇ , 'ନାନକ' ସେ ପ୍ରଭୁ ଏ ସତ୍ୟ ଜାଣଇ ।।୭।।

*--ସଭ ଘଟ ତିସ କେ ଓହୁ କରନୈହାରୁ ।। ସଦା ସଦା ତିସ କଉ ନମସକାରୁ ।। ପ୍ରଭ କୀ ଉସତତି କରହୁ ଦିନୁ ରାତି ।। ତିସହି ଧିଆୱହୁ ସାସି ଗିରାସି ।। ସଭୁ କଛୁ ୱରତୈ ତିସ କା କୀଆ ।। ଜୈସା କରେ ତୈସା କୋ ଥୀଆ ।। ଅପନା ଖେଲୁ ଆପି କରନୈହାରୁ ।। ଦୂସର କଉନୁ କହୈ ବୀଚାରୁ ।। ଜିସ ନୋ କ୍ରିପା କରୈ ତିସୁ ଆପନ ନାମୁ ଦେଇ ।। ବଡଭାଗୀ ନାନକ ଜନ ସେଇ ।।୮।।***୧୩*****।।***

ସର୍ବଘଟ ତାର କର୍ତ୍ତା ସେ ତାହାର , ସଦା ସଦା ତାକୁ କର ନମସ୍କାର ।।
ଦିନରାତି କର, ପ୍ରଭୁ ସ୍ତୁତି ଗାନ , ନିରନ୍ତର ତାକୁ କରୁଥାଅ ଧ୍ୟାନ ।।
ବର୍ତ୍ତିଥାଏ ସବୁ ଯାହା ସେ କରଇ , ଯେମନ୍ତ କରେ ସେ ତେମନ୍ତ ହୁଅଇ ।।
ଆପେ ସେ କରତା ଆପଣା ଲୀଳାର , ଅନ୍ୟ କିଏ ତାର କରିବ ବିଚାର ।।
କୃପା କରି ଯାରେ ଦିଏ ନିଜ ନାମ , 'ନାନକ' ସେ ଜନ ବଡ଼ ଭାଗ୍ୟବାନ ।।୮।।**୧୩**।।

*ସଲୋକ* ।। ଶ୍ଲୋକ ।।

***ତଜହୁ ସିଆନପ ସୁରିଜନହୁ ସିମରହୁ ହରି ହରି ରାଇ ।।***

***ଏକ ଆସ ହରି ମନି ରଖହୁ ନାନକ ଦୂଖୁ ଭରମୁ ଭଉ ଜାଇ ।।୧ ।।***

ସିହାଣିଆପଣ ଛାଡ଼ି ସୁଧୀଜନେ , ସୁମର ସେ ହରିରାୟେ ।

ଏକ ହରି ଆଶା ରଖିଲେ ମନରେ , ଦୁଃଖ ଭ୍ରମ ଭୟ ଯାଏ ।।୧ ।।

ଅଷ୍ଟପଦୀ ।।

*--ମାନୁଖ କୀ ଟେକ ବ୍ରିଥୀ ସଭ ଜାନୁ ।। ଦେଣନ କଉ ଏକୈ ଭଗୱାନୁ ।। ଜିସ କୈ ଦୀଐ ରହେ ଅଘାଇ ।। ବହୁରି ନ ତ୍ରିସନା ଲାଗୈ ଆଇ ।। ମାରୈ ରାଖୈ ଏକୋ ଆପି ।। ମାନୁଖ କୈ କିଛୁ ନାହୀ ହାଥି ।। ତିସକା ହୁକମୁ ବୁଝି ସୁଖୁ ହୋଇ ।। ତିସକା ନାମୁ ରଖୁ କଂଠି ପରୋଇ ।। ସିମରି ସିମରି ସିମରି ପ୍ରଭୁ ସୋଇ ।। ନାନକ ବିଘନୁ ନ ଲାଗୈ କୋଇ ।।୧ ।।*

ମଣିଷ ଆଶ୍ରୟ ସବୁ ବ୍ୟର୍ଥ ଜାଣ , ଦେବା ପାଇଁ ଜଣେ ଏକା ଭଗବାନ ।।

ଯାହାର ଦାନରେ ତୃପ୍ତି ମିଳିଥାଇ , କେବେହେଁ ଲାଳସା ଆଉ ଗ୍ରାସେ ନାହିଁ ।।

ମାରେ ଅବା ରଖେ ଏକ ପ୍ରଭୁ ସେହି , ମଣିଷ ହାତରେ କିଛି ହେଲେ ନାହିଁ ।।

ତା ଆଜ୍ଞା ବୁଝିଲେ ହୁଏ ସବୁ ସୁଖ , ନାମକୁ ତାହାର କଣ୍ଠେ ଗୁନ୍ଥି ରଖ ।।

ସେହି ଏକ ପ୍ରଭୁ ସୁମର ତୁ ସଦା , 'ନାନକ' କେବେହେଁ ନ ଆସିବ ବାଧା ।।୧ ।।

*--ଉସତତି ମନ ମହି କରି ନିରଂକାର ।। କରି ମନ ମେରେ ସତି ବିଉହାର ।। ନିରମଲ ରସନା ଅଂମ୍ରିତୁ ପୀଉ ।। ସଦା ସୁହେଲା କରି ଲେହି ଜୀଉ ।। ନେନହୁ ପେଖୁ ଠାକୁର କା ରଂଗୁ ।। ସାଧ ସଂଗି ବିନସୈ ସଭ ସଂଗୁ ।। ଚରନ ଚଲହୁ ମାରଗି ଗୋବିଂଦ ।। ମିଟହି ପାପ ଜପୀଐ ହରି ବିଂଦ ।। କର ହରି କରମ ସ୍ରୱନି ହରି କଥା ।। ହରି ଦରଗହ ନାନକ ଉଜଲ ମଥା ।।୨ ।।*

ମନ ମଧ୍ୟେ ସ୍ତୁତି କର ନିରାକାର , କର ମନ ସଦା ସଚ୍ଚା ବ୍ୟବହାର ।।

ଶୁଦ୍ଧ ରସନାରେ ପିଅ ନାମାମୃତ , ଆତ୍ମା ତୋର ସୁଖୀ କର ତୁ ସଂତତ ।।

ନୟନରେ ଦେଖ ଠାକୁରଙ୍କ ରଙ୍ଗ , ସାଧୁସଙ୍ଗ କରେ ସବୁ ମୋହ ଭଙ୍ଗ ।।

ପ୍ରଭୁ-ଭକ୍ତି ପଥେ ଚଳ ତୁ ଚରଣେ , ହରି ଜପ ପାପ ଖଣ୍ଡିବ ତକ୍ଷଣେ ।।

କର ହରିକର୍ମ ଶୁଣ ହରିକଥା , ହରି ଦରବାରେ ଉଚ୍ଚ ହେବ ମଥା ।।୨ ।।

--ବଡଭାଗୀ ତେ ଜନ ଜଗ ମାହି । । ସଦା ସଦା ହରି କେ ଗୁନ ଗାହି । ।ରାମ ନାମ ଜୋ କରହି ବୀଚାରି । । ସେ ଧନୱଂତ ଗନୀ ସଂସାର । । ମନି ତନି ମୁଖି ବୋଲହି ହରି ମୁଖୀ । । ସଦା ସଦା ଜାନହୁ ତେ ସୁଖୀ । । ଏକୋ ଏକୁ ଏକୁ ପଛାନୈ । ।ଇତ ଉତ କୀ ଓହୁ ସୋଝୀ ଜାନୈ । । ନାମ ସଂଗି ଜିସ କା ମନୁ ମାନିଆ । । ନାନକ ତିନହି ନିରଂଜନୁ ଜାନିଆ । ।୩ । ।

ବଡ଼ ଭାଗ୍ୟବାନ ଜଗତେ ସେ ଜନ , ସଦା ସଦା ଯିଏ ଗାଏ ହରି ଗୁଣ । ।
ରାମନାମ ଯେହୁ ହୃଦୟେ ବିଚାରେ , ଧନବନ୍ତ ରୂପେ ଗଣା ସେ ସଂସାରେ । ।
କାୟମନୋବାକ୍ୟେ ଯେହୁ ହରି ସ୍ମରେ , ସଦା ସଦା ସେହୁ ସୁଖୀ ଏ ସଂସାରେ । ।
ଏକ ପ୍ରଭୁକୁ ଯେ ଏକ ବୋଲି ମାନେ , ଲୋକ-ପରଲୋକ ଜ୍ଞାନ ସେହୁ ଜାଣେ । ।
ନାମ ସଙ୍ଗତରେ ଦୃଢ଼ ଯାହା ମନ , 'ନାନକ' ସେ ଜନ ଜାଣେ ନିରଞ୍ଜନ । ।୩ । ।

--ଗୁର ପ୍ରସାଦି ଆପନ ଆପୁ ସୁଝୈ । । ତିସକୀ ଜାନହୁ ତ୍ରିସନା ବୁଝୈ । । ସାଧ ସଂଗି ହରି ହରି ଜସୁ କହତ । । ସରବ ରୋଗ ତେ ଓହୁ ହରି ଜନୁ ରହତ । । ଅନଦିନୁ କୀରତନୁ କେୱଲ ବଖ୍ୟାନୁ । । ଗ୍ରିହସତ ମହି ସୋଇ ନିରବାନୁ । । ଏକ ଉପରି ଜିସୁ ଜନ କୀ ଆସା । । ତିସକୀ କଟୀଐ ଜମ କୀ ଫାସା । । ପାରବ୍ରହମ କୀ ଜିସୁ ମନି ଭୂଖ । । ନାନକ ତିସହି ନ ଲାଗହି ଦୂଖ । ।୪ । ।

ଗୁରୁପ୍ରସାଦେ ଯେ ପ୍ରଭୁକୁ ଜାଣଇ , ଜାଣିରଖ ତାର ତୃଷ୍ଣା ମେଣ୍ଟିଥାଇ । ।
ସାଧୁ ସଙ୍ଗତରେ ହରି ଯଶ ଗାଏ , ସବୁ ରୋଗରୁ ସେ ଭକ୍ତ ମୁକ୍ତ ହୁଏ । ।
ଅହର୍ନିଶି କରେ ଯେ ହରି କୀର୍ତ୍ତନ , ଗୃହସ୍ଥ ହୋଇ ସେ ଲଭଇ ନିର୍ବାଣ । ।
ଏକ ପ୍ରଭୁଠାରେ ଥାଏ ଯାର ଆଶ , ଛିଣ୍ଡିଯାଇ ଥାଏ ତାର ଯମଫାଶ । ।
ପ୍ରଭୁ ଲାଭ ଆଶା ଯାହା ମନେଥାଇ , 'ନାନକ' ତାହାକୁ ଦୁଃଖ ନ ଛୁଅଁଇ । ।୪ । ।

--ଜିସ କଉ ହରି ପ୍ରଭୁ ମନି ଚିତି ଆୱୈ । । ସୋ ସଂତୁ ସୁହେଲା ନହୀ ଡୁଲାୱୈ । । ଜିସୁ ପ୍ରଭୁ ଅପୁନା କିରପା କରୈ । । ସୋ ସେୱକୁ କହୁ କିସ ତେ ଡରୈ । । ଜୈସା ସା ତୈସା ଦ୍ରିସଟାଇଆ । । ଅପୁନେ କାରଜ ମହି ଆପି ସମାଇଆ । । ସୋଧତ ସୋଧତ ସୋଧତ ସୀଝିଆ । । ଗୁର ପ୍ରସାଦି ତତୁ ସଭୁ ବୂଝିଆ । । ଜବ ଦେଖଉ ତବ ସଭୁ କିଛୁ ମୂଲୁ । । ନାନକ ସୋ ସୂଖମୁ ସୋଇ ଅସଥୂଲୁ । ।୫ । ।

ଯାହା ଚିତ୍ତେ ସଦା ହରିଙ୍କ ସ୍ମରଣ , ସୁଖୀ ସନ୍ଥ ସିଏ ଅଟଳ ତା ମନ ।।

ଯେଉଁ ଜନେ ପ୍ରଭୁ ନିଜ କୃପା କରେ , କୁହ ସେ ସେବକ ଡରିବ କାହାରେ ।।

ଯେଉଁ ପରି ପ୍ରଭୁ ଦିଶେ ସେହିପରି , ନିଜ ସୃଷ୍ଟିରେ ସେ ରହିଥାଏ ପୂରି ।।

ବିଚାରି ବିଚାରି ସଫଳତା ମିଳେ , ବୁଝି ହୁଏ ସବୁ ଗୁରୁକୃପା ବଳେ ।।

ଦେଖୁଅଛି ମୁହିଁ ସେ ସବୁର ମୂଳ , 'ନାନକ' ସୂକ୍ଷ୍ମ ସେ ସିଏ ହିଁ ତ ସ୍ଥୂଳ ।।୫।।

*--ନହ କିଛୁ ଜନମୈ ନହ କିଛୁ ମରୈ ।। ଆପନ ଚଲିତୁ ଆପ ହୀ କରୈ ।। ଆୱନୁ ଜାୱନୁ ଦ୍ରିସଟି ଅନଦ୍ରିସଟି ।। ଆଗିଆକାରୀ ଧାରୀ ସଭ ସ୍ରିସଟି ।। ଆପେ ଆପି ସଗଲ ମହି ଆପି ।। ଅନିକ ଜୁଗତି ରଚି ଥାପି ଉଥାପି ।। ଅବିନାସୀ ନାହୀ କିଛୁ ଖଂଡ ।। ଧାରଣ ଧାରି ରହିଓ ବ୍ରହମଂଡ ।। ଅଲଖ ଅଭେୱ ପୁରଖ ପରତାପ ।। ଆପି ଜପାଏ ତ ନାନକ ଜାପ ।।୬।।*

ନା କିଛି ଜନ୍ମଇ ନା କିଛି ମରଇ , ନିଜ ଲୀଳା ପ୍ରଭୁ ନିଜେ କରୁଥାଇ ।।

ଜନମ-ମରଣ ଗୋଚରାଗୋଚର , ପ୍ରଭୁଙ୍କ ଆଜ୍ଞାରେ ଚଳେ ଏ ସଂସାର ।।

ନିଜ ମଧ୍ୟେ ଥାଇ, ଥାଇ ସବୁଥିରେ , ଗଢ଼ି ଭାଙ୍ଗୁଥାଇ ସେ କେତେ ପ୍ରକାରେ ।।

ସିଏ ଅବିନାଶ ସଦା ସେ ଅଖଣ୍ଡ , ଧାରଣ ଧରି ସେ ରଖିଛି ବ୍ରହ୍ମାଣ୍ଡ ।।

ସେ ପ୍ରଭୁ ଶକତି ଭେଦ ଜାଣି ନୁହେଁ , ଜପେ ନର ତାକୁ ଯଦି ସେ ଜପାଏ ।।୬।।

*--ଜିନ ପ୍ରଭୁ ଜାତା ସୁ ସୋଭାୱଂତ ।। ସଗଲ ସଂସାରୁ ଉଧରୈ ତିନ ମଂତ ।। ପ୍ରଭ କେ ସେୱକ ସଗଲ ଉଧାରନ ।। ପ୍ରଭ କେ ସେୱକ ଦୁଖ ବିସାରନ ।। ଆପେ ମେଲି ଲଏ କିରପାଲ ।। ଗୁର କା ସବଦୁ ଜପି ଭଏ ନିହାଲ ।। ଉନକୀ ସେୱା ସୋଇ ଲାଗୈ ।। ଜିସନୋ କ୍ରିପା କରହି ବଡ ଭାଗୈ ।। ନାମୁ ଜପତ ପାୱହି ବିସ୍ରାମୁ ।। ନାନକ ତିନ ପୁରଖ କଉ ଉତମି କରି ମାନୁ ।।୭।।*

ଯେ ଜାଣେ ପ୍ରଭୁକୁ ସେହୁ ଶୋଭାବନ୍ତ , ତା ଉପଦେଶରେ ତରଇ ଜଗତ ।।

ହରିଭକ୍ତ ସର୍ବ-ଜନ ମୁକ୍ତିଦାତା , ହରିଭକ୍ତ ସର୍ବ-ଜନ ଦୁଃଖହର୍ତ୍ତା ।।

ନିଜ ମଧ୍ୟେ ପ୍ରଭୁ ନିଅନ୍ତି ମିଳାଇ , ଜପି ଗୁରୁଶବ୍ଦ ଧନ୍ୟ ସେ ହୁଅଇ ।।

ଲାଗେ ସେହୁ ଜନ ପ୍ରଭୁର ସେବାରେ , ଥାଇ ପ୍ରଭୁ କୃପା ଯାହାରି ଉପରେ ।।

ନାମ ଜପି ଯେହୁ ଲଭଇ ବିଶ୍ରାମ , 'ନାନକ' ଉତ୍ତମ ବୋଲି ତାକୁ ଜାଣ ।।୭।।

*--ଜୋ କିଛୁ କରୈ ସୁ ପ୍ରଭ କୈ ରଂଗି । । ସଦା ସଦା ବସୈ ହରି ସଂଗି । । ସହଜ ସୁଭାଇ ହୋୱୈ ସୋ ହୋଇ । । କରଣୈହାରୁ ପଛାଣୈ ସୋଇ । ।ପ୍ରଭ କା କୀଆ ଜନ ମୀଠ ଲଗାନା । ।ଜୈସା ସା ତୈସା ଦ୍ରିସଟାନା । ।ଜିସ ତେ ଉପଜେ ତିସୁ ମାହି ସମାଏ । । ଓଇ ସୁଖନିଧାନ ଉନହୂ ବନି ଆଏ । । ଆପସ କଉ ଆପି ଦୀନୋ ମାନୁ । । ନାନକ ପ୍ରଭ ଜନୁ ଏକୋ ଜାନୁ । ।୮ । । ୧୪ । ।*

ଯାହା କିଛି କରେ ସବୁ ପ୍ରଭୁ ରଙ୍ଗେ , ସଦା ସଦା ହରି ବସଇ ତା ସଙ୍ଗେ । ।
ସ୍ୱାଭାବିକ ରୂପେ ଯା ସବୁ ହୁଅଇ , ତାହା ପ୍ରଭୁ ଇଛା ବୋଲି ସେ ବୁଝଇ । ।
ଭକତକୁ ମିଠା ପ୍ରଭୁ ଯା କରଇ , ଯିଏ ଯେଉଁ ପରି ସେପରି ଦିଶଇ । ।
ପ୍ରଭୁଠାରୁ ଜାତ ପ୍ରଭୁଠାରେ ଲୀନ , ତାକୁହିଁ ମିଳଇ ସେ ସୁଖ ନିଧାନ । ।
ଆପଣାକୁ ଆପେ ପ୍ରଭୁ ଦିଏ ମାନ , ନାନକ, ଭକତ ପ୍ରଭୁ ଏକ ଜାଣ । ।୮ । ।**୧୪** । ।

***ସଲୋକ*** **। । ଶ୍ଲୋକ । ।**

***ସରବ କଲା ଭରପୂର ପ୍ରଭ ବିରଥା ଜାନନହାର । ।***
***ଜା କୈ ସିମରନି ଉଧରୀଐ ନାନକ ତିସୁ ବଲିହାର । ।୧ । ।***

ସକଳ କଳାରେ ପରିପୂର୍ଣ୍ଣ ପ୍ରଭୁ , ସବୁରି ଦୁ:ଖ ସେ ଜାଣେ ।
'ନାନକ' ତାଠାରେ ନିରତ କୃତଜ୍ଞ , ମୁକ୍ତି ମିଳେ ଯା ସ୍ମରଣେ । ।୧ । ।

ଅଷ୍ଟପଦୀ । ।

*--ଟୂଟୀ ଗାଢନହାର ଗୋପାଲ । । ସରବ ଜୀଆ ଆପେ ପ୍ରତିପାଲ । । ସଗଲ କୀ ଚିଂତା ଜିସୁ ମନ ମାହି । । ତିସତେ ବିରଥା କୋଇ ନାହି । । ରେ ମନ ମେରେ ସଦା ହରି ଜାପି । । ଅବିନାସୀ ପ୍ରଭୁ ଆପେ ଆପି । । ଆପନ କୀଆ କଛୂ ନ ହୋଇ । । ଜେ ସଉ ପ୍ରାନୀ ଲୋଚୈ କୋଇ । । ତିସୁ ବିନୁ ନାହୀ ତେରୈ କିଛୁ କାମ । । ଗତି ନାନକ ଜପି ଏକ ହରି ନାମ । ।୧ । ।*

ଛିଣ୍ଡିଯାଇ ଥିଲେ ଯୋଡ଼ି ସେ ପାରଇ , ସକଳ ଜୀବର ପାଳନ କରଇ । ।
ସକଳର ଚିନ୍ତା ତାହା ମନେ ଥାଇ , ନିରାଶେ ତା ଠାରୁ ନ ଲେଉଟେ କେହି । ।
ସଦା ଜପ ହରି ଆରେ ମନ ମୋର , ଆପେ ଯିଏ ପ୍ରଭୁ ନାଶ ନାହିଁ ଯା'ର । ।
ହୋଇ ପାରେ ନାହିଁ ଆପେ କିଛି କଲେ , କରିବାକୁ ପ୍ରାଣୀ ଯେତେବି ଚାହିଁଲେ । ।
ତାହା ବିନୁ ନାହିଁ ତୋର କିଛି କାମ , ଗତି ହେବ ତୋର ଜପ ହରି ନାମ । ।୧ । ।

*--ରୂପଵଂତୁ ହୋଇ ନାହୀ ମୋହୈ ।। ପ୍ରଭ କୀ ଜୋତି ସଗଲ ଘଟ ସୋହୈ ।। ଧନଵଂତା ହୋଇ କିଆ କୋ ଗରବୈ ।। ଜା ସଭୁ କିଛୁ ତିସ କା ଦୀଆ ଦରବୈ ।। ଅତି ସୂରା ଜେ କୋଊ କହାଵୈ ।। ପ୍ରଭ କୀ କଲା ବିନା କହ ଧାଵୈ ।। ଜେ କୋ ହୋଇ ବହୈ ଦାତାରୁ ।। ତିସୁ ଦେନହାରୁ ଜାନୈ ଗାଵାରୁ ।। ଜିସୁ ଗୁରପ୍ରସାଦି ତୂଟୈ ହଉ ରୋଗୁ ।। ନାନକ ସୋ ଜନୁ ସଦା ଅରୋଗୁ ।।୨ ।।*

ରୂପରେ ପ୍ରଭୁକୁ କେ ପାରିବ ମୋହି , ଜ୍ୟୋତି ତାର ସର୍ବ ଘଟେ ଶୋହୁ ଥାଇ ।।
ଧନବନ୍ତ ବୋଲି କିପାଇଁ ଗରବ , ଯାହା କିଛି ସବୁ ତା ଦେଲା ଦରବ ।।
ବଡ଼ ଶୂରବୀର ବୋଲି ଯେ ବୋଲାଇ , ପ୍ରଭୁ ଶକ୍ତି ବିନା କାହିଁ ଯିବ ଧାଇଁ ।।
ବସେ ଯଦି କିଏ ବଡ଼ଦାତା ପଣେ , ସେ ଦାତାକୁ ପ୍ରଭୁ ମୂରୁଖରେ ଗଣେ ।।
ଗୁରୁକୃପାରେ ଯା' ତୁଟେ ଅହଂରୋଗ , 'ନାନକ' ସଦା ସେ ରହଇ ନିରୋଗ ।।୨ ।।

*--ଜିଉ ମଂଦର କଉ ଥାମୈ ଥଂମନୁ ।। ତିଉ ଗୁର କା ସବଦୁ ମନହି ଅସଥଂମନୁ ।। ଜିଉ ପାଖାଣୁ ନାଵ ଚଢ଼ି ତରୈ ।। ପ୍ରାଣୀ ଗୁର ଚରଣ ଲଗତୁ ନିସତରୈ ।। ଜିଉ ଅଂଧକାର ଦୀପକ ପରଗାସୁ ।। ଗୁର ଦରସନୁ ଦେଖି ମନି ହୋଇ ବିଗାସୁ ।। ଜିଉ ମହା ଉଦିଆନ ମହି ମାରଗୁ ପାଵୈ ।। ତିଉ ସାଧୂ ସଂଗି ମିଲି ଜୋତି ପ୍ରଗଟାଵୈ ।। ତିନ ସଂତନ କୀ ବାଛଉ ଧୂରି ।। ନାନକ କୀ ହରି ଲୋଚା ପୂରି ।।୩ ।।*

ସ୍ତମ୍ଭ ଯଥା ଧରି ରଖଇ ମନ୍ଦିର , ତଥା ଗୁରୁଶବ୍ଦ ଚିତ୍ତ ରଖେ ସ୍ଥିର ।।
ଯେପରି ପାଷାଣ ନାଆ ଚଢ଼ି ତରେ , ଗୁରୁପଦେ ଲାଗି ମଣିଷ ନିସ୍ତରେ ।।
ଅନ୍ଧକାରେ ଯଥା ଦୀପ ପ୍ରକାଶିତ , ଗୁରୁ ଦରଶନେ ମନ ବିକଶିତ ।।
ଘୋର ବନେ ଯଥା ପଥ ମିଳିଥାଇ , ସାଧୁସଙ୍ଗତରେ ତଥା ଜ୍ୟୋତି ପାଇ ।।
ମାଗେ ସଦା ସେହି ସନ୍ଥ-ପଦ-ଧୂଳି , ନାନକର ଇଚ୍ଛା ପୂର୍ଣ୍ଣ କର ହରି ।।୩ ।।

*--ମନ ମୂରଖ କାହେ ବିଲଲାଈଐ ।। ପୂରବ ଲିଖେ କା ଲିଖିଆ ପାଈଐ ।। ଦୂଖ ସୂଖ ପ୍ରଭ ଦେଵନହାରୁ ।। ଅଵର ତିଆଗି ତୂ ତିସହି ଚିତାରୁ ।। ଜୋ କଛୁ କରୈ ସୋଈ ସୁଖୁ ମାନୁ ।। ଭୂଲା କାହେ ଫିରହି ଅଜାନ ।। କଉନ ବସତୁ ଆଈ ତେରୈ ସଂଗ ।। ଲପଟି ରହିଉ ରସି ଲୋଭୀ ପତଂଗ ।। ରାମ ନାମ ଜପି ହିରଦେ ମାହି ।। ନାନକ ପତି ସେତୀ ଘରି ଜାହି ।।୪ ।।*

ମୂର୍ଖ ମନ କିଆଁ ହୁଅଇ ଅଧୀର , ଭୋଗ ହୁଏ ପରା ପୂର୍ବାର୍ଜିତ ଫଳ ।।
ଏକ ପ୍ରଭୁ ସେହୁ ଦୁ:ଖ-ସୁଖ ଦାତା , ଆଉ ସବୁ ଛାଡ଼ି କର ତାର ଚିନ୍ତା ।।
ଯାହା କରେ ପ୍ରଭୁ ତାକୁ ସୁଖ ମାନ , ବୃଥାରେ କିପାଇଁ ଭ୍ରମୁରେ ଅଜ୍ଞାନ ।।
କେଉଁ ବସ୍ତୁ ଆସି ଥିଲା ତୋର ସଙ୍ଗେ , କୀଟ ସମ ଲାଖି ଅଛୁ ନାନା ରଙ୍ଗେ ।।
ହୃଦୟେ ଜପ ତୁ ସଦା ରାମ ରାମ , ସମ୍ମାନ ନେଇ ତୁ ଯିବୁ ପ୍ରଭୁ-ଧାମ ।।୪।।

*--ଜିସୁ ଵଖର କଉ ଲୈନି ତୂ ଆଇଆ ।। ରାମ ନାମୁ ସଂତନ ଘରି ପାଇଆ ।। ତଜି ଅଭିମାନୁ ଲେହୁ ମନ ମୋଲି ।। ରାମ ନାମୁ ହିରଦେ ମହି ତୋଲି ।। ଲାଦି ଖେପ ସଂତହ ସଂଗି ଚାଲୁ ।। ଅଵର ତିଆଗି ବିଖିଆ ଜଂଜାଲ ।। ଧଂନି ଧଂନି କହୈ ସଭୁ କୋଇ ।। ମୁଖ ଊଜଲ ହରି ଦରଗହ ସୋଇ ।। ଇହୁ ଵାପାରୁ ଵିରଲା ଵାପାରୈ ।। ନାନକ ତା କୈ ସଦ ବଲିହାରୈ ।।୫ ।।*

ଆସିଛୁ ତୁ ଯେଉଁ ସଉଦା ପାଇଁରେ , ସେହି ରାମନାମ ମିଳେ ସନ୍ଥ ଦ୍ୱାରେ ।।
ତେଜି ଅଭିମାନ ନିଅ ଦେଇ ମନ , ରାମନାମ ହୃଦେ କର ଗଣ୍ଠିଧନ ।।
ଲଦି ସେହି ଧନ ସନ୍ଥ ସଙ୍ଗେ ଚଳ , ଆଉ ତ୍ୟାଗ କର ବିଷୟ ଜଞ୍ଜାଳ ।।
କହିବେ ସଭିଏଁ ଧନ୍ୟ ଧନ୍ୟ ତୋତେ , ସୁଖ ତୁ ପାଇବୁ ଶ୍ରୀହରି ନିକଟେ ।।
କଦବା କେ କରେ ଏ ପରି ବ୍ୟାପାର , ନାନକ ସଂତତ ପଦ ତଳେ ତାର ।।୫।।

*--ଚରନ ସାଧ କେ ଧୋଇ ଧୋଇ ପୀଉ ।। ଅରପି ସାଧ କଉ ଅପନା ଜୀଉ ।। ସାଧ କୀ ଧୂରି କରହୁ ଇସନାନୁ ।। ସାଧ ଊପରି ଜାଈଐ କୁରବାନୁ ।। ସାଧ ସେଵା ଵଡଭାଗୀ ପାଈଐ ।। ସାଧ ସଂଗି ହରି କୀରତନୁ ଗାଈଐ ।। ଅନିକ ବିଘନ ତେ ସାଧୂ ରାଖୈ ।। ହରିଗୁନ ଗାଇ ଅଂମ୍ରିତ ରସୁ ଚାଖୈ ।। ଓଟ ଗହୀ ସଂତହ ଦରି ଆଇଆ ।। ସରବ ସୂଖ ନାନକ ତିହ ପାଇଆ ।।୬ ।।*

ସାଧୁ ପଦ ଧୋଇ ଧୋଇ କର ପାନ , ସାଧୁଙ୍କୁ ଅରପି ଦିଅ ତୋର ମନ ।।
ସାଧୁ ପଦରେଣୁ କର ତୁ ସ୍ନାହାନ , ସାଧୁଲାଗି କର ଜୀବନ ଅର୍ପଣ ।।
ସାଧୁସେବା ମିଳେ ଥିଲେ ବଡ଼ ପୂଣ୍ୟ , ସାଧୁ ସଙ୍ଗେ କର ଶ୍ରୀହରି କୀର୍ତ୍ତନ ।।
ସାଧୁ କରେ ପାର ଥାଉ ଯେତେ ବିଘ୍ନ , ଗାଇ ହରିଗୁଣ ସୁଧା କରେ ପାନ ।।
ଯେଉଁ ଜନ ସନ୍ଥ ଦ୍ୱାରେ ଆଶ୍ରା ନେଲା , ନାନକ ସେ ସର୍ବ ସୁଖ ପ୍ରାପ୍ତ କଲା ।।୬।।

*--ମିରତକ କଉ ଜୀୱାଲନହାର ।। ଭୂଖେ କୋ ଦେୱତ ଅଧାର ।। ସରବ ନିଧାନ ଜାକୀ ଦ୍ରିସଟୀ ମାହି ।। ପୂରବ ଲିଖେ କା ଲହଣା ପାହି ।। ସଭୁ କିଛୁ ତିସ କା ଓହୁ କରନୈ ଜୋଗୁ ।। ତିସୁ ବିନୁ ଦୂସର ହୋଆ ନ ହୋଗୁ ।। ଜପି ଜନ ସଦା ସଦା ଦିନୁ ରୈଣୀ ।। ସଭ ତେ ଊଚ ନିରମଲ ଇହ କରଣୀ ।। କରି କିରପା ଜିସ କଉ ନାମୁ ଦୀଆ ।। ନାନକ ସୋ ଜନୁ ନିରମଲୁ ଥୀଆ ।।୭ ।।*

ମୃତ୍ୟରେ ଜୀବନ କରଇ ସଂଚାର , କ୍ଷୁଧାର୍ତ୍ତ ଜୀବକୁ ଦିଅଇ ଆହାର ।।
ସକଳ ଭଣ୍ଡାର ତା ଦୃଷ୍ଟିରେ ଥାଇ , ପୂର୍ବ-ଲେଖା ଯାହା ପ୍ରାଣୀ ତାହା ପାଇ ।।
ସବୁ ତାହାର ସେ ଗଢ଼ିପାରେ ସର୍ବ , ତାହା ବିନା କିଛି ହୋଇଛି ନା ହେବ ।।
ଜପ ତାକୁ ସଦା ଦିବସ ରଜନୀ , ଏହା ସର୍ବୋତ୍ତମ ନିର୍ମଳ କରଣି ।।
କୃପାରେ ଯାହାକୁ ଦେଇଅଛି ନାମ , 'ନାନକ' ସେ ଜନ ପବିତ୍ର ଉତ୍ତମ ।।୭ ।।

*--ଜା କୈ ମନି ଗୁର କୀ ପରତୀତି ।। ତିସୁ ଜନ ଆଵୈ ହରି ପ୍ରଭୁ ଚୀତି ।।ଭଗତୁ ଭଗତୁ ସୁନୀଐ ତିହୁ ଲୋଇ ।। ଜା କୈ ହିରଦୈ ଏକୋ ହୋଇ ।। ସଚୁ କରଣୀ ସଚୁ ତାକୀ ରହତ ।। ସଚୁ ହିରଦୈ ସତି ମୁଖି କହତ ।। ସାଚୀ ଦ୍ରିସଟି ସାଚା ଆକାରୁ ।। ସଚୁ ୱରତୈ ସାଚା ପାସାରୁ ।। ପାରବ୍ରହମୁ ଜିନି ସଚୁ କରି ଜାତା ।। ନାନକ ସୋ ଜନୁ ସଚି ସମାତା ।।୮ ।।୧୫ ।।*

ମନରେ ଯାହାର ଶ୍ରୀଗୁରୁ ବିଶ୍ୱାସ , ହୃଦୟେ ତାହାର ହରି କରେ ବାସ ।।
ତିନି ଲୋକେ ଶୁଭେ ଭକ୍ତ ଭକ୍ତ ଡାକ , ଯାହାର ହୃଦୟେ ସେହି ପ୍ରଭୁ ଏକ ।।
ସଚ୍ଚା କର୍ମ ସଚ୍ଚା ତା ଧର୍ମ ଚଳଣି , ସଚ୍ଚା ତା ହୃଦୟ ସଚ୍ଚା ମୁଖବାଣୀ ।।
ସଚ୍ଚା ଦୃଷ୍ଟି ସଚ୍ଚା ସ୍ୱରୂପ ତାହାର , ସଚ୍ଚା ସେ ବିତରେ ସଚ୍ଚା ତା ବିସ୍ତାର ।।
ସତ୍ୟ ବୋଲି ଯିଏ ଜାଣେ ପରଂବ୍ରହ୍ମ , 'ନାନକ' ସେ ଜନ ସତ୍ୟେ ହୁଏ ଲୀନ ।।୮ ।।**୧୫** ।।

***ସଲୋକ*** **।। ଶ୍ଳୋକ ।।**

***ରୂପୁ ନ ରେଖ ନ ରଂଗୁ କିଛୁ ତ୍ରିହୁ ଗୁଣ ତେ ପ୍ରଭ ଭିଂନ ।।***
***ତିସହି ବୁଝାଏ ନାନକା ଜିସୁ ହୋଵୈ ସୁପ୍ରସଂନ ।।୧ ।।***

ରୂପ ରେଖ ଅବା ରଙ୍ଗ ନାହିଁ କିଛି , ତ୍ରିଗୁଣରୁ ପ୍ରଭୁ ଭିନ୍ନ ।
ତାହାକୁ ସେ ନିଜେ ବୁଝାଏ 'ନାନକ' , ହୁଏ ଯା'ରେ ସୁପ୍ରସନ୍ନ ।।୧ ।।

ଅଷ୍ଟପଦୀ ।।

*--ଅବିନାସୀ ପ୍ରଭୁ ମନ ମହି ରାଖୁ ।। ମାନୁଖ କୀ ତୂ ପ୍ରୀତି ତିଆଗୁ ।। ତିସ ତେ ପରୈ ନାହୀ କିଛୁ କୋଇ ।। ସରବ ନିରଂତରି ଏକୋ ସୋଇ ।। ଆପେ ବୀନା ଆପେ ଦାନା ।। ଗହିର ଗଂଭୀରୁ ଗହୀରୁ ସୁଜାନା ।। ପାରବ୍ରହମ ପରମେସୁର ଗୋବିଂଦ ।। କ୍ରିପା ନିଧାନ ଦଇଆଲ ବଖସଂଦ ।। ସାଧ ତେରେ କୀ ଚରନୀ ପାଉ ।। ନାନକ କୈ ମନି ଇହୁ ଅନରାଉ ।।୧ ।।*

ପ୍ରଭୁ ଅବିନାଶ ମନ ମଧ୍ୟେ ଚିନ୍ତି , ତ୍ୟାଗ କର ତୁହି ମଣିଷର ପ୍ରୀତି ।।
ତାହାର ଉର୍ଦ୍ଧରେ ଆଉ କିଛି ନାହିଁ , ସବୁରି ମଧ୍ୟରେ ଏକ ମାତ୍ର ସେହି ।।
ଜାଣଇ ସବୁରି ଭିତର-ବାହାର , ଅଟଳ ସୁଜାଣ ଗଭୀର ଗମ୍ଭୀର ।।
ପରମେଶ୍ୱର ଗୋବିନ୍ଦ ପରଂବ୍ରହ୍ମ , ଦୟା-କ୍ଷମା-ନିଧି କୃପାର ନିଧାନ ।।
ପଡ଼ିଥିବି ମୁହିଁ ତୋ ସାଧୁ ଚରଣେ , ଏତିକି କାମନା 'ନାନକର' ମନେ ।।୧ ।।

*--ମନସା ପୂରନ ସରନା ଜୋଗ ।। ଜୋ କରି ପାଇଆ ସୋଇ ହୋଗୁ ।। ହରନ ଭରନ ଜା କା ନେତ୍ର ଫୋରୁ ।। ତିସୁ କା ମଂତ୍ରୁ ନ ଜାନୈ ହୋରୁ ।। ଅନଦ ରୂପ ମଂଗଲ ସଦ ଜାକୈ ।। ସରବ ଥୋକ ସୁନୀଅହି ଘରି ତାକୈ ।। ରାଜ ମହି ରାଜୁ ଜୋଗ ମହି ଜୋଗୀ ।। ତପ ମହି ତପୀସରୁ ଗ୍ରିହସତ ମହି ଭୋଗୀ ।। ଧିଆଇ ଧିଆଇ ଭଗତହ ସୁଖୁ ପାଇଆ ।। ନାନକ ତିସୁ ପୁରଖ କା କିନୈ ଅଂତୁ ନ ପାଇଆ ।।୨ ।।*

ଇଚ୍ଛାପୂରକ ସେ ଶରଣ ରକ୍ଷଣ , ହେବ ତାହା ଯାହା କରିଛି ଲେଖନ ।।
ଯାହାର ପଲକେ ଉତ୍ପତ୍ତି ବିନାଶ , ଆଉ କେହି ଜାଣେ ନାହିଁ ତା ରହସ୍ୟ ।।
ଯାହା ଘରେ ସଦା ଆନନ୍ଦ ମଙ୍ଗଳ , ଅଛି ତାହା ଘରେ ପଦାର୍ଥ ସକଳ ।।
ରାଜା ମଧ୍ୟେ ରାଜା ଯୋଗୀ ମଧ୍ୟେ ଯୋଗୀ , ତପୀ ମଧ୍ୟେ ତପୀ ଗୃହୀ ମଧ୍ୟେ ଭୋଗୀ ।।
ଲଭିଲେ ଆନନ୍ଦ ଧ୍ୟାୟୀ ଧ୍ୟାୟୀ ଭକ୍ତ , 'ନାନକ' କେହି ନ ପାଇଲେ ତା ଅନ୍ତ ।।୨ ।।

*--ଜା କୀ ଲୀଲା କୀ ମିତି ନାହି ।। ସଗଲ ଦେଵ ହାରେ ଅଵଗାହି ।। ପିତା କା ଜନମୁ କି ଜାନୈ ପୂତୁ ।। ସଗଲ ପରୋଇ ଅପୁନୈ ସୂତି ।। ସୁମତି ଗିଆନୁ ଧିଆନୁ ଜିନ ଦେଇ ।। ଜନ ଦାସ ନାମୁ ଧିଆଵହି ସେଇ ।। ତିହୁ ଗୁଣ ମହି ଜା କଉ ଭରମାଏ ।। ଜନମି ମରୈ ଫିରି ଆଵୈ ଜାଏ ।। ଊଚ ନୀଚ ତିସ କେ ଅସଥାନ ।। ଜୈସା ଜନାଵୈ ତୈସା ନାନକ ଜାନ ।।୩ ।।*

ଯାହାର ଲୀଳାର ଆଦି ଅନ୍ତ ନାହିଁ , ହାରି ଗଲେ ସର୍ବ ଦେବ ଅବଗାହି ।।
ପିତାର ଜନମ ପୁତ୍ର କି ଜାଣୁଛି , ଇଚ୍ଛା ସୂତ୍ରେ ସବୁ ଗୁଛି ସେ ରଖିଛି ।।
ଯାହାକୁ ସୁମତି ଜ୍ଞାନ ଧ୍ୟାନ ଦିଏ , ସେହି ଦାସ ଜନ ନାମତାର ଧ୍ୟାୟେ ।।
ତିନି ଗୁଣ ମଧ୍ୟେ ଯାହାକୁ ଭ୍ରମାଏ , ଜନ୍ମେ ମରେ ସେହୁ ଆସେ ଆଉ ଯାଏ ।।
ଉଚ୍ଚ ନୀଚ ସବୁ ଆସ୍ଥାନ ତାହାରି , ଜାଣଇ 'ନାନକ' ଜଣାଏ ଯେପରି ।।୩।।

*(ତିନି ଗୁଣ :-ସତ୍ତ୍ୱ, ରଜ, ତମ ଗୁଣ )*

*--ନାନା ରୂପ ନାନା ଜାକେ ରଂଗ ।। ନାନା ଭେଖ କରହି ଇକ ରଂଗ ।। ନାନା ବିଧି କୀନୋ ବିସଥାରୁ ।। ପ୍ରଭି ଅବିନାସୀ ଏକଂକାରୁ ।। ନାନା ଚଲିତ କରେ ଖିନ ମାହି ।। ପୂରି ରହିଓ ପୂରନୁ ସଭ ଠାଇ ।। ନାନା ବିଧି କରି ବନତ ବନାଈ ।। ଅପନୀ କୀମତି ଆପେ ପାଈ ।। ସଭ ଘଟ ତିସକେ ସଭ ତିସକେ ଠାଉ ।। ଜପି ଜପି ଜୀଵୈ ନାନକ ହରି ନାଉ ।।୪।।*

ଅଟଇ ଯାହାର ନାନା ରୂପ ରଂଗ , ନାନା ବେଶ କରି କରେ ଏକ ରଂଗ ।।
ନାନା ପରକାର କରିଛି ବିସ୍ତାର , ପ୍ରଭୁ ଅବିନାଶ ସେ ଏକ-ଓଁକାର ।।
ଅନେକ ବିଚିତ୍ର କର୍ମ କରେ କ୍ଷଣେ , ପରିପୂର୍ଣ୍ଣ ପ୍ରଭୁ ଥାଇ ସର୍ବ ସ୍ଥାନେ ।।
ଅନେକ ପ୍ରକାରେ ସୃଷ୍ଟି ସରଜିଛି , ନିଜ ମୂଲ ସେହୁ ନିଜେହିଁ ପାଇଛି ।।
ସର୍ବ ଘଟ ତାର ସର୍ବ ଘଟେ ଠାବ , ଅଛି ନାମ ଜପି 'ନାନକର' ଜୀବ ।।୪।।

*--ନାମ କେ ଧାରେ ସଗଲେ ଜଂତ ।। ନାମ କେ ଧାରେ ଖଂଡ ବ୍ରହମଂଡ ।। ନାମ କେ ଧାରେ ସିମ୍ରିତି ବେଦ ପୁରାନ ।। ନାମ କେ ଧାରେ ସୁନନ ଗିଆନ ଧିଆନ ।। ନାମ କେ ଧାରେ ଆଗାସ ପାତାଲ ।। ନାମ କେ ଧାରେ ସଗଲ ଆକାର ।। ନାମ କେ ଧାରେ ପୁରୀଆ ସଭ ଭଵନ ।। ନାମ କୈ ସଂଗି ଉଧରେ ସୁନି ସ୍ରଵନ ।। କରି କିରପା ଜିସୁ ଆପନୈ ନାମି ଲାଏ ।। ନାନକ ଚଉଥେ ପଦ ମହି ସୋ ଜନୁ ଗତି ପାଏ ।।୫।।*

ସକଳ ଜୀବର ନାମ ହିଁ ଆଧାର , ଖଣ୍ଡ ବ୍ରହ୍ମାଣ୍ଡର ନାମ ହିଁ ଆଧାର ।।
ନାମାଶ୍ରୟେ ବେଦ ସ୍ମୃତି ଓ ପୁରାଣ , ନାମାଶ୍ରୟେ ଜ୍ଞାନ ଧ୍ୟାନ ଓ ଶ୍ରବଣ ।।
ନାମର ଆଶ୍ରୟେ ଆକାଶପାତାଳ , ନାମର ଆଶ୍ରୟେ ସକଳ ଆକାର ।।
ନାମାଶ୍ରୟେ ସର୍ବ ଲୋକ ଓ ଭୁବନ , ସକଳେ ତରନ୍ତି କର୍ଣ୍ଣେ ଶୁଣି ନାମ ।।
ନାମାଧୀନ କରି କରେ କୃପା ଯା'ରେ , ଚତୁର୍ଥ ପଦରେ 'ନାନକ' ସେ ତରେ ।।୫।।

*(ଚତୁର୍ଥ ପଦ-ମୋକ୍ଷ)*

*--ରୂପୁ ସତି ଜାକା ସତି ଅସଥାନୁ । । ପୁରଖୁ ସତି କେୱଲ ପରଧାନୁ । । କରତୂତି ସତି ସତି ଜାକୀ ବାଣୀ । । ସତି ପୁରଖ ସଭ ମାହି ସମାଣୀ । । ସତି କରମୁ ଜାକୀ ରଚନା ସତି । । ମୂଲୁ ସତି ସତି ଉତପତି । । ସତି କରଣୀ ନିରମଲ ନିରମଲୀ । । ଜିସହି ବୁଝାଏ ତିସହି ସଭ ଭଲୀ । । ସତି ନାମୁ ପ୍ରଭ କା ସୁଖଦାଇ । । ବିସ୍ୱାସୁ ସତି ନାନକ ଗୁର ତେ ପାଇ । ।୬ । ।*

ରୂପ ସତ୍ୟ ଆଉ ସତ୍ୟ ଯା'ର ସ୍ଥାନ , ସେ ସତପୁରୁଷ ଅଟଇ ପ୍ରଧାନ । ।
ସତ୍ୟ ଯା' କରଣି ବାଣୀ ଯା'ର ସତ୍ୟ , ସେ ସତପୁରୁଷ ସବୁଠାରେ ବ୍ୟାପ୍ତ । ।
ସତ୍ୟ ଯା କରମ ସୃଷ୍ଟି ଯା'ର ସତ୍ୟ , ସେ ହିଁ ମୂଳ ସତ୍ୟ ତହୁଁ ଜାତ ସତ୍ୟ । ।
ସତ୍ୟ ତା କରଣି ନିର୍ମଳୁ-ନିର୍ମଳ , ଯାହାକୁ ବୁଝାଏ ତାକୁ ସବୁ ଭଲ । ।
ସତନାମ ତାର ଅଟେ ସୁଖଦାୟୀ , ସେ ସତ ବିଶ୍ୱାସ ଗୁରୁଠାରୁ ପାଇ । ।୬ । ।

*--ସତି ବଚନ ସାଧୂ ଉପଦେସ । । ସତି ତେ ଜନ ଜାକୈ ରିଦୈ ପ୍ରୱେସ । । ସତି ନିରତି ବୁଝୈ ଜେ କୋଇ । । ନାମୁ ଜପତ ତାକୀ ଗତି ହୋଇ । । ଆପି ସତି କୀଆ ସଭୁ ସତି । । ଆପେ ଜାନୈ ଅପନୀ ମିତି ଗତି । । ଜିସକୀ ସ୍ରିସଟି ସୁ କରଣୈହାରୁ । । ଅୱର ନ ବୂଝି କରତ ବୀଚାରୁ । । କରତେ କୀ ମିତି ନ ଜାନୈ କୀଆ । । ନାନକ ଜୋ ତିସୁ ଭାୱୈ ସୋ ୱରତୀଆ । ।୭ । ।*

ସାଧୁ ଉପଦେଶ ଅଟଳ ବଚନ , ଯା ହୃଦେ ପ୍ରବେଶ ସତ୍ୟ ସେହି ଜନ । ।
ପ୍ରଭୁ ସତ୍ୟରୂପ ଯେ ଜନ ବୁଝଇ , ସତନାମ ଜପେ ତା ଗତି ହୁଅଇ । ।
ଆପେ ପ୍ରଭୁ ସତ୍ୟ ସତ୍ୟ ତାର କୃତି , ଆପେ ସିଏ ଜାଣେ ତା'ର ମତି ଗତି । ।
ଯେ ସୃଷ୍ଟିକରତା ଏ ସୃଷ୍ଟି ଯାହାର , କାହାକୁ ନ ବୁଝି କରଇ ବିଚାର । ।
କର୍ତ୍ତାର ସାମର୍ଥ୍ୟ କୃତି କି ଜାଣଇ , ପ୍ରଭୁକୁ ଯା'ଭଲ ତାହାହିଁ ହୁଅଇ । ।୭ । ।

*--ବିସମନ ବିସମ ଭଏ ବିସମାଦ । । ଜିନି ବୂଝିଆ ତିସୁ ଆଇଆ ସ୍ୱାଦ । । ପ୍ରଭ କୈ ରଂଗି ରାଚି ଜନ ରହେ । । ଗୁର କୈ ବଚନି ପଦାରଥ ଲହେ । । ଓଇ ଦାତେ ଦୁଖ କାଟନହାର । । ଜାକୈ ସଂଗି ତରୈ ସଂସାର । । ଜନ କା ସେୱକୁ ସୋ ୱଡଭାଗୀ । । ଜନ କୈ ସଂଗି ଏକ ଲିୱ ଲାଗୀ । । ଗୁନ ଗୋବିଦ କୀରତନୁ ଜନୁ ଗାୱୈ । । ଗୁର ପ୍ରସାଦି ନାନକ ଫଲୁ ପାୱୈ । ।୮ । ।୧୬ । ।*

ଚକିତୁ ଆହୁରି ଚକିତ ହୋଇଛି , ହୋଇଛି ଆନନ୍ଦ ଯେ ବୁଝି ପାରିଛି ।।

ପ୍ରଭୁ ପ୍ରେମେ ମଗ୍ନ ରହେ ଯେଉଁ ଜନ , ଗୁରୁପ୍ରସାଦରେ ଲଭେ ନାମରତ୍ନ ।।

ସେହି ନାମଦାନୀ ଅଟେ ଦୁ:ଖହର , ଯା ସଙ୍ଗତେ ମୁକ୍ତି ଲଭଇ ସଂସାର ।।

ସେ ଦାସର ଦାସ ବଡ଼ ପୁଣ୍ୟବନ୍ତ , ଦାସ ସଙ୍ଗେ ଦିଏ ପ୍ରଭୁଠାରେ ଚିତ୍ତ ।।

ଯେ ଗୋବିନ୍ଦ ଗୁଣ କୀର୍ତ୍ତନ କରଇ , ଗୁରୁକୃପା ବଳେ ତା ଫଳ ଲଭଇ ।।୮।।୧୬।।

*(ଚକିତୁ ଆହୁରି ଚକିତ :-ବିସ୍ମୟରୁ ବିସ୍ମୟ )*

**ସଲୋକ।। ଶ୍ଳୋକ ।।**

***ଆଦି ସଚୁ ଜୁଗାଦି ସଚୁ ।।***

***ହୈ ଭି ସଚୁ ନାନକ ହୋସୀ ଭି ସଚୁ ।।୧।।***

ଆଦ୍ୟେ ଏକ ସତ୍ୟ ପୂରି ରହିଥିଲା , ଯୁଗାଦ୍ୟରେ ଥିଲା ସତ୍ୟ ।

ଆଜି ବି ରହିଛି ସେ ସତ୍ୟ 'ନାନକ' , କାଲିବି ଥିବ ସେ ସତ୍ୟ ।।୧।।

ଅଷ୍ଟପଦୀ ।।

*--ଚରନ ସତି ସତି ପରସନହାର ।। ପୂଜା ସତି ସତି ସେୱଦାର ।। ଦରସନୁ ସତି ସତି ପେଖନହାର ।। ନାମୁ ସତି ସତି ଧିଆୱନହାର ।। ଆପି ସତି ସତି ସଭ ଧାରୀ ।। ଆପେ ଗୁଣ ଆପେ ଗୁଣକାରୀ ।। ସବଦୁ ସତି ସତି ପ୍ରଭୁ ବକତା ।। ସୁରତି ସତି ସତି ଜସୁ ସୁନତା ।। ବୁଝନହାର କଉ ସତି ସଭ ହୋଇ ।। ନାନକ ସତି ସତି ପ୍ରଭୁ ସୋଇ ।।୧।।*

ସତ୍ୟ ପ୍ରଭୁ ପଦ ସେବକ ବି ସତ୍ୟ , ସତ୍ୟ ଅଟେ ପୂଜା ପୂଜକ ବି ସତ୍ୟ ।।

ସତ୍ୟ ଦରଶନ ଦର୍ଶକ ବି ସତ୍ୟ , ସତ୍ୟ ପ୍ରଭୁ ନାମ ଧ୍ୟାନକାରୀ ସତ୍ୟ ।।

ଆପେ ସତ୍ୟ ସତ୍ୟ ଯାହା ଅଛି ଧରି , ଆପେ ଗୁଣ ଆଉ ଆପେ ଗୁଣକାରୀ ।।

ସତ୍ୟ ପ୍ରଭୁ ଶବ୍ଦ ଆଉ ସତ୍ୟ ବକ୍ତା , ସତ୍ୟ ଆତ୍ମଜ୍ଞାନ ସତ୍ୟ ଯଶ ଶ୍ରୋତା ।।

ସେ ବୁଝେ ତା ଲାଗି ସବୁ ଅଟେ ସତ୍ୟ , ନାନକ ସେ ପ୍ରଭୁ ସଦା ସତ୍ୟ ସତ୍ୟ ।।୧।।

*--ସତି ସରୂପୁ ରିଦୈ ଜିନି ମାନିଆ ।। କରନ କରାୱନ ତିନି ମୂଲୁ ପଛାନିଆ ।। ଜା କୈ ରିଦୈ ବିସ୍ୱାସୁ ପ୍ରଭ ଆଇଆ ।। ତତୁ ଗିଆନୁ ତିସୁ ମନି ପ୍ରଗଟାଇଆ ।। ଭୈ ତେ ନିରଭଉ ହୋଇ ବସାନା ।। ଜିସ ତେ ଉପଜିଆ ତିସୁ ମାହି ସମାନା ।। ବସତୁ ମାହି ଲେ ବସତୁ ଗଡାଇ ।। ତା କଉ ଭିଂନ ନ କହନା ଜାଇ ।। ବୂଝୈ ବୂଝନହାରୁ ବିବେକ ।। ନାରାଇନ ମିଲେ ନାନକ ଏକ ।।୨।।*

ସତ୍ୟ ସ୍ୱରୂପକୁ ହୃଦୟେ ଯେ ମାନେ , କରଣ କାରଣ ମୂଳ କୁ ସେ ଜାଣେ ।।
ପ୍ରଭୁ ବିଶ୍ୱାସ ଯା' ହୃଦୟେ ଉପୁଜେ , ତତ୍ତ୍ୱ-ଜ୍ଞାନ ତା'ର ମନରେ ବିରାଜେ ।।
ନିର୍ଭୟରେ ବଞ୍ଚେ ଭୟମୁକ୍ତ ହୋଇ , ପ୍ରଭୁ ନାମେ ସଦା ଲୀନ ସେ ରହଇ ।।
ବସ୍ତୁ ସଙ୍ଗେ ବସ୍ତୁ ଯୋଡ଼ି ଦେଲେ ନେଇ , ଭିନ୍ନ ବୋଲି ତାକୁ କହିତ ନୁହଇ ।।
ଏ ବିଚାର ବୁଝେ ଥାଏ ଯା' ବିବେକ , ପ୍ରଭୁ ସଙ୍ଗେ ଯିଏ ମିଶେ ହୁଏ ଏକ ।।୨।।

*--ଠାକୁର କା ସେୱକୁ ଆଗିଆକାରୀ ।। ଠାକୁର କା ସେୱକୁ ସଦା ପୂଜାରୀ ।। ଠାକୁର କେ ସେୱକ କୈ ମନି ପରତୀତି ।। ଠାକୁର କେ ସେୱକ କୀ ନିରମଲ ରୀତି ।। ଠାକୁର କଉ ସେୱକୁ ଜାନୈ ସଂଗି ।। ପ୍ରଭ କା ସେୱକୁ ନାମ କୈ ରଂଗି ।। ସେୱକ କଉ ପ୍ରଭ ପାଲନହାରା ।। ସେୱକ କୀ ରାଖୈ ନିରଂକାରା ।। ସୋ ସେୱକ ଜିସୁ ଦଇଆ ପ୍ରଭୁ ଧାରୈ ।। ନାନକ ସୋ ସେୱକୁ ସାସି ସାସି ସମାରୈ ।।୩।।*

ଠାକୁର ସେବକ ସଦା ଆଜ୍ଞାକାରୀ , ଠାକୁର ସେବକ ସଦୈବ ପୂଜାରୀ ।।
ପ୍ରଭୁ ସେବାକାରୀ ମନରେ ପ୍ରତୀତି , ପ୍ରଭୁ ସେବାକାରୀ ନିରିମଳ ରୀତି ।।
ସେବକ ପ୍ରଭୁକୁ ସଦା ସଂଗ ଜାଣେ , ପ୍ରଭୁ ସେବକ ତ ଲୀନ ଥାଏ ନାମେ ।।
ପ୍ରଭୁହିଁ ଦାସର ପାଳନ କରତା , ନିରାକାର ତା'ର ମାନ ରକ୍ଷାକର୍ତ୍ତା ।।
ସିଏ ଦାସ ଯା'ରେ ପ୍ରଭୁ ଦୟା କରେ , 'ନାନକ' ସେ ଦାସ ଶ୍ୱାସେ ଶ୍ୱାସେ ସ୍ମରେ ।।୩।।

*--ଅପୁନେ ଜନ କା ପରଦା ଢାକୈ ।। ଅପନେ ସେୱକ କୀ ସରପର ରାଖୈ ।। ଅପନେ ଦାସ କଉ ଦେଇ ୱଡାଇ ।। ଅପନେ ସେୱକ କଉ ନାମୁ ଜପାଇ ।। ଅପନେ ସେୱକ କୀ ଆପି ପତି ରାଖୈ ।। ତା କୀ ଗତି ମିତି କୋଇ ନ ଲାଖୈ ।। ପ୍ରଭ କେ ସେୱକ କଉ କୋ ନ ପହୁଚୈ ।। ପ୍ରଭ କେ ସେୱକ ଉଚ ତେ ଉଚେ ।। ଜୋ ପ୍ରଭି ଅପନୀ ସେୱା ଲାଇଆ ।। ନାନକ ସୋ ସେୱକ ଦହ ଦିସି ପ୍ରଗଟାଇଆ ।।୪।।*

ଦାସର ଦୋଷକୁ ଦିଅଇ ଘୋଡ଼ାଇ , ନିଜ ସେବକର ମହତ ରଖଇ ।।
ଆପଣା ଦାସକୁ ଦିଅଇ ବଡ଼ାଇ , ଆପଣା ଦାସକୁ ନାମ ସେ ଜପାଇ ।।
ନିଜ ସେବକର ଗୌରବ ରଖଇ , ତା ବଡ଼ିମା ଜାଣି ନ ପାରଇ କେହି ।।
ପ୍ରଭୁ ଦାସ ସଙ୍ଗେ ତୁଲ ନୁହେ କେହି , ଉଚ୍ଚରୁ ସର୍ବଦା ଉଚ୍ଚରେ ସେ ଥାଇ ।।
ପ୍ରଭୁ ଯାହାକୁ ତା ସେବାରେ ଲଗାଏ , ନାନକ ସର୍ବତ୍ର ପ୍ରସିଦ୍ଧ ସେ ହୁଏ ।।୪।।

--ନୀକୀ କୀରୀ ମହି କଲ ରାଖୈ ।। ଭସମ କରୈ ଲସକର କୋଟି ଲାଖୈ ।। ଜିସ କା ସାସୁ ନ କାଢତ ଆପି ।। ତା କଉ ରାଖତ ଦେ କରି ହାଥ ।। ମାନସ ଜତନ କରତ ବହୁ ଭାତି ।। ତିସକେ କରତବ ବିରଥେ ଜାତି ।। ମାରୈ ନ ରାଖୈ ଅଓରୁ ନ କୋଇ ।। ସରବ ଜୀଆ କା ରାଖା ସୋଇ ।। କାହେ ସୋଚ କରହି ରେ ପ୍ରାଣୀ ।। ଜପି ନାନକ ପ୍ରଭ ଅଲଖ ଓିଡାଣୀ ।।୫ ।।

କ୍ଷୁଦ୍ର କୀଟେ ପ୍ରଭୁ ଶକ୍ତି ଦେଲେ ଭରି , ଲକ୍ଷ କୋଟି ସେନା ଦିଏ ଭସ୍ମ କରି ।।
ପ୍ରାଣ ବାୟୁ ଯା'ର ପ୍ରଭୁ ନ କାଢ଼ଇ , ଆପଣା ହାତରେ ତା ରକ୍ଷା କରଇ ।।
ମଣିଷ ବହୁତ କରଇ ଯତନ , କାର୍ଯ୍ୟ ସବୁତାର ହୁଏ ଅକାରଣ ।।
ମାରେ ତାରେ ନାହିଁ ତାହା ବିନା କେହି , ସକଳ ଜୀବର ତ୍ରାଣକର୍ତ୍ତା ସେହି ।।
କାହିଁକି ରେ ପ୍ରାଣୀ କରୁ ତୁ ଭାବନା , ଅଲେଖ ପ୍ରଭୁକୁ କର ସୁମରଣା ।।୫ ।।

--ବାରଂବାର ବାର ପ୍ରଭୁ ଜପୀଐ ।। ପୀ ଅଂମ୍ରିତୁ ଇହୁ ମନୁ ତନୁ ଧ୍ରପୀଐ ।। ନାମ ରତନୁ ଜିନି ଗୁରମୁଖି ପାଇଆ ।। ତିସୁ କିଛୁ ଅଓରୁ ନାହୀ ଦ୍ରିସଟାଇଆ ।। ନାମୁ ଧନୁ ନାମୋ ରୂପୁ ରଂଗୁ ।। ନାମୋ ସୁଖୁ ହରିନାମ କା ସଂଗୁ ।। ନାମ ରସି ଜୋ ଜନ ତ୍ରିପତାନେ ।। ମନ ତନ ନାମହି ନାମି ସମାନେ ।। ଉଠତ ବୈଠତ ସୋଓତ ନାମ ।। କହୁ ନାନକ ଜନ କୈ ସଦ କାମ ।।୬ ।।

ବାର ବାର ବାର ପ୍ରଭୁ ତୁ ସୁମର , ନାମାମୃତେ ତନୁ-ମନ ଶାନ୍ତ କର ।।
ନାମରତ୍ନ ଯେଉଁ ଭକତ ପାଇଛି , ଦୃଷ୍ଟିକି ନ ଆସେ ଆଉ ତାର କିଛି ।।
ନାମ ତାର ଧନ ନାମ ରୁପ ରଂଗ , ହରି ନାମ ସୁଖ ନାମ ହିଁ ତା ସଂଗ ।।
ନାମ ରସେ ତୃପ୍ତ ହୁଏ ଯେଉଁ ଜନ , ନାମେ ଥାଇ ଲୀନ ତାର ତନୁ-ମନ ।।
ଶୟନେ ସପନେ ଜାଗରଣେ ନାମ , 'ନାନକ' ସଂତତ ସାଧୁ ଜନ କାମ ।।୬ ।।

--ବୋଲହୁ ଜସୁ ଜିହବା ଦିନୁ ରାତି ।। ପ୍ରଭି ଅପନୈ ଜନ କୀନୀ ଦାତି ।। କରହି ଭଗତି ଆତମ କୈ ଚାଇ ।। ପ୍ରଭ ଅପନେ ସିଉ ରହହି ସମାଇ ।। ଜୋ ହୋଆ ହୋଓତ ସୋ ଜାନୈ ।। ପ୍ରଭ ଅପନେ କା ହୁକମୁ ପଛାନୈ ।। ତିସକୀ ମହିମା କଉନ ବଖାନଉ ।। ତିସକା ଗୁନୁ କହି ଏକ ନ ଜାନଉ ।। ଆଠ ପହର ପ୍ରଭ ବସହି ହଜୂରେ ।। କହୁ ନାନକ ସେଇ ଜନ ପୂରେ ।।୭ ।।

ପ୍ରଭୁ ଯଶ ଜିହ୍ୱା ଗାଅ ନିଶିଦିନ , ନିଜ ଦାସେ ପ୍ରଭୁ ଦେଇଛି ଏ ଦାନ ।।
ଅନ୍ତର ସହିତେ ଭକ୍ତି ଯେ କରଇ , ନିଜ ପ୍ରଭୁ ସଙ୍ଗେ ତନ୍ମୟ ରହଇ ।।
ଯାହା ହୁଏ ତାକୁ ଉଚିତ ମଣଇ , ସବୁ ପ୍ରଭୁ ଇଛା ବୋଲି ସେ ଜାଣଇ ।।
କି ମହିମା ତାର କରିବି ବଖାଣ , କହି ନ ପାରଇ ତାର ଏକ ଗୁଣ ।।
ଅଷ୍ଟଯାମ ପ୍ରଭୁ ପାଶେ ଯେଉଁ ଜନ , କହେ 'ନାନକ' ସେ ଜନ ପରିପୂର୍ଣ୍ଣ ।।୭।।

*(ଅଷ୍ଟଯାମ :- ଅଷ୍ଟ ପ୍ରହର )*

*--ମନ ମେରେ ତିନକୀ ଓଟ ଲେହି ।। ମନୁ ତନୁ ଅପନା ତିନ ଜନ ଦେହି ।। ଜିନି ଜିନି ଅପନା ପ୍ରଭୁ ପଛାତା ।। ସୋ ଜନୁ ସରବ ଥୋକ କା ଦାତା ।। ତିସକୀ ସରନି ସରବ ସୁଖ ପାୱହି ।। ତିସକୈ ଦରସି ସଭ ପାପ ମିଟାୱହି ।। ଅୱର ସିଆନପ ସଗଲୀ ଛାଡୁ ।। ତିସୁ ଜନ କୀ ତୂ ସେୱା ଲାଗୁ ।। ଆୱନୁ ଜାନୁ ନ ହୋୱୀ ତେରା ।। ନାନକ ତିସୁ ଜନ କେ ପୂଜହୁ ସଦ ପୈରା ।।୮।।**୧୭**।।*

ଆରେ ମନ ମୋର ନିଅ ତା ଶରଣ , ସେ ପ୍ରଭୁଙ୍କୁ ଦିଅ ତୋର ତନୁମନ ।।
ଆପଣା ପ୍ରଭୁକୁ ଚିହ୍ନେ ଯେଉଁ ଜନ , ସକଳ ଦ୍ରବ୍ୟ ସେ କରି ପାରେ ଦାନ ।।
ତା ଶରଣେ ସବୁ ସୁଖ ତୁ ପାଇବୁ , ତା ଦର୍ଶନେ ସବୁ ପାପ ତୁ ଖଣ୍ଡିବୁ ।।
ଛାଡ଼ ଆଉ ସବୁ ସିହାଣିଆପଣ , ସେ ଜନ ସେବାରେ ଲାଗ ତୁ ବହନ ।।
ନୋହିବ ରେ ଆଉ ତୋ ଯିବା ଆସିବା , 'ନାନକ' କର ସେ ଜନ ପଦ ସେବା ।।୮।।**୧୭**।।

**ସଲୋକ।। ଶ୍ଳୋକ ।।**

***ସତି ପୁରଖୁ ଜିନି ଜାନିଆ ସତିଗୁରୁ ତିସ କା ନାଉ ।।***
***ତିସକୈ ସଂଗି ସିଖୁ ଉଧରୈ ନାନକ ହରି ଗୁନ ଗାଉ ।। ୧ ।।***

ସେ ସତ୍ପୁରୁଷ କୁ ଜାଣି ଯେ ପାରିଲା , ସଦ୍ଗୁରୁ ତାହାର ନାମ ।
ତା ସଙ୍ଗତେ ଶିଷ୍ୟ ଉଦ୍ଧରେ , 'ନାନକ' , ହରି ଗୁଣ କର ଗାନ ।।

ଅଷ୍ଟପଦୀ ।।

*--ସତିଗୁରୁ ସିଖ କୀ କରୈ ପ୍ରିତପାଲ ।। ସେୱକ କଉ ଗୁରୁ ସଦା ଦଇଆଲ ।। ସିଖ କୀ ଗୁରୁ ଦୁରମତି ମଲୁ ହିରୈ ।। ଗୁରବଚନୀ ହରି ନାମୁ ଉଚରୈ ।। ସତିଗୁରୁ ସିଖ କେ ବଂଧନ କାଟୈ ।। ଗୁର କା ସିଖୁ ବିକାର ତେ ହାଟୈ ।। ସତିଗୁରୁ ସିଖ କଉ ନାମ ଧନୁ ଦେଇ ।। ଗୁର କା ସିଖୁ ୱଡଭାଗୀ ହେ ।। ସତିଗୁରୁ ସିଖ କା ହଲତୁ ପଲତୁ ସୱାରୈ ।। ନାନକ ସତିଗୁରୁ ସିଖ କଉ ଜୀଅ ନାଲି ସମାରୈ ।।୧ ।।*

ସଦ୍ଗୁରୁ ଶିଷ୍ୟର କରଇ ପାଳନ , ଦାସ ଜନେ ସଦା କରେ ଦୟା ଦାନ ।।
ସଦ୍ଗୁରୁ ଶିଷ୍ୟର ଦୁର୍ମତି ବିନାଶେ , ନାମ ଜପେ ଶିଷ୍ୟ ଗୁରୁ ଉପଦେଶେ ।।
ସଦ୍ଗୁରୁ ଶିଷ୍ୟର ବନ୍ଧନ କାଟଇ , ବିକାରରୁ ଶିଷ୍ୟ ମୁକତ ହୁଅଇ ।।
ସଦ୍ଗୁରୁ ଶିଷ୍ୟକୁ ଦିଏ ନାମ ଧନ , ଗୁରୁର ସେ ଶିଷ୍ୟ ବଡ଼ ଭାଗ୍ୟବାନ ।।
ଲୋକ ପରଲୋକ ଶିଷ୍ୟର ସୁଧାରି , ସଦ୍ଗୁରୁ ଶିଷ୍ୟକୁ ରଖଇ ସମ୍ଭାଳି ।।୧।।

*--ଗୁର କୈ ଗ୍ରିହି ସେୱକୁ ଜୋ ରହୈ ।। ଗୁର କୀ ଆଗିଆ ମନ ମହି ସହୈ ।। ଆପସ କଉ କରି କଛୁ ନ ଜନାୱୈ ।। ହରି ହରି ନାମୁ ରିଦୈ ସଦ ଧିଆୱୈ ।। ମନୁ ବେଚୈ ସତିଗୁର କୈ ପାସି ।। ତିସୁ ସେୱକ କେ କାରଜ ରାସି ।। ସେୱା କରତ ହୋଇ ନିହକାମୀ ।। ତିସ କଉ ହୋତ ପରାପତି ସୁଆମୀ ।। ଅପନୀ କ୍ରିପା ଜିସୁ ଆପି କରେଇ ।। ନାନକ ସୋ ସେୱକୁ ଗୁର କୀ ମତି ଲେଇ ।।୨।।*

ଗୁରୁ ଗୃହେ ଯେଉଁ ସେବକ ରହଇ , ଗୁରୁ ଆଜ୍ଞା ମନ ମଧ୍ୟରେ ମାନଇ ।।
ଆପଣାକୁ ବଡ଼ କରି ନ ଜଣାଏ , ହରି ହରି ନାମ ହୃଦେ ସଦା ଧ୍ୟାଏ ।।
ସଦ୍ଗୁରୁ ନିକଟେ ବିକି ଦିଏ ମନ , ସେଇ ସେବକର କାର୍ଯ୍ୟ ହୁଏ ପୂର୍ଣ୍ଣ ।।
ସେବା କରୁଥାଇ ଯେ ନିଷ୍କାମ ହୋଇ , ପ୍ରଭୁ ଆପେ ତାକୁ ପ୍ରାପତ ହୁଅଇ ।।
ପ୍ରଭୁ ନିଜ କୃପା ଯାହାକୁ କରଇ , 'ନାନକ' ସଦ୍ଗୁରୁ ଶିକ୍ଷା ସେ ନିଅଇ ।।୨।।

*--ବୀସ ବିସୱେ ଗୁର କା ମନୁ ମାନୈ ।। ସୋ ସେୱକୁ ପରମେସୁର କୀ ଗତି ଜାନୈ ।। ସୋ ସତିଗୁରୁ ଜିସୁ ରିଦୈ ହରି ନାଉ ।। ଅନିକ ବାର ଗୁର କଉ ବଲି ଜାଉ ।। ସରବ ନିଧାନ ଜୀଅ କା ଦାତା ।। ଆଠ ପହର ପାରବ୍ରହମ ରଂଗି ରାତା ।। ବ୍ରହମ ମହି ଜନୁ ଜନ ମହି ପାରବ୍ରହମୁ ।। ଏକହି ଆପି ନହୀ କଛୁ ଭରମୁ ।। ସହସ ସିଆନପ ଲଇଆ ନ ଜାଈଐ ।। ନାନକ ଐସା ଗୁରୁ ବଡଭାଗୀ ପାଈଐ ।।୩।।*

ସମ୍ପୂର୍ଣ୍ଣ ବିଶ୍ୱାସେ ଗୁରୁ ମନ ମାନେ , ସେପରି ସେବକ ପ୍ରଭୁ ଗତି ଜାଣେ ।।
ସଦ୍ଗୁରୁ ସେହୁ ଯା ହୃଦେ ହରିନାମ , ସେ ଗୁରୁ ଚରଣେ କୃତଜ୍ଞ ଏ ପ୍ରାଣ ।।
ସର୍ବ ନିଧି ଜୀବେ ଗୁରୁ କରେ ଦାନ , ଅଷ୍ଟଯାମ ପ୍ରଭୁ ରଙ୍ଗେ ଥାଏ ଲୀନ ।।
ବ୍ରହ୍ମ ମଧ୍ୟେ ଦାସ ଦାସ ମଧ୍ୟେ ବ୍ରହ୍ମ , ଏକଇ ସ୍ୱରୂପ ନାହିଁ ଏଥେ ଭ୍ରମ ।।
ସହସ୍ର ଚାତୁରୀ ବଳେ ମିଳେ ନାହିଁ , ଏପରି ସଦ୍ଗୁରୁ ବଡ଼ଭାଗ୍ୟେ ପାଇ ।।୩।।

*--ସଫଲ ଦରସନୁ ପେଖତ ପୁନୀତ । । ପରସତ ଚରନ ଗତି ନିରମଲ ରୀତି । । ଭେଟତ ସଂଗି ରାମ ଗୁନ ରଵେ । । ପାରବ୍ରହମ କୀ ଦରଗହ ଗଵେ । । ସୁନି କରି ବଚନ କରନ ଆଘାନେ । । ମନି ସଂତୋଖୁ ଆତମ ପତୀଆନେ । । ପୂରା ଗୁରୁ ଅଖ୍ୟଓ ଜା କା ମଂତ୍ର । । ଅଂମ୍ରିତ ଦ୍ରିସଟି ପେଖୈ ହୋଇ ସଂତ । । ଗୁଣ ବିଅଂତ କୀମତି ନହୀ ପାଇ । । ନାନକ ଜିସୁ ଭାଵୈ ତିସୁ ଲଏ ମିଲାଇ । ।୪ । ।*

ସଫଳ ଦର୍ଶନ ପବିତ୍ର ଦର୍ଶନ , ପଦ ସ୍ପର୍ଶେ ହୁଏ ଶୁଦ୍ଧ ଆଚରଣ । ।
ସଦ୍ଗୁରୁ ସଙ୍ଗତେ ଗାଏ ରାମ ଗୁଣ , ପ୍ରଭୁ ସ୍ଥାନେ ତାର ଗତି ହୁଏ ଜାଣ । ।
ଶୁଣି ଗୁରୁ ବାଣୀ ତୃପ୍ତ ହୁଏ କର୍ଣ୍ଣ , ମନ ହୁଏ ତୋଷ ଆତ୍ମା ସୁପ୍ରସନ୍ନ । ।
ପୂର୍ଣ୍ଣ ଗୁରୁ ସେହି ଅକ୍ଷୟ ଯା ମନ୍ତ୍ର , କୃପା ଦୃଷ୍ଟି ଦେଲେ ଦାସ ହୁଏ ସଛ । ।
ତା ଗୁଣ ଅନନ୍ତ ଅମୂଲ୍ୟ ଅଟଇ , ସଙ୍ଗତେ ମିଶାଏ ଯାହାକୁ ଚାହିଁଇ । ।୪ । ।

*--ଜିହବା ଏକ ଉସତତି ଅନେକ । । ସତି ପୁରଖ ପୂରନ ବିବେକ । । କାହୁ ବୋଲ ନ ପହୁଚତ ପ୍ରାନୀ । । ଅଗମ ଅଗୋଚର ପ୍ରଭ ନିରବାନୀ । । ନିରାହାର ନିରଵୈର ସୁଖଦାଇ । । ତାକୀ କୀମତି କିନୈ ନ ପାଇ । । ଅନିକ ଭଗତ ବଂଦନ ନିତ କରହି । । ଚରନ କମଲ ହିରଦୈ ସିମରହି । । ସଦ ବଲିହାରୀ ସତିଗୁର ଅପନେ । । ନାନକ ଜିସୁ ପ୍ରସାଦି ଐସା ପ୍ରଭୁ ଜପନେ । ।୫ । ।*

ପ୍ରଭୁ ସ୍ତୁତି ବହୁ ଜିହ୍ୱା ଏକ ଜାଣ , ସତ୍ପୁରୁଷ ସେହି ରୂପ ପୂର୍ଣ୍ଣ ଜ୍ଞାନ । ।
ପହଞ୍ଚି ନ ହୁଏ କରି ମନ୍ତ୍ରୋଚାର , ଅଗମ୍ୟ ଅବ୍ୟକ୍ତ ପ୍ରଭୁ ଅଗୋଚର । ।
ନିରାହାର ନିବଇରୀ ସୁଖଦାୟୀ , ତାହାର କଳନା କରି ନ ହୁଅଇ । ।
ବହୁ ଭକ୍ତ ନିତି ବନ୍ଦନା କରନ୍ତି , ଚରଣ-କମଳ ହୃଦେ ସୁମରନ୍ତି । ।
ସଦା ମୁଁ କୃତଜ୍ଞ ସଦ୍ଗୁରୁ ଗୋସାଇଁ , ଯା ପ୍ରସାଦେ ନାମ ଜପୁଅଛି ମୁହିଁ । ।୫ । ।

*--ଇହୁ ହରି ରସୁ ପାଵୈ ଜନୁ କୋଇ । । ଅଂମ୍ରିତୁ ପୀଵୈ ଅମରୁ ସୋ ହୋଇ । । ଉସୁ ପୁରଖ କା ନାହୀ କଦେ ବିନାସ । । ଜା କୈ ମନି ପ୍ରଗଟେ ଗୁନତାସ । । ଆଠ ପହର ହରି କା ନାମୁ ଲେଇ । । ସଚୁ ଉପଦେସୁ ସେଵକ କଉ ଦେଇ । । ମୋହ ମାଇଆ କୈ ସଂଗି ନ ଲେପୁ । । ମନ ମହି ରାଖୈ ହରି ହରି ଏକୁ । । ଅଂଧକାର ଦୀପକ ପରଗାସେ । । ନାନକ ଭରମ ମୋହ ଦୁଖ ତହ ତେ ନାସେ । ।୬ । ।*

କଦବା କିଏ ଏ ରସ ହୁଏ ପ୍ରାପ୍ତ , ଅମର ହୁଏ ଯେ ପିଏ ଏ ଅମୃତ ।।
କଦାପି ତାହାର ନ ହୁଏ ବିନାଶ , ପ୍ରଭୁ-ଗୁଣ ହୁଏ ଯା ହୃଦେ ପ୍ରକାଶ ।।
ଅଷ୍ଟ-ପ୍ରହର ସେ ହରି ନାମ ଗାଏ , ସଚ୍ଚା ଉପଦେଶ ସେବକକୁ ଦିଏ ।।
ମାୟା ମୋହ ସଙ୍ଗେ ନ ରହଇ ଲିପ୍ତ , ଏକ ହରି ନାମେ ଦେଇଥାଇ ଚିତ୍ତ ।।
ଅନ୍ଧକାର ମଧ୍ୟେ ଦୀପକ ପ୍ରକାଶେ , ଭ୍ରମ-ମୋହ-ଦୁଃଖ 'ନାନକ' ତା ନାଶେ ।।୬।।

*--ତପତି ମାହି ଠାଢି ଵରତାଇ ।। ଅନଦୁ ଭଇଆ ଦୁଖ ନାଠେ ଭାଈ ।। ଜନମ ମରନ କେ ମିଟେ ଅଂଦେସେ ।। ସାଧୂ କେ ପୂରନ ଉପଦେସେ ।। ଭଉ ଚୂକା ନିରଭଉ ହୋଇ ବସେ ।। ସଗଲ ବିଆଧି ମନ ତେ ଖୈ ନସେ ।। ଜିସ କା ସା ତିନି କିରପା ଧାରୀ ।। ସାଧ ସଂଗି ଜପି ନାମୁ ମୁରାରୀ ।। ଥିତି ପାଈ ଚୂକେ ଭ୍ରମ ଗଵନ ।। ସୁନି ନାନକ ହରି ହରି ଜସୁ ସ୍ରଵନ ।।୭।।*

ଶୀତଳତା ତପ୍ତପ୍ରାଣେ ପ୍ରବେଶିଲା , ସୁଖ ହେଲା ଭାଇ ଦୁଃଖ ଘୁଞ୍ଚି ଗଲା ।।
ଜନ୍ମ-ମରଣର ଭୟ ହେଲା ନାଶ , ଶୁଣିଣ ସାଧୁର ପୂର୍ଣ୍ଣ ଉପଦେଶ ।।
ନିର୍ଭୟେ ବସିଛି ଭୟ ଦୂର ହେଲା , ମନୁ ସବୁ ବ୍ୟାଧି ଦୂର ହୋଇ ଗଲା ।।
କୃପା କଲା ସିଏ ଥିଲି ମୁହିଁ ଯା'ର , ସାଧୁ ସଙ୍ଗେ ନାମ ଜପିଣ ପ୍ରଭୁର ।।
ପାଇଲି ମୁଁ ଶାନ୍ତି, ଦୂର ହେଲା ଭ୍ରମ , 'ନାନକ' ଶ୍ରବଣେ ଶୁଣି ହରି ନାମ ।।୭।।

*--ନିରଗୁନୁ ଆପି ସରଗୁନୁ ଭୀ ଓହୀ ।। କଲାଧାରି ଜିନି ସଗଲୀ ମୋହୀ ।। ଅପନେ ଚରିତ ପ୍ରଭି ଆପି ବନାଏ ।। ଅପୁନୀ କୀମତି ଆପେ ପାଏ ।। ହରି ବିନୁ ଦୂଜା ନାହୀ କୋଇ ।। ସରବ ନିରଂତରି ଏକୋ ସୋଇ ।। ଓତି ପୋତି ରଵିଆ ରୂପ ରଂଗ ।। ଭଏ ପ୍ରଗାସ ସାଧ କୈ ସଂଗ ।। ରଚି ରଚନା ଅପନୀ କଲ ଧାରୀ ।। ଅନିକ ବାର ନାନକ ବଲିହାରି ।।୮।।***୧୮***।।

ନିରିଗୁଣ ସିଏ ସଗୁଣ ବି ସିଏ , ମୋହିଛି ଜଗତ ଶକ୍ତି ଧରି ଯିଏ ।।
ନିଜ ଲୀଳା ପ୍ରଭୁ ନିଜେ ରଚିଅଛି , ଆପଣାର ମୂଲ ଆପେ ସେ ପାଇଛି ।।
ହରି ବିନା ଆଉ ଅନ୍ୟ କେହି ନାହିଁ , ସବୁଥିରେ ପୂର୍ଣ୍ଣ ଏକ ପ୍ରଭୁ ସେହି ।।
ରୂପରଙ୍ଗେ ଓତପ୍ରୋତ ଭାବେ ଥାଇ , ସାଧୁ ସଙ୍ଗତରେ ପ୍ରକଟ ହୁଅଇ ।।
ସୃଷ୍ଟି ରଚି ନିଜ ଶକ୍ତି ଅଛି ଧରି , 'ନାନକ' ଅନେକ କୃତଜ୍ଞ ତାହାରି ।।୮।।**୧୮**।।

*ସଲୋକ* ।। ଶ୍ଳୋକ ।।

*ସାଥି ନ ଚାଲୈ ବିନୁ ଭଜନ ବିଖିଆ ସଗଲୀ ଛାରୁ ।।*

*ହରି ହରି ନାମୁ କମାୱନା ନାନକ ଇହୁ ଧନୁ ସାରୁ ।।୧ ।।*

ଭଜନ ବିନା ନ ଚଲେ ସଙ୍ଗେ କିଛି , ବିଷୟ ସକଳ ଛାର ।

ହରି ହରି ନାମ କର ତୁ ଅର୍ଜନ , 'ନାନକ' ଏ ଧନ ସାର ।।୧ ।।

।। ଅଷ୍ଟପଦୀ ।।

*--ସଂତ ଜନା ମିଲି କରହୁ ବୀଚାରୁ ।। ଏକୁ ସିମରି ନାମ ଆଧାରୁ ।। ଅୱରି ଉପାୱ ସଭି ମୀତ ବିସାରହୁ ।। ଚରନ କମଲ ରିଦ ମହି ଉରିଧାରହୁ ।। କରନ କାରନ ସୋ ପ୍ରଭୁ ସମରଥୁ ।। ଦ୍ରିଡୁ କରି ଗହହୁ ନାମୁ ହରି ୱଥୁ ।। ଇହୁ ଧନୁ ସଂଚହୁ ହୋୱହୁ ଭଗୱଂତ ।। ସଂତ ଜନା କା ନିରମଲ ମଂତ ।। ଏକ ଆସ ରାଖହୁ ମନ ମାହି ।। ସରବ ରୋଗ ନାନକ ମିଟି ଜାହି ।।୧ ।।*

ସନ୍ଥ ଜନ ମିଳି କର ହେ ବିଚାର , ଏକ ପ୍ରଭୁ ସ୍ମରି ନାମ ଆଶ୍ରା କର ।।

ଛାଡ଼ ବନ୍ଧୁ ଛାଡ଼ ଅନ୍ୟ କଉଶଳ , ହୃଦେ ଧର ପ୍ରଭୁ ଚରଣ-କମଳ ।।

କରଣ କାରଣେ ସେ ପ୍ରଭୁ ସମର୍ଥ , ଦୃଢ଼ କରି ଧର ତା ନାମ ପଦାର୍ଥ ।।

ହୁଅ ଭାଗ୍ୟବନ୍ତ ସଞ୍ଚି ଏହି ଧନ , ସନ୍ଥଜନଙ୍କର ଏ ନିର୍ମଳ ଜ୍ଞାନ ।।

ଏକ ପ୍ରଭୁ ଆଶା ହୃଦୟରେ ଧର , 'ନାନକ' ସକଳ ରୋଗ ହେବ ଦୂର ।।୧ ।।

*--ଜିସୁ ଧନ କଉ ଚାରି କୁଂଟ ଉଠି ଧାୱହି ।। ସୋ ଧନୁ ହରି ସେୱା ତେ ପାୱହି ।। ଜିସୁ ସୁଖ କଉ ନିତ ବାଛହି ମୀତ ।। ସୋ ସୁଖୁ ସାଧୂ ସଂଗି ପରୀତି ।। ଜିସୁ ସୋଭା କଉ କରହି ଭଲୀ କରନୀ ।। ସା ସୋଭା ଭଜୁ ହରି କୀ ସରନୀ ।। ଅନିକ ଉପାୱୀ ରୋଗୁ ନ ଜାଇ ।। ରୋଗୁ ମିଟୈ ହରି ଅୱଖଧୁ ଲାଇ ।। ସରବ ନିଧାନ ମହି ହରି ନାମୁ ନିଧାନୁ ।। ଜପି ନାନକ ଦରଗହି ପରୱାନୁ ।।୨ ।।*

ଯେଉଁ ଧନ ଲାଗି ଧାଉଁ ଦିଗ ଚାରି , ସେ ଧନ ପାଇବୁ ସେବା କରି ହରି ।।

ଯେଉଁ ସୁଖ ପାଇଁ ଇଛା କରୁ ନିତି , ପାଇବୁ କଲେ ତୁ ସାଧୁ ସଙ୍ଗେ ପ୍ରୀତି ।।

ଯେଉଁ ଶୋଭା ଲାଗି କରୁ ଭଲ କର୍ମ , ପାଇବୁ ନେଲେ ତୁ ଶ୍ରୀହରି ଶରଣ ।।

ନ ଯାଏ ଯେ' ରୋଗ ଅନେକ ଉପାୟେ , ହରି ଅଉଷଧେ ସେଇ ରୋଗ ଯାଏ ।।

ନାମ ହିଁ ପ୍ରଧାନ ସକଳ ନିଧାନେ , 'ନାନକ' ସ୍ୱିକୃତ ହେବ ପ୍ରଭୁ-ଧାମେ ।।୨ ।।

*--ମନୁ ପରବୋଧହୁ ହରି କୈ ନାଇ ।। ଦହ ଦିସି ଧାୱତ ଆୱୈ ଠାଇ ।। ତାକଉ ବିଘନୁ ନ ଲାଗୈ କୋଇ ।। ଜାକୈ ରିଦୈ ବସୈ ହରି ସୋଇ ।। କଲି ତାତୀ ଠାଂଢା ହରି ନାଉ ।। ସିମରି ସିମରି ସଦା ସୁଖ ପାଉ ।। ଭଉ ବିନସୈ ପୂରନ ହୋଇ ଆସ ।। ଭଗତି ଭାଇ ଆତମ ପରଗାସ ।। ତିତୁ ଘରି ଜାଇ ବସୈ ଅବିନାସୀ ।। କହୁ ନାନକ କାଟୀ ଜମ ଫାସୀ ।।୩ ।।*

ମନକୁ ଚେତାଅ ହରି ନାମେ ଭାଇ , ଦଶ ଦିଗେ ଧାଏଁ ସ୍ଥିର ହେବ ସେହି ।।
ବାଧା ବିଘ୍ନ ତାକୁ କିଛି ନ ଲାଗଇ , ଯାହାର ହୃଦୟେ ଶ୍ରୀହରି ବସଇ ।।
ତାତି କଳିଯୁଗ, ଶୀତ ନାମ ହରି , ସଦା ସୁଖ ପାଅ ସୁମରି ସୁମରି ।।
ଭୟ ନାଶ ଯାଏ ଆଶା ହୁଏ ପୂର୍ଣ୍ଣ , ଭକ୍ତି ବଳେ ହୁଏ ଆପେ ଆତ୍ମ-ଜ୍ଞାନ ।।
ତା ହୃଦୟେ ବସେ ପ୍ରଭୁ ଅବିନାଶ , 'ନାନକ' ନ ଲାଗେ ତାକୁ ଯମଫାଶ ।।୩ ।।

*--ତତୁ ବୀଚାରୁ କହୈ ଜନୁ ସାଚା ।। ଜନମି ମରୈ ସୋ କାଚୋ କାଚା ।। ଆୱାଗୱନୁ ମିଟୈ ପ୍ରଭ ସେୱ ।। ଆପୁ ତିଆଗି ସରନି ଗୁରଦେୱ ।। ଇଉ ରତନ ଜନମ କା ହୋଇ ଉଧାରୁ ।। ହରି ହରି ସିମରି ପ୍ରାନ ଆଧାରୁ ।। ଅନିକ ଉପାୱ ନ ଛୁଟନହାରେ ।। ସିଂମ୍ରିତି ସାସତ ବେଦ ବୀଚାରେ ।। ହରି କୀ ଭଗତି କରହୁ ମନୁ ଲାଇ ।। ମନି ବଂଛତ ନାନକ ଫଲ ପାଇ ।।୪ ।।*

ସତ୍ପୁରୁଷ କହେ ତତ୍ତ୍ୱ ବିଚାରିଣ , ଜନ୍ମି ଯେ ମରଇ ସିଏ ତ ଅପୂର୍ଣ୍ଣ ।।
ସେବ ପ୍ରଭୁ ତୁଟୁ ଜନମ-ମରଣ , ଅହଂ ତ୍ୟାଗି ନିଅ ତୁ ଗୁରୁଶରଣ ।।
ଉଦ୍ଧାର ହେଉ ଏ ଅମୂଲ୍ୟ ଜନ୍ମର , ସ୍ମର ହରି ହରି ପ୍ରାଣର ଆଧାର ।।
ଅନେକ ଉପାୟେ ନୋହିବ ଉଦ୍ଧାର , ସ୍ମୃତି ଶାସ୍ତ୍ର ବେଦ କଲେ ହେଁ ବିଚାର ।।
ଶ୍ରିହରି ଭକତି କର ମନ ଦେଇ , 'ନାନକ' ବାଞ୍ଛିତ ଫଳ ଯିବୁ ପାଇ ।।୪ ।।

*--ସଂଗି ନ ଚାଲସି ତେରୈ ଧନା ।। ତୂଂ କିଆ ଲପଟାୱହି ମୂରଖ ମନା ।। ସୁତ ମୀତ କୁଟଂବ ଅରୁ ବନିତା ।। ଇନ ତେ କହହୁ ତୁମ କୱନ ସନାଥା ।। ରାଜ ରଂଗ ମାଇଆ ବିସଥାର ।। ଇନ ତେ କହହୁ କୱନ ଛୁଟକାର ।। ଅସୁ ହସତୀ ରଥ ଅସୱାରୀ ।। ଝୂଠା ଡଂଫୁ ଝୂଠୁ ପାସାରୀ ।। ଜିନି ଦୀଏ ତିସୁ ବୁଝୈ ନ ବିଗାନା ।। ନାମୁ ବିସାରି ନାନକ ପଛୁତାନା ।।୫ ।।*

ସଙ୍ଗତେ ତୋହର ନ ଯିବ ରେ ଧନ , କୁଂଢେଇ ଧରିଛୁ କିଆଁ ମୂର୍ଖ ମନ ।।
ପୁତ୍ର ମିତ୍ର ଆଉ ବନିତା କୁଟୁମ୍ବ , କହ କିଏ ତୋର ସହାୟ ହୋଇବ ।।
ଯେତେ ରାଜ ରଙ୍ଗ ମାୟାର ବିସ୍ତାର , କହ ଏଥିରୁ କେ କରିବ ଉଦ୍ଧାର ।।
ଅଶ୍ୱ ହସ୍ତୀ ଅବା ରଥ ଆରୋହଣ , ବୃଥା ଆଡ଼ମ୍ବର ମିଥ୍ୟା ସବୁ ଜାଣ ।।
ସବୁ ଦେଲା ଯିଏ ନ ଜାଣୁ ତାହାକୁ , ପସ୍ତାଇବୁ ପଛେ ପାଶୋରି ନାମକୁ ।।୫।।

*--ଗୁର କୀ ମତି ତୂଂ ଲେହି ଇଆନେ ।। ଭଗତି ବିନା ବହୁ ଡୂବେ ସିଆନେ ।। ହରି କୀ ଭଗତି କରହୁ ମନ ମୀତ ।। ନିରମଲ ହୋଇ ତୁମ୍ହାରୋ ଚୀତ ।। ଚରନ କମଲ ରାଖହୁ ମନ ମାହି ।। ଜନମ ଜନମ କେ କିଲବିଖ ଜାହି ।। ଆପି ଜପହୁ ଅୱରା ନାମୁ ଜପାୱହୁ ।। ସୁନତ କହତ ରହତ ଗତି ପାୱହୁ ।। ସାର ଭୂତ ସତି ହରି କୋ ନାଉ ।। ସହଜି ସୁଭାଇ ନାନକ ଗୁନ ଗାଉ ।।୬।।*

ଗୁରୁ-ଶିକ୍ଷା, ମୂର୍ଖ ନିଅ ତୁ ଝଟତି , ସିହାଣିଆ ନାଶ ଯାଏ, ବିନା ଭକ୍ତି ।।
ମନେ କର ହରି ଭକ୍ତି ଆହେ ମିତ , ନିର୍ମଳ ପବିତ୍ର ହେବ ତୁମ ଚିତ୍ତ ।।
ଚରଣ-କମଳ ମନେ ରଖ ଭାଇ , ବହୁ ଜନ୍ମ ପାପ ଯିବ ନାଶ ହୋଇ ।।
ଆପେ ନାମ ଜପି ଅନ୍ୟକୁ ଜପାଅ , ଶୁଣି କହି ଶୁଦ୍ଧ ରହି ଗତି ପାଅ ।।
ସବୁ ଠାରୁ ସତ୍ୟ ସାର ହରି ନାମ , ମନ ସ୍ଥିର କରି ଗାଅ ହରି ଗୁଣ ।।୬।।

*--ଗୁନ ଗାୱତ ତେରୀ ଉତରସି ମୈଲୁ ।। ବିନସି ଜାଇ ହଉମୈ ବିଖୁ ଫୈଲୁ ।। ହୋହି ଅଚିଂତୁ ବସୈ ସୁଖ ନାଲି ।। ସାସି ଗ୍ରାସି ହରି ନାମୁ ସମାଲି ।। ଛାଡି ସିଆନପ ସଗଲୀ ମନା ।। ସାଧ ସଂଗି ପାୱହି ସଚୁ ଧନା ।। ହରି ପୂଂଜୀ ସଂଚି କରହୁ ବିଉହାରୁ ।। ଈହା ସୁଖୁ ଦରଗହ ଜୈକାରୁ ।। ସରବ ନିରଂତରି ଏକୋ ଦେଖୁ ।। କହୁ ନାନକ ଜାକୈ ମସତକି ଲେଖୁ ।।୭।।*

ଗୁଣଗାନେ ଦୋଷ ମଳି ଧୋଇ ଯିବ , ଅହଂ ବିଷ ତୋର ବିନାଶ ହୋଇବ ।।
ସୁଖରେ ବସିବୁ ହୋଇ ତୁ ନିଶ୍ଚିନ୍ତ , ଶ୍ୱାସେ ଶ୍ୱାସେ ହରି ନାମେ ଦିଅ ଚିତ୍ତ ।।
ସକଳ ଚାତୁରୀ ଛାଡ଼ ଆରେ ମନ , ପାଇବୁ ତୁ ସାଧୁ ସଙ୍ଗେ ସଚ୍ଚା ଧନ ।।
ହରି ପୁଞ୍ଜି ସଞ୍ଚି କର ବ୍ୟବହାର , ଏଥେ ସୁଖ ଦରବାରେ ଜୟକାର ।।
ସବୁରେ ସେ ଏକ ପ୍ରଭୁ ପାଏ ଦେଖା , 'ନାନକ' ଯା ମାଥେ ହୋଇ ଅଛି ଲେଖା ।।୭।।

*--ଏକୋ ଜପି ଏକୋ ସାଲାହି ।। ଏକୁ ସିମରି ଏକୋ ମନ ଆହି ।। ଏକସ କେ ଗୁନ ଗାଉ ଅନଂତ ।। ମନି ତନି ଜାପି ଏକ ଭଗୱଂତ ।। ଏକୋ ଏକୁ ଏକୁ ହରି ଆପି ।। ପୂରନ ପୂରି ରହିଉ ପ୍ରଭୁ ବିଆପି ।। ଅନିକ ବିସଥାର ଏକ ତେ ଭଏ ।। ଏକୁ ଅରାଧି ପରାଛତ ଗଏ ।। ମନ ତନ ଅଂତରି ଏକୁ ପ୍ରଭୁ ରାତା ।। ଗୁର ପ୍ରସାଦି ନାନକ ଇକୁ ଜାତା ।।୮ ।।**୧୯** ।।*

ଏକ ପ୍ରଭୁ ଜପ ଏକ ସ୍ତୁତି କର , ଏକ ମନେ ରଖି ଏକହିଁ ସୁମର ।।
ଗାଅ ଏକ ପ୍ରଭୁ ଅସୁମାରୀ ଗୁଣ , ଜପ ଏକ ପ୍ରଭୁ ଦେଇ ତନୁ-ମନ ।।
ଏକ ଏକ ଏକ ଆପେ ପ୍ରଭୁ ହରି , ସର୍ବବ୍ୟାପୀ ପ୍ରଭୁ ରହି ଅଛି ପୂରି ।।
ବିସ୍ତାର ହୋଇଛି ଏକରୁ ଅନେକ , ପାପ ଦୂରେଇଛି ଆରାଧନ୍ତେ ଏକ ।।
ଏକ ପ୍ରଭୁ ବ୍ୟାପି ଅଛି ତନୁ-ମନେ , ଗୁରୁ ପ୍ରସାଦେ 'ନାନକ' ଏକ ଜାଣେ ।।୮ ।।**୧୯** ।।

**ସଲୋକ ।। ଶ୍ଳୋକ ।।**

***ଫିରତ ଫିରତ ପ୍ରଭ ଆଇଆ ପରିଆ ତଉ ସରନାଇ ।।***
***ନାନକ କୀ ପ୍ରଭ ବେନତୀ ଅପନୀ ଭଗତୀ ଲାଇ ।।୧ ।।***

ଭ୍ରମି ଭ୍ରମି ପ୍ରଭୁ ତୁମ ପାଶେ ଆସି , ଶରଣ ପଶିଲି ମୁହିଁ ।
ଜଣାଏ 'ନାନକ' ତୁମରି ଭକ୍ତିରେ , ରଖ ହେ ମୋତେ ବୁଡ଼ାଇ ।।୧ ।।

ଅଷ୍ଟପଦୀ ।।

*--ଜାଚକ ଜନୁ ଜାଚୈ ପ୍ରଭ ଦାନୁ ।। କରି କିରପା ଦେୱହୁ ହରିନାମୁ ।। ସାଧ ଜନା କୀ ମାଗଉ ଧୂରି ।। ପାରବ୍ରହମ ମେରୀ ସରଧା ପୂରି ।। ସଦା ସଦା ପ୍ରଭ କେ ଗୁନ ଗାୱଉ ।। ସାସି ସାସି ପ୍ରଭ ତୁମହି ଧିଆୱଉ ।। ଚରନ କମଲ ସିଉ ଲାଗୈ ପ୍ରୀତି ।। ଭଗତି କରଉ ପ୍ରଭ କୀ ନିତ ନୀତି ।। ଏକ ଓଟ ଏକୋ ଆଧାରୁ ।। ନାନକ ମାଗୈ ନାମୁ ପ୍ରଭ ସାରୁ ।।୧ ।।*

ଭିକାରି ମାଗଇ ପ୍ରଭୁ ଏକ ଦାନ , କରି କୃପା ଜନେ ଦିଅ ହରି ନାମ ।।
ମାଗୁଅଛି ମୁହିଁ ସାଧୁ ପଦ-ଧୂଳି , ଶରଧା ମୋହର ପୂର୍ଣ୍ଣ କର ହରି ।।
ସଦା ସଦା ତୁମ ଗୁଣ ମୁଁ ଗାଇବି , ଶ୍ୱାସେ ଶ୍ୱାସେ ପ୍ରଭୁ ତୁମକୁ ଧ୍ୟାୟିବି ।।
ଚରଣ-କମଳ ସଙ୍ଗେ ଥାଉ ପ୍ରୀତି , ତୁମ ଭକ୍ତି କରୁଥିବି ନିତି ନିତି ।।
ଏକ ମୋ ଆଶ୍ରୟ ଏକ ହିଁ ଆଧାର , ମାଗଇ 'ନାନକ' ପ୍ରଭୁ ନାମ ସାର ।।୧ ।।

--ପ୍ରଭ କୀ ଦ୍ରିସଟି ମହା ସୁଖୁ ହୋଇ ।। ହରି ରସୁ ପାୱୈ ବିରଲା କୋଇ ।। ଜିନ ଚାଖିଆ ସେ ଜନ ତ୍ରିପତାନେ ।। ପୂରନ ପୂରଖ ନହୀ ଡୋଲାନେ ।। ସୁଭର ଭରେ ପ୍ରେମ ରସ ରଂଗି ।। ଉପଜୈ ଚାଉ ସାଧ କୈ ସଂଗି ।। ପରେ ସରନି  ଆନ ସଭ ତିଆଗି ।। ଅଂତରି ପ୍ରଗାସ ଅନଦିନୁ ଲିୱ ଲାଗି ।। ବଡଭାଗୀ ଜପିଆ ପ୍ରଭୁ ସୋଇ ।। ନାନକ ନାମି ରତେ ସୁଖୁ ହୋଇ ।।୨ ।।

ପ୍ରଭୁ କୃପାଦୃଷ୍ଟି ମହା ସୁଖ ଦିଏ , କଦବା କିଏ ଏ ହରି ରସ ପାଏ  ।।
ହୋଇ ଅଛି ତୃପ୍ତ ଚାଖିଅଛି ଯିଏ , ସେ ପୂର୍ଣ୍ଣ ପୁରୁଷ ଅସ୍ଥିର ନ ହୁଏ  ।।
ହୁଏ ପରିପୂର୍ଣ୍ଣ ପ୍ରେମ ରସ ରଙ୍ଗେ , ଉପୁଜେ ଉତ୍ସାହ ସାଧୁ ସତସଙ୍ଗେ  ।।
ଆଉ ସବୁ ଛାଡ଼ି ପଶଇ ଶରଣ , ଦୀପ୍ତ-ଚିତ୍ତେ ଧ୍ୟାନ କରେ ନିଶିଦିନ  ।।
ବଡ଼ ଭାଗ୍ୟବାନ ପ୍ରଭୁ ଜପେ ଯିଏ , ନାମେ ରତ 'ନାନକ' ସୁଖ ପାଏ  ।।୨ ।।

--ସେୱକ କୀ ମନସା ପୂରୀ ଭଈ ।। ସତିଗୁର ତେ ନିରମଲ ମତି ଲଈ ।। ଜନ କଉ ପ୍ରଭୁ ହୋଇଓ ଦଇଆଲୁ ।। ସେୱକୁ କୀନୋ ସଦା ନିହାଲୁ ।। ବଂଧନ କାଟି ମୁକତି ଜନୁ ଭଇଆ ।। ଜନମ ମରନ ଦୂଖୁ ଭ୍ରମୁ ଗଇଆ ।। ଇଛ ପୁନୀ ସରଧା ସଭ ପୂରୀ ।। ରୱି ରହିଆ ସଦ ସଂଗି ହଜୂରୀ ।। ଜିସକା ସା ତିନି ଲୀଆ ମିଲାଇ ।। ନାନକ ଭଗତୀ ନାମି ସମାଇ ।।୩ ।।

ସେବକର ଆଶା ଗଲା ପୂର୍ଣ୍ଣ ହୋଇ , ସଦ୍ଗୁରୁ ପାଶରୁ ଶୁଦ୍ଧ ଜ୍ଞାନ ପାଇ  ।।
ଦାସ ଜନେ ପ୍ରଭୁ ଦୟାଳୁ ହୋଇଲେ , ସଦା ସଦା ପୂର୍ଣ୍ଣ ମନୋରଥ କଲେ  ।।
ଛିଣ୍ଡାଇ ବନ୍ଧନ ମୁକ୍ତ ହେଲା ଦାସ , ଜନ୍ମ ମୃତ୍ୟୁ ଦୁଃଖ ଭ୍ରମ ହେଲା ନାଶ  ।।
ଇଚ୍ଛା ହେଲା ପୂର୍ଣ୍ଣ ଆଶା ଗଲା ପୂରି , ରହିଲେ ନିକଟେ ସଦା ପ୍ରଭୁ ହରି  ।।
ଥିଲା ଯା'ର ନେଲା ସଙ୍ଗେ ସେ ମିଳାଇ , 'ନାନକ' ଭକତ ନାମେ ଲୀନ ଥାଇ  ।।୩ ।।

--ସୋ କିଉ ବିସରୈ ଜି ଘାଲ ନ ଭାନୈ ।। ସୋ କିଉ ବିସରୈ ଜି କୀଆ ଜାନୈ ।। ସୋ କିଉ ବିସରୈ ଜିନି ସଭୁ କିଛୁ ଦୀଆ ।। ସୋ କିଉ ବିସରୈ ଜି ଜିୱନ ଜୀଆ ।। ସୋ କିଉ ବିସରୈ ଜି ଅଗନି ମହି ରାଖୈ ।। ଗୁରପ୍ରସାଦି କୋ ବିରଲା ଲାଖୈ ।। ସୋ କିଉ ବିସରୈ ଜି ବିଖୁ ତେ କାଢୈ ।। ଜନମ ଜନମ କା ଟୂଟା ଗାଢୈ ।। ଗୁରି ପୂରୈ ତତୁ ଇହୈ ବୁଝାଇଆ ।। ପ୍ରଭୁ ଅପନା ନାନକ ଜନ ଧିଆଇଆ ।।୪ ।।

ଭୁଲି ହେବ କିଆଁ କର୍ମ ଯେ ନଭୁଲେ , ମନୁଷ୍ୟର କର୍ମଫଳ ନ ପାଶୋରେ ।।
ଭୁଲି ହେବ କିଆଁ ଯେ ସବୁ ଦେଇଛି , ଯିଏ ଜୀବନ କୁ ବଞ୍ଚାଇ ରଖିଛି ।।
ଭୁଲି ହେବ କି ଯେ ଅଗ୍ନି ମଧ୍ୟେ ରଖେ , ଗୁରୁ ପରସାଦେ କଦବା ବୁଝେ କେ ।।
ଭୁଲି ହେବ କି ଯେ ମାୟାରୁ ବଞ୍ଚାଏ , ଜନ୍ମ-ଜନ୍ମାନ୍ତର ବିଛେଦ ସରାଏ ।।
ପୂର୍ଣ୍ଣ ଗୁରୁ ତତ୍ତ୍ୱ ଅଛନ୍ତି ବୁଝାଇ , ଦାସ ସଦା ନିଜ ପ୍ରଭୁ କୁ ଜପଇ ।।୪।।

*--ସାଜନ ସଂତ କରହୁ ଇହୁ କାମୁ ।। ଆନ ତିଆଗି ଜପହୁ ହରି ନାମୁ । ସିମରି ସିମରି ସିମରି ସୁଖ ପାୱହୁ ।। ଆପି ଜପହୁ ଅୱରହ ନାମୁ ଜପାୱହୁ ।। ଭଗତି ଭାଇ ତରୀଐ ସଂସାରୁ ।। ବିନୁ ଭଗତୀ ତନୁ ହୋସୀ ଛାରୁ ।। ସରବ କଲିଆଣ ସୁଖ ନିଧି ନାମୁ ।। ବୁଡତ ଜାତ ପାଏ ବିସ୍ରାମୁ ।। ସଗଲ ଦୁଖ କା ହୋୱତ ନାସୁ ।। ନାନକ ନାମୁ ଜପହୁ ଗୁନତାସୁ ।।୫।।*

ସୁଧୀ ସନ୍ଥ ଜନେ କର ଏହି କାମ , ଆନ ସବୁ ତେଜି ଜପ ହରି ନାମ ।।
ସୁମର ସୁମର ସ୍ମରି ସୁଖ ପାଅ , ଆପେ ଜପି ଆନେ ନାମକୁ ଜପାଅ ।।
ପ୍ରେମ ଭକତିରେ ତର ଏ ସଂସାର , ଭକତି ବିନା ଏ ତନୁ ହୁଏ ଛାର ।।
ସକଳ କଲ୍ୟାଣ ସୁଖନିଧି ନାମ , ଦୋଷେ ମଗ୍ନ ଜନ ଲଭଇ ବିଶ୍ରାମ ।।
ବିନାଶ ହୁଅଇ ସକଳ ଦୁଃଖର , ଗୁଣନିଧି ନାମ ନାନକ ସୁମର ।।୫।।

*--ଉପଜୀ ପ୍ରୀତି ପ୍ରେମ ରସୁ ଚାଉ ।। ମନ ତନ ଅଂତରି ଇହୀ ସୁଆଉ ।। ନେତ୍ରହୁ ପେଖି ଦରସୁ ସୁଖୁ ହୋଇ ।। ମନୁ ବିଗସୈ ସାଧ ଚରନ ଧୋଇ ।। ଭଗତ ଜନା କୈ ମନି ତନି ରଂଗୁ ।। ବିରଲା କୋଊ ପାୱୈ ସଂଗୁ ।। ଏକ ବସତୁ ଦୀଜୈ କରି ମଇଆ ।। ଗୁରପ୍ରସାଦି ନାମୁ ଜପି ଲଇଆ ।। ତାକୀ ଉପମା କହୀ ନ ଜାଇ ।। ନାନକ ରହିଆ ସରବ ସମାଇ ।।୬।।*

ପ୍ରୀତି ପ୍ରେମ ରସାନନ୍ଦ ଉପୁଜିଛି , ତନୁ-ମନ ଚିତ୍ତେ ଏ ସ୍ୱାଦ ପୂରିଛି ।।
ପାଇ ଦରଶନ ନେତ୍ରେ ସୁଖ ହୋଇ , ଚିତ୍ତ ପ୍ରଫୁଲ୍ଲିତ ସାଧୁ ପଦ ଧୋଇ ।।
ଭକତ ଜନଙ୍କ ତନୁ-ମନେ ରଙ୍ଗ , ବିରଳ କେହି କେ ପାଏ ଏହି ସଙ୍ଗ ।।
ଦୟା କରି ମୋତେ ଦିଅ ଏହି ଦାନ , ଗୁରୁ କୃପା ବଳେ ଜପିବି ମୁଁ ନାମ ।।
ତାହାରି ଉପମା କହି ନ ହୁଅଇ , 'ନାନକ' ସେ ଅଛି ପୂରି ସବୁଠାଇଁ ।।୬।।

*--ପ୍ରଭ ବଖସଂଦ ଦୀନ ଦଇଆଲ ।। ଭଗତି ୱଛଲ ସଦା କିରପାଲ ।। ଅନାଥ ନାଥ ଗୋବିଂଦ ଗୁପାଲ ।। ସରବ ଘଟା କରତ ପ୍ରତିପାଲ ।। ଆଦି ପୁରଖ କାରଣ କରତାର ।। ଭଗତ ଜନା କେ ପ୍ରାନ ଅଧାର ।। ଜୋ ଜୋ ଜପୈ ସୁ ହୋଇ ପୁନୀତ ।। ଭଗତି ଭାଇ ଲାୱୈ ମନ ହୀତ ।। ହମ ନିରଗୁନୀଆର ନୀଚ ଅଜାନ ।। ନାନକ ତୁମରୀ ସରନି ପୁରଖ ଭଗୱାନ ।।୭ ।।*

ପ୍ରଭୁ କ୍ଷମାଶୀଳ ହେ ଦୀନ ଦୟାଳୁ , ଭକତ ବତ୍ସଳ ହେ ସଦା କୃପାଳୁ ।।
ଗୋବିନ୍ଦ ଗୋପାଳ ନାଥ ଅନାଥର , ହେ ପ୍ରତିପାଳକ ସକଳ ଘଟର ।।
ହେ ଆଦି ପୁରୁଷ କରଣ କାରଣ , ଭକତ ଜନଙ୍କ ଜୀବର ଜୀବନ ।।
ଧ୍ୟାନ କରେ ଯିଏ ପବିତ୍ର ହୁଅଇ , ପରମ ଭକ୍ତିରେ ଜପେ ମନ ଦେଇ ।।
ମୁହିଁ ଗୁଣହୀନ ନୀଚ ଜ୍ଞାନ ଶୂନ୍ୟ , 'ନାନକ' ମାଗଇ ତୁମରି ଶରଣ ।।୭ ।।

*--ସରବ ବୈକୁଂଠ ମୁକତି ମୋଖ ପାଏ ।। ଏକ ନିମଖ ହରି କେ ଗୁନ ଗାଏ ।। ଅନିକ ରାଜ ଭୋଗ ବଡିଆଈ ।। ହରି କେ ନାମ କୀ କଥା ମନି ଭାଈ ।। ବହୁ ଭୋଜନ କାପର ସଂଗୀତ ।। ରସନା ଜପତୀ ହରି ହରି ନୀତ ।। ଭଲୀ ସୁକରନୀ ସୋଭା ଧନୱଂତ ।। ହିରଦୈ ବସେ ପୂରନ ଗୁରମଂତ ।।ସାଧ ସଂଗି ପ୍ରଭ ଦେହୁ ନିୱାସ ।। ସରବ ସୁଖ ନାନକ ପରଗାସ ।।୮ ।।୨୦।।*

ବଇକୁଣ୍ଠ ମୋକ୍ଷ ସବୁ ସେ ଲଭଇ , ହରି ଗୁଣ କ୍ଷଣେ ଯେ ଗାନ କରଇ ।।
ପାଏ ରାଜ-ଭୋଗ ଅନେକ ବଡ଼ାଇ , ହରି ନାମ କଥା ଯା ଚିତ୍ତ ଛୁଅଁଇ ।।
ବହୁ ଖାଦ୍ୟ ବସ୍ତ୍ର ସୁଖ ହୁଏ ପ୍ରାପ୍ତ , ଜପେ ଯା ରସନା ହରି ହରି ନିତ୍ୟ ।।
ଶୁଦ୍ଧ ତା କରଣୀ ସେ ଶୋଭା ଶ୍ରୀମନ୍ତ , ହୃଦେ ବସେ ଯା'ର ପୂର୍ଣ୍ଣ ଗୁରୁମନ୍ତ୍ର ।।
ଦିଅ ପ୍ରଭୁ ସାଧୁ ସଙ୍ଗତେ ନିବାସ , ସର୍ବ ସୁଖ ଯହିଁ 'ନାନକ' ପ୍ରକାଶ ।।୮ ।।୨୦ ।।

**ସଲୋକ ।। ଶ୍ଳୋକ ।।**

***ସରଗୁନ ନିରଗୁନ ନିରଂକାର ସୁଂନ ସମାଧୀ ଆପି ।।***
***ଆପନ କୀଆ ନାନକା ଆପେ ହୀ ଫିରି ଜାପି ।।୧ ।।***

ସଗୁଣ ନିର୍ଗୁଣ ନିରାକାର ପ୍ରଭୁ , ଶୂନ୍ୟ ସମାଧି ସେ ଆପେ ।
ଆପଣା ସଗୁଣ ରୂପରେ 'ନାନକ', ପୁଣି ଆପଣାକୁ ଜପେ ।।୧ ।।

ଅଷ୍ଟପଦୀ ।।

--ଜବ ଅକାରୁ ଇହୁ କଛୁ ନ ଦ୍ରିସଟେତା ।। ପାପ ପୁଂନ ତବ କହତେ ହୋତା ।। ଜବ ଧାରୀ ଆପନ ସୁଂନ ସମାଧି ।। ତବ ବୈର ବିରୋଧ କିସୁ ସଂଗି କମାତି ।। ଜବ ଇସକା ବରନୁ ଚିହନୁ ନ ଜାପତ ।। ତବ ହରଖ ସୋଗ କହୁ କିସହି ବିଆପତ ।। ଜବ ଆପନ ଆପ ଆପି ପାରବ୍ରହମ ।। ତବ ମୋହ କହା କିସୁ ହୋୱତ ଭରମ ।। ଆପନ ଖେଲୁ ଆପି ୱରତୀଜା ।। ନାନକ କରନୈ ହାରୁ ନ ଦୂଜା ।।୧ ।।

ରୂପବର୍ଣ୍ଣ ଯେବେ ଦେଖା ହିଁ ନଥିଲା, ସେତେବେଳେ ପାପ ପୁଣ୍ୟ କିଏ କରୁ ଥିଲା ।।
ଆପେ ଥିଲା ଯେବେ ସେ ଶୂନ୍ୟ ସମାଧି , ଥିଲା କେ କାହାର ବଇରୀ ବିରୋଧୀ ।।
ଚିହ୍ନ ବର୍ଣ୍ଣ ଯେବେ ନଥିଲା ତାହାର , କୁହ ହର୍ଷ ଶୋକ ଥିଲା ବା କାହାର ।।
ଯେବେ ଥିଲା ମାତ୍ର ଆପେ ପରଂବ୍ରହ୍ମ , ଥିଲା କାହିଁ ମୋହ କାହାଠାରେ ଭ୍ରମ ।।
ନିଜ ଲୀଳା ନିଜେ ରଚିଅଛି ସେହି , 'ନାନକ' କରତା ଆଉ କେହି ନାହିଁ ।।୧ ।।

--ଜବ ହୋୱତ ପ୍ରଭ କେୱଲ ଧନୀ ।। ତବ ବଂଧ ମୁକତି କହୁ କିସ କଉ ଗନୀ ।। ଜବ ଏକହି ହରି ଅଗମ ଅପାର ।। ତବ ନରକ ସୁରଗ କହୁ କଉନ ଅଉତାର ।। ଜବ ନିରଗୁନ ପ୍ରଭ ସହଜ ସୁଭାଇ ।। ତବ ସିୱ ସକତି କହହୁ କିତୁ ଠାଇ ।। ଜବ ଆପହି ଆପି ଅପନୀ ଜୋତି ଧରୈ ।। ତବ କୱନ ନିଡରୁ କୱନ କତ ଡରୈ ।। ଆପନ ଚଲିତ ଆପି କରନୈହାର ।। ନାନକ ଠାକୁର ଅଗମ ଅପାର ।।୨ ।।

ପ୍ରଭୁ ଯେବେଥିଲା ନିଜେହିଁ ଏକଲା , ଥିଲା କେ ବନ୍ଧନେ, ମୁକତ କେ ଥିଲା ।।
ଅନନ୍ତ ସେ ହରି ଯେବେ ଏକା ଥିଲା , କୁହ ସ୍ୱର୍ଗେ ନର୍କେ କିଏ ପଡୁଥିଲା ।।
ପ୍ରଭୁ ଥିଲା ଯେବେ ନିରିଗୁଣ ହୋଇ , ତେବେ କୁହ ମାୟାଜୀବ ଥିଲା କାହିଁ ।।
ଯେବେ ନିଜେ ନିଜ ଜ୍ୟୋତି ଥିଲା ଧରି , ନିର୍ଭୟେ କେ ଥିଲା କିଏ ଥିଲା ଡରି ।।
ନିଜେ ସେ କରତା ଆପଣା ଲୀଳାର , 'ନାନକ' ଠାକୁର ଅଗମ ଅପାର ।।୨ ।।

--ଅବିନାସୀ ସୁଖ ଆପନ ଆସନ ।। ତହ ଜନମ ମରନ କହୁ କହା ବିନାସନ ।। ଜବ ପୂରନ କରତା ପ୍ରଭୁ ସୋଇ ।। ତବ ଜମ କୀ ତ୍ରାସ କହହୁ କିସୁ ହୋଇ ।। ଜବ ଅବିଗତ ଅଗୋଚର ପ୍ରଭ ଏକା ।। ତବ ଚିତ୍ରଗୁପତ କିସୁ ପୂଛତ ଲେଖା ।। ଜବ ନାଥ ନିରଂଜନ ଅଗୋଚର ଅଗାଧେ ।। ତବ କଉନ ଛୁଟେ କଉନ ବଂଧନ ବାଧେ ।। ଆପନ ଆପ ଆପ ହୀ ଅଚରଜା ।। ନାନକ ଆପନ ରୂପ ଆପ ହୀ ଉପରଜା ।।୩ ।।

ନିଜ ସୁଖାସନେ ଥିଲା ଅବିନାଶ , ଥିଲା କାହା ଜନ୍ମ ମୃତ୍ୟୁ କି ବିନାଶ ।।
କର୍ତ୍ତା ପୂର୍ଣ୍ଣ ପ୍ରଭୁ ଯେବେ ଏକାଥିଲା , ଯମତ୍ରାସ କା'ରେ ଥିଲା କୁହ ଭଲା ।।
ଥିଲା ଅଗୋଚର ଏକାକୀ ଅବ୍ୟକ୍ତ , କାରେ ଲେଖା ମାଗୁଥିଲେ ଚିତ୍ରଗୁପ୍ତ ।।
ଅଗାଧ ଅଜଣା ନାଥ ନିରଞ୍ଜନ , ଥିଲା କା'ର ମୁକ୍ତି କାହାର ବନ୍ଧନ ।।
ଥିଲା ସିଏ ଆପେ ଆଶ୍ଚର୍ଯ୍ୟ ସ୍ୱରୂପ , 'ନାନକ' ସେ ପ୍ରଭୁ ଗଢ଼ିଛି ତା ରୂପ ।।୩।।

*--ଜହ ନିରମଲ ପୁରଖୁ ପୁରଖ ପତି ହୋତା ।। ତହ ବିନୁ ମେଲୁ କହହୁ କିଆ ଧୋତା ।। ଜହ ନିରଂଜନ ନିରଂକାର ନିରବାନ ।। ତହ କଉନ କଉ ମାନ କଉନ ଅଭିମାନ ।। ଜହ ସରୂପ କେୱଲ ଜଗଦୀସ ।। ତହ ଛଲ ଛିଦ୍ର ଲଗତ କହୁ କୀସ ।। ଜହ ଜୋତି ସରୂପୀ ଜୋତି ସଂଗି ସମାୱୈ ।। ତହ କିସହି ଭୂଖ କୱନୁ ତ୍ରିପତାୱୈ ।। କରନ କରାୱନ କରନୈହାରୁ ।। ନାନକ କରତେ କା ନାହି ସୁମାରୁ ।।୪।।*

ଥିଲା ପ୍ରଭୁ ଏକା ନିର୍ମଳ ପୁରୁଷ , ମଳି ବିନୁ କୁହ ଶୁଦ୍ଧ କଲା କିସ ।।
ଥିଲା ନିରାକାର ବିଶୁଦ୍ଧ ନିମଗ୍ନ , ନଥିଲା କା ମାନ କାହା ଅଭିମାନ ।।
ଯେହିଁ ଜଗଦୀଶ ସ୍ୱରୂପ କେବଳ , କାହାକୁ ଲାଗନ୍ତା ଦୋଷ ଆଉ ଛଳ ।।
ଜ୍ୟୋତି ରୂପୀ ଜ୍ୟୋତି ସଙ୍ଗେ ଲୀନ ଥିଲା , କିଏ ତୃପ୍ତ ଆଉ କ୍ଷୁଧିତ କେ ଥିଲା ।।
କରି କରାଇବା ସେ ଏକା କରତା , 'ନାନକ' କର୍ତ୍ତାର ନାହିଁତ ଇୟତ୍ତା ।।୪।।

*--ଜବ ଅପନୀ ସୋଭା ଆପନ ସଂଗି ବନାଈ ।। ତବ କୱନ ମାଇ ବାପ ମିତ୍ର ସୁତ ଭାଈ ।। ଜହ ସରବ କଲା ଆପହି ପରବୀନ ।। ତହ ବେଦ କତେବ କହା କୋଊ ଚୀନ ।। ଜବ ଆପନ ଆପୁ ଆପି ଉରିଧାରୈ ।। ତଉ ସଗନ ଅପସଗନ କହା ବୀଚାରୈ ।। ଜହ ଆପନ ଉଚ ଆପନ ଆପି ନେରା ।। ତହ କଉନ ଠାକୁରୁ କଉନୁ କହୀଐ ଚେରା ।। ବିସମନ ବିସମ ରହେ ବିସମାଦ ।। ନାନକ ଅପନୀ ଗତି ଜାନହୁ ଆପି ।।୫।।*

ଯେବେ ନିଜ ଶୋଭା ନିଜ ସଙ୍ଗେ କଲା , ମାତା ପିତା ଭାଇ ବନ୍ଧୁ କେ ନ ଥିଲା ।।
ସକଳ ଶକ୍ତିରେ ଥିଲା ସେ ପ୍ରବୀଣ , ଚିହ୍ନି ନଥିଲା କେ ବେଦ କି କୋରାଣ ।।
ଯେବେ ନିଜ ମଧ୍ୟେ ନିଜେ ଲୀନ ଥିଲା , ଶୁଭ ଅଶୁଭର ବିଚାର ନଥିଲା ।।
ଉଚ୍ଚ ହୋଇ ଆପେ ନିକଟରେ ଥିଲା , ତେବେ କେ ଠାକୁର ଆଉ କିଏ ଚେଲା ।।
ଆଶ୍ଚର୍ଯ୍ୟୁ ଆଶ୍ଚର୍ଯ୍ୟ ଆମେ ହେ ବିଷମ , 'ନାନକ' ଆପଣା ଗତି ତୁମେ ଜାଣ ।।୫।।

*--ଜହ ଅଛଲ ଅଛେଦ ଅଭେଦ ସମାଇଆ । । ଉହା କିସହି ବିଆପତ ମାଇଆ । । ଆପସ କଉ ଆପହି ଆଦେସୁ । । ତିହୁ ଗୁଣ କା ନାହୀ ପରୱେସୁ । । ଜହ ଏକହି ଏକ ଏକ ଭଗୱଂତା । । ତହ କଉନୁ ଅଚିଂତୁ କିସୁ ଲାଗୈ ଚିଂତା । । ଜହ ଆପନ ଆପୁ ଆପି ପତୀଆରା । । ତହ କଉନୁ କଥୈ କଉନୁ ସୁନନୈହାରା । । ବହୁ ବେଅଂତ ଉଚ ତେ ଉଚା । । ନାନକ ଆପସ କଉ ଆପହି ପହୁଚା । ।୬ । ।*

ସର୍ବତ୍ର ଅଭେଦ ଅଛେଦ ଅଛଳ , ଲାଗିଥାନ୍ତା କାରେ ମାୟାର କୌଶଳ । ।
ଆପଣାକୁ ଆପେ ଯହିଁ ନମସ୍କାର , ପ୍ରବେଶ ନ ମିଳେ ତହିଁ ତ୍ରିଗୁଣର । ।
ଯହିଁ ସେ ଏକହିଁ ଏକ ଭଗବନ୍ତ , ତହିଁ କାରେ ଚିନ୍ତା ଆଉ କେ ନିଶ୍ଚିନ୍ତ । ।
ବିଶ୍ୱାସୀ ସେ ନିଜେ ନିଜଠାରେ ଯହିଁ , କିଏ ବା ବକତା କିଏ ଶ୍ରୋତା ତହିଁ । ।
ମହା ଅନନ୍ତ ସେ ସବୁଠୁ ମହାନ , କରି ପାରେ ସିଏ ନିଜ ଆକଳନ । ।୬ । ।

*--ଜହ ଆପି ରଚିଉ ପରପଂଚୁ ଅକାରୁ । । ତିହୁ ଗୁଣ ମହି କୀନୋ ବିସଥାରୁ । । ପାପୁ ପୁଂନୁ ତହ ଭଈ କହାୱତ । । କୋଊ ନରକ କୋଊ ସୁରଗ ବଂଛାୱତ । । ଆଲ ଜାଲ ମାଇଆ ଜଂଜାଲ । । ହଉମୈ ମୋହ ଭରମ ଭୈ ଭାର । । ଦୂଖ ସୂଖ ମାନ ଅପମାନ । । ଅନିକ ପ୍ରକାର କୀଓ ବଖ୍ୟାନ । । ଆପନ ଖେଲୁ ଆପି କରି ଦେଖୈ । । ଖେଲୁ ସଂକୋଚୈ ତଉ ନାନକ ଏକୈ । ।୭ । ।*

ନିଜେହିଁ ରଚିଲେ ପ୍ରପଞ୍ଚ ଆକାର , ତିନି ଗୁଣ ମଧ୍ୟେ କଲେକ ବିସ୍ତାର । ।
ପାପ କିସ ପୁଣ୍ୟ କିସ ଜଣା ଗଲା , କିଏ ନର୍କ କିଏ ସ୍ୱର୍ଗ ବାଞ୍ଛା କଲା । ।
ଗୃହ ଫନ୍ଦା ଆଉ ମାୟାର ଜଞ୍ଜାଳ , ମୋହ ଅହଂକାର ଭ୍ରମ ଭୟ ଭାର । ।
ସୁଖ ଦୁଃଖ ଆଉ ମାନ ଅପମାନ , ଅନେକ ପ୍ରକାର ହୋଇଛି ବଖାଣ । ।
ନିଜେ ଖେଳି ନିଜେ ଦେଖେ ହେ 'ନାନକ' , ଖେଳ ସାଉଁଟି ସେ ପୁଣି ହୁଏ ଏକ । ।୭ । ।

*--ଜହ ଅବିଗତୁ ଭଗତୁ ତହ ଆପି । । ଜହ ପସରୈ ପାସାରୁ ସଂତ ପରତାପି । । ଦୁହୁ ପାଖ କା ଆପହି ଧନୀ । । ଉନ କୀ ସୋଭା ଉନ ହୁ ବନୀ । । ଆପହି କଉତକ କରୈ ଅନଦ ଚୋଜ । । ଆପହି ରସ ଭୋଗନ ନିରଜୋଗ । । ଜିସୁ ଭାୱୈ ତିସୁ ଆପନ ନାଇ ଲାୱୈ । । ଜିସୁ ଭାୱୈ ତିସୁ ଖେଲ ଖିଲାୱୈ । । ବେସୁମାର ଅଥାହ ଅଗନତ ଅତୋଲୈ । । ଜିଉ ବୁଲାୱହୁ ତିଉ ନାନକ ଦାସ ବୋଲୈ । ।୮ । ।* ***୨୧*** *। ।*

ଅଚଳ ଯହିଁ ସେ , ତହିଁ ସେ ଭକତ , ସନ୍ଥଙ୍କ ମହିମା ଲାଗି ଏ ଜଗତ ।।
ଦୁଇ ପକ୍ଷର ସେ ନିଜେହିଁ ମାଲିକ , ତାହାର ସୌନ୍ଦର୍ଯ୍ୟ ତାହା ଅନୁରୂପ ।।
ଅନେକ ପ୍ରକାରେ କରେ ସେ କୌତୁକ , ଆପେ ରସ ଭୋଗେ ଆପେ ହିଁ ନିର୍ଲିପ୍ତ ।।
ଚାହେଁ ଯାରେ ନିଜ ନାମରେ ଲଗାଏ , ଚାହେଁ ଯାରେ ତାକୁ ଖେଳ ସେ ଖେଳାଏ ।।
ତୁ ଅନନ୍ତ ସରି କିଏ ତୋର ତୁଲେ , ଯାହା ତୁ ବୋଲାଉ 'ନାନକ' ତା ବୋଲେ ।।୮।।**୨୧**।।

***ସଲୋକ*** ।। **ଶ୍ଳୋକ** ।।

***ଜୀଅ ଜଂତ କେ ଠାକୁରା ଆପେ ୱରତଣହାର ।।***
***ନାନକ ଏକୋ ପସରିଆ ଦୂଜା କହ ଦ୍ରିସଟାର ।।୧ ।।***

ଜୀବଯନ୍ତୁଙ୍କର ଠାକୁର ତ ଆପେ , ପାଳନ କରତା ତୁହି ।
କହଇ ନାନକ ପୂରିଅଛୁ ଏକା , ଦ୍ୱିତୀୟ ନଦିଶେ କାହିଁ ।।୧ ।।

ଅଷ୍ଟପଦୀ ।।

*--ଆପି କଥୈ ଆପି ସୁନନୈହାରୁ ।। ଆପହି ଏକୁ ଆପି ବିସଥାରୁ ।। ଜା ତିସୁ ଭାୱୈ ତା ସ୍ରିସଟି ଉପାଏ ।। ଆପନୈ ଭାଣୈ ଲଏ ସମାଏ ।। ତୁମ ତେ ଭିଂନ ନହୀ କିଛୁ ହୋଇ ।। ଆପନ ସୂତି ସଭୁ ଜଗତୁ ପରୋଇ ।। ଜା କଉ ପ୍ରଭ ଜୀଉ ଆପି ବୁଝାଏ ।। ସଚୁ ନାମୁ ସୋଇ ଜନୁ ପାଏ ।। ସୋ ସମଦରସୀ ତତ କା ବେତା ।। ନାନକ ସଗଲ ସ୍ରିସଟି କା ଜେତା ।।୧ ।।*

ଆପେ ସେ କହଇ ଆପେ ସେ ଶୁଣଇ , ସବୁ ତା ବିସ୍ତାର ଆପେ ଏକ ସେହି ।।
ଯାହା ଇଛା ତାର ସୃଷ୍ଟି ସେ କରଇ , ପୁଣି ନିଜ ମଧ୍ୟେ ସାଉଁଟି ରଖଇ ।।
ତାହା ଠାରୁ ଭିନ୍ନ ହୋଇ କିଛି ନାହିଁ , ନିଜ ମଧ୍ୟେ ସବୁ ଗୁନ୍ଥି ଅଛି ସେହି ।।
ଆପେ ମହାପ୍ରଭୁ ଯାହାକୁ ବୁଝାଏ , ସଚ୍ଚା ନାମ ଧନ ସେହି ଜନ ପାଏ ।।
ସେ ସମଦରସୀ ସେ ହିଁ ତତ୍ତ୍ୱବେତ୍ତା , 'ନାନକ' ସକଳ ସୃଷ୍ଟିର ବିଜେତା ।।୧ ।।

*--ଜୀଅ ଜଂତ୍ର ସଭ ତା କୈ ହାଥ ।। ଦୀନ ଦଇଆଲ ଅନାଥ କୋ ନାଥୁ ।। ଜିସୁ ରାଖୈ ତିସୁ କୋଇ ନ ମାରୈ ।। ସୋ ମୂଆ ଜିସୁ ମନହୁ ବିସାରୈ ।। ତିସୁ ତଜି ଅୱର କହା କୋ ଜାଇ ।। ସଭ ସିରି ଏକୁ ନିରଂଜନ ରାଇ ।। ଜୀଅ କୀ ଜୁଗତି ଜା କୈ ସଭ ହାଥି ।। ଅଂତରି ବାହରି ଜାନହୁ ସାଥି ।। ଗୁନ ନିଧାନ ବେଅଂତ ଅପାର ।। ନାନକ ଦାସ ସଦା ବଲିହାର ।।୨ ।।*

ସବୁ ଜୀବଯନ୍ତୁ ତାହା କରାୟତ୍ତ , ସେ ଦୀନ ଦୟାଳୁ ଅନାଥର ନାଥ ।।
ରଖେ ଯାରେ ତାକୁ କିଏ ମାରିପାରେ , ମରେ ସିଏ ଯାରେ ମନୁ ସେ ପାଶୋରେ ।।
ତାକୁ ତେଜି ଆଉ ଯିବ କିଏ କାହିଁ , ସର୍ବଶିରୀ ଏକ ନିରଞ୍ଜନ ସେହି ।।
ଜୀବର ସକଳ ଭେଦ ଯା'ର ହାତେ , ଅନ୍ତରେ ବାହାରେ ତାକୁ ଜାଣ ସାଥେ ।।
ଗୁଣ-ନିଧାନ ସେ ଅନନ୍ତ ଅପାର , 'ନାନକ' କୃତଜ୍ଞ ସଦା ମୁଁ ତାହାର ।।୨।।

*--ପୂରନ ପୂରି ରହେ ଦଇଆଲ ।। ସଭ ଉପରି ହୋୱତ କିରପାଲ ।। ଅପନେ କରତବ ଜାନୈ ଆପି ।। ଅଂତରଜାମୀ ରହିଉ ବିଆପି ।। ପ୍ରତିପାଲୈ ଜୀଅନ ବହୁ ଭାତି ।। ଜୋ ଜୋ ରଚିଓ ସୁ ତିସହି ଧିଆତି ।। ଜିସୁ ଭାୱୈ ତିସୁ ଲଏ ମିଲାଇ ।। ଭଗତି କରହି ହରି କେ ଗୁଣ ଗାଇ ।। ମନ ଅଂତରି ବିସ୍‌ୱାସୁ କରି ମାନିଆ ।। କରନହାରୁ ନାନକ ଇକୁ ଜାନିଆ ।।୩।।*

ସବୁଥିରେ ପରିପୂର୍ଣ୍ଣ ସେ ଦୟାଳୁ , ସବୁରି ଉପରେ ହୁଅଇ କୃପାଳୁ ।।
ଆପଣା କର୍ତ୍ତବ୍ୟ ଆପେ ସେ ଜାଣଇ , ଅନ୍ତର୍ଯାମୀ ସବୁଥିରେ ବ୍ୟାପିଥାଇ ।।
ଜୀବଙ୍କୁ ପାଳଇ ଅନେକ ପ୍ରକାରେ , ରଚେ ଯାରେ ସେହୁ ତାକୁ ଧ୍ୟାନ କରେ ।।
ଯାରେ ଚାହେଁ ପ୍ରଭୁ ସଙ୍ଗତେ ମିଶାଏ , ସେ ଭକ୍ତ ଭକ୍ତିରେ ହରି ଗୁଣ ଗାଏ ।।
ମନରେ ବିଶ୍ୱାସ କରି ଯେହୁ ମାନେ , 'ନାନକ' କରତା ପ୍ରଭୁକୁ ସେ ଜାଣେ ।।୩।।

*--ଜନୁ ଲାଗା ହରି ଏକୈ ନାଇ ।। ତିସ କୀ ଆସ ନ ବିରଥୀ ଜାଇ ।। ସେୱକ କଉ ସେୱା ବନିଆଇ ।। ହୁକମୁ ବୂଝି ପରମପଦୁ ପାଇ ।। ଇସତେ ଉପରି ନହୀ ବୀଚାରୁ ।। ଜା କୈ ମନି ବସିଆ ନିରଂକାରୁ ।। ବଂଧନ ତୋରି ଭଏ ନିରୱୈର ।। ଅନଦିନୁ ପୂଜହି ଗୁର କେ ପୈର ।। ଇହ ଲୋକ ସୁଖୀଏ ପରଲୋକ ସୁହେଲେ ।। ନାନକ ହରି ପ୍ରଭି ଆପହି ମେଲେ ।।୪।।*

ଯେଉଁ ଜନ ଏକ ହରି ନାମ ଧ୍ୟାୟେ , ଆଶା ତାର ବ୍ୟର୍ଥ କେବେହେଁ ନ ହୁଏ ।।
ସେବକକୁ ସଦା ପ୍ରଭୁ ସେବା ଶୋହେ , ଆଜ୍ଞା ବୁଝି ସେହୁ ପୂର୍ଣ୍ଣ ପଦ ପାଏ ।।
ଏଥିରୁ ଅଧିକ ନାହିଁ ତ ବିଚାର , ମନରେ ଯାହାର ବସେ ନିରାକାର ।।
ବାଧା ବିଘ୍ନ ଭାଙ୍ଗି, ହୁଏ ବୈରୀ ଶୂନ୍ୟ , ଗୁରୁ ପଦ ଯିଏ ପୂଜେ ଅନୁଦିନ ।।
ଲୋକ ପରଲୋକେ ପାଏ ସେହୁ ସୁଖ , ପ୍ରଭୁ ମିଳାଇଛି ସଙ୍ଗତେ ନାନକ ।।୪।।

*--ସାଧ ସଂଗି ମିଲି କରହୁ ଅନଂଦ ।। ଗୁନ ଗାୱହୁ ପ୍ରଭ ପରମାନଂଦ ।। ରାମ ନାମ ତତୁ କରହୁ ବୀଚାରୁ ।। ଦ୍ରୁଲଭ ଦେହ କା କରହୁ ଉଧାରୁ ।। ଅଂମ୍ରିତ ବଚନ ହରି କେ ଗୁନ ଗାଉ ।। ପ୍ରାନ ତରନ କା ଇହୈ ସୁଆଉ ।। ଆଠ ପହର ପ୍ରଭ ପେଖହୁ ନେରା ।। ମିଟୈ ଅଗିଆନୁ ବିନସୈ ଅଂଧେରା ।। ସୁନି ଉପଦେସୁ ହିରଦୈ ବସାୱହୁ ।। ମନ ଇଛେ ନାନକ ଫଲ ପାୱହୁ ।।୫ ।।*

ସାଧୁ ସଙ୍ଗ ମିଳି କର ହୋ ଆନନ୍ଦ , ଗୁଣ ଗାଅ ପ୍ରଭୁ ସେ ପରମାନନ୍ଦ ।।
ରାମନାମ ତତ୍ତ୍ୱ କର ହୋ ବିଚାର , ଦୁର୍ଲଭ ଦେହର କର ହୋ ଉଦ୍ଧାର ।।
ଅମୃତ ବଚନ ଗାଅ ହରି ଗୁଣ , ପ୍ରାଣୀ ଉଦ୍ଧାରଣେ ଏହା ହିଁ ସାଧନ ।।
ପାଶେ ଦେଖ ପ୍ରଭୁ ତୁ ଅଷ୍ଟ-ପ୍ରହର , ଅଜ୍ଞାନତା ଯିବ ହଟିବ ଅନ୍ଧାର ।।
ଶୁଣି ଉପଦେଶ ହୃଦୟେ ବସାଅ , 'ନାନକ' ବାଞ୍ଛିତ ଫଳ ତୁମେ ପାଅ ।।୫ ।।

*--ହଲତୁ ପଲତୁ ଦୁଇ ଲେହୁ ସୱାରି ।। ରାମନାମୁ ଅଂତରି ଉରିଧାରି ।। ପୂରେ ଗୁର କୀ ପୂରୀ ଦୀଖିଆ ।। ଜିସୁ ମନି ବସୈ ତିସୁ ସାଚୁ ପରୀଖିଆ ।। ମନି ତନି ନାମୁ ଜପହୁ ଲିୱ ଲାଇ ।। ଦୂଖୁ ଦରଦୁ ମନ ତେ ଭଉ ଜାଇ ।। ସଚୁ ୱାପାରୁ କରହୁ ୱାପାରୀ ।। ଦରଗହ ନିବହୈ ଖେପ ତୁମାରୀ ।। ଏକା ଟେକ ରଖହୁ ମନ ମାହି ।। ନାନକ ବହୁରି ନ ଆୱହି ଜାହି ।।୬ ।।*

ଲୋକ ପରଲୋକ ନିଅ ତୁ ସୁଧାରି , ରାମନାମ ତୋର ହୃଦ ମଧ୍ୟେ ଧରି ।।
ପୂର୍ଣ୍ଣ ଗୁରୁଙ୍କର ପୂର୍ଣ୍ଣ ହୁଏ ଦୀକ୍ଷା , ମନରେ ଯାହାର ବସେ ଏହି ଶିକ୍ଷା ।।
ତନୁ-ମନେ ନାମ ଜପ ଧ୍ୟାନ ଦେଇ , ମନୁ ଦୁଃଖ କଷ୍ଟ ଯିବ ଦୂର ହୋଇ ।।
କର ହେ ବେପାରୀ ସତ୍ୟର ବେପାର , ବୈକୁଣ୍ଠେ ମିଳିବ ସ୍ୱୀକୃତି ତାହାର ।।
ଏକ ପ୍ରଭୁ ଆଜ୍ଞା ମନ ମଧ୍ୟେ ରଖ , ଜନ୍ମ-ମୃତ୍ୟୁ ଆଉ ନୋହିବ ନାନକ ।।୬ ।।

*--ତିସୁ ତେ ଦୂରି କହା କୋ ଜାଇ ।। ଉବରୈ ରାଖନହାରୁ ଧିଆଇ ।। ନିରଭଉ ଜପୈ ସଗଲ ଭଉ ମିଟୈ ।। ପ୍ରଭ କିରପା ତେ ପ୍ରାଣୀ ଛୁଟୈ ।। ଜିସୁ ପ୍ରଭୁ ରାଖୈ ତିସୁ ନାହୀ ଦୂଖ ।। ନାମୁ ଜପତ ମନି ହୋୱତ ସୂଖ ।। ଚିଂତା ଜାଇ ମିଟୈ ଅହଂକାରୁ ।। ତିସୁ ଜନ କଉ କୋଇ ନ ପହୁଚନହାରୁ ।। ସିର ଉପରି ଠାଢା ଗୁରୁ ସୂରା ।। ନାନକ ତାକେ କାରଜ ପୂରା ।।୭ ।।*

ତାହା ଠାରୁ ଦୂରେ କିଏ ଯିବ କାହିଁ , ପାର ତ ହୁଅଇ ଜୀବ ତାକୁ ଧ୍ୟାୟୀ ।।

ଜପିଲେ ନିର୍ଭୟ ଭୟ ହୁଏ ଦୂର , ପ୍ରଭୁ କୃପା ବଳେ ପ୍ରାଣୀ ହୁଏ ପାର ।।

ରଖେ ଯାରେ ପ୍ରଭୁ ନାହିଁ ତାର ଦୁଃଖ , ନାମକୁ ଜପିଲେ ମନେ ହୁଏ ସୁଖ ।।

ଚିନ୍ତା ହୁଏ ଦୂର ତୁଟେ ଅହଂକାର , ତା ସଙ୍ଗେ ସମାନ ହେବ କେଉଁ ନର ।।

ଗୁରୁ ଛତ୍ରଛାୟା ତଳେ ଯାର ଶିର , 'ନାନକ' ତା କର୍ମ ହୁଅଇ ସଫଳ ।।୭।।

*--ମତି ପୂରୀ ଅଂମ୍ରିତୁ ଜା କୀ ଦ୍ରିସଟି ।। ଦରସନୁ ପେଖତ ଉଧରତ ସ୍ରିସଟି ।। ଚରନ କମଲ ଜାକେ ଅନୂପ ।। ସଫଲ ଦରସନୁ ସୁଂଦର ହରି ରୂପ ।। ଧଂନୁ ସେୱା ସେୱକୁ ପରୱାନୁ ।। ଅଂତରଜାମୀ ପୁରଖୁ ପ୍ରଧାନୁ ।। ଜିସୁ ମନି ବସୈ ସୁ ହୋତ ନିହାଲୁ ।। ତା କୈ ନିକଟି ନ ଆୱତ କାଲୁ ।। ଅମର ଭଏ ଅମରାପଦୁ ପାଇଆ ।। ସାଧ ସଂଗି ନାନକ ହରି ଧିଆଇଆ ।।୮।।୨୨।।*

ମତି ଯାର ପୂର୍ଣ୍ଣ ଅମୃତ ଯା ଦୃଷ୍ଟି , ଦର୍ଶନେ ଉଦ୍ଧାର ହୋଇଥାଏ ସୃଷ୍ଟି ।।

ଚରଣ-କମଳ ଅନୁପମ ଯାର , ସଫଳ ଦର୍ଶନ ତା ରୂପ ସୁନ୍ଦର ।।

ସେବକ ସ୍ୱୀକୃତ ସେଇ ସେବା ଧନ୍ୟ , ଅନ୍ତର୍ଯାମୀ ପ୍ରଭୁ ପୁରୁଷ ପ୍ରଧାନ ।।

ବସେ ଯାହା ମନେ ହୁଏ ସେ ନିହାଲ , ତାହାର ନିକଟେ ନ ଆସଇ କାଳ ।।

ହେଲା ସେ ଅମର ହୋଇ ମୃତ୍ୟୁହୀନ , ସାଧୁସଙ୍ଗେ ଯିଏ କଲା ହରି ଧ୍ୟାନ ।।୮।।୨୨।।

***ସଲୋକ*** **।। ଶ୍ଳୋକ ।।**

***ଗିଆନ ଅଂଜନୁ ଗୁରି ଦୀଆ ଅଗିଆନ ଅଂଧେର ବିନାସୁ ।।***

***ହରି କିରପା ତେ ସଂତ ଭେଟିଆ ନାନକ ମନି ପରଗାସୁ ।।୧।।***

ଜ୍ଞାନାଞ୍ଜନ ଦାନ କରନ୍ତେ ସଦ୍ଗୁରୁ , ଅଜ୍ଞାନ ଅନ୍ଧାର ଗଲା ।

ଭେଟି ସନ୍ଥ ହରି କୃପାରେ ନାନକ , ମନ ପ୍ରକାଶିତ ହେଲା ।।

ଅଷ୍ଟପଦୀ ।।

*--ସଂତ ସଂଗି ଅଂତରି ପ୍ରଭୁ ଡୀଠା ।। ନାମୁ ପ୍ରଭୂ କା ଲାଗା ମୀଠା ।। ସଗଲ ସମିଗ୍ରୀ ଏକସୁ ଘଟ ମାହି ।। ଅନିକ ରଂଗ ନାନା ଦ୍ରିସଟାହି ।। ନଉନିଧି ଅଂମ୍ରିତୁ ପ୍ରଭ କା ନାମୁ ।। ଦେହୀ ମହି ଇସ କା ବିସ୍ରାମୁ ।। ସୁଂନ ସମାଧି ଅନହତ ତହ ନାଦ ।। କହନୁ ନ ଜାଇ ଅଚରଜ ବିସମାଦ ।। ତିନି ଦେଖିଆ ଜିସୁ ଆପି ଦିଖାଏ ।। ନାନକ ତିସୁ ଜନ ସୋଝୀ ପାଏ ।।୧।।*

ସନ୍ଥ ସଙ୍ଗେ ଚିତ୍ତେ ପ୍ରଭୁ ଦେଖା ହେଲା , ପ୍ରଭୁ ନାମ ମୋତେ ମଧୁର ଲାଗିଲା ।।
ସକଳ ପଦାର୍ଥ ଏକ ଘଟେ ଥାଇ , ନାନାରଙ୍ଗେ ଲୀଳା ଦୃଷ୍ଟିକି ଆସଇ ।।
ନବନିଧି ସୁଧା ସେହି ପ୍ରଭୁ ନାମ , ଶରୀର ମଧ୍ୟରେ ତୋହାର ବିଶ୍ରାମ ।।
ଶୂନ୍ୟ ସମାଧିରେ ଓଁକାର ଶୁଭଇ , ସେ ଆଷ୍ଚର୍ଯ୍ୟ କଥା କହିତ ନୁହଇ ।।
ସେ ଦେଖିଛି ଯା'ରେ ଆପେ ସେ ଦେଖାଏ , 'ନାନକ' ସେ ଜନ ବୋଧଜ୍ଞାନ ପାଏ ।।୧।।

*--ସୋ ଅଂତରି ସୋ ବାହରି ଅନଂତ ।। ଘଟି ଘଟି ବିଆପି ରହିଆ ଭଗୱଂତ ।। ଧରନି ମାହି ଆକାସ ପଇଆଲ ।। ସରବ ଲୋକ ପୂରନ ପ୍ରତିପାଲ ।। ବନି ତିନି ପରବତି ହୈ ପାରବ୍ରହମୁ ।। ଜୈସୀ ଆଗିଆ ତୈସା କରମୁ ।। ପଉଣ ପାଣୀ ବୈସଂତର ମାହି ।। ଚାରି କୁଂଟ ଦହଦିସେ ସମାହି ।। ତିସ ତେ ଭିଂନ ନହୀ କୋ ଠାଉ ।। ଗୁରପ୍ରସାଦି ନାନକ ସୁଖୁ ପାଉ ।।୨।।*

ଅନ୍ତରେ ବାହାରେ ସେ ପ୍ରଭୁ ଅନନ୍ତ , ଘଟେ ଘଟେ ବ୍ୟାପି ଅଛି ଭଗବନ୍ତ ।।
ଧରଣୀ ମଧ୍ୟରେ ଆକାଶେ ପାତାଳେ , ପୂର୍ଣ୍ଣ ପ୍ରଭୁ ସର୍ବଲୋକେ ସବୁଠାରେ ।।
ବଣ ପରବତେ ତୃଣେ ପରଂବ୍ରହ୍ମ , ଯେଉଁପରି ଆଜ୍ଞା ସେହିପରି କର୍ମ ।।
ଜଳରେ ଅଗ୍ନିରେ ପୂରିଛି ପବନେ , ପୂରିଅଛି ଦଶଦିଶେ ଚାରି କୋଣେ ।।
ତାହାଠାରୁ ଭିନ୍ନ ଠାବ ଆଉ ନାହିଁ , ଗୁରୁପ୍ରସାଦେ ନାନକ ସୁଖ ପାଇ ।।୨।।

*--ବେଦ ପୁରାନ ସିଂମ୍ରିତି ମହି ଦେଖୁ ।। ସସୀଅର ସୂର ନଖ୍ୟତ୍ର ମହି ଏକୁ ।। ବାଣୀ ପ୍ରଭ କୀ ସଭୁ କୋ ବୋଲୈ ।। ଆପି ଅଡୋଲୁ ନ କବହୁ ଡୋଲୈ ।। ସରବ କଲା କରି ଖେଲୈ ଖେଲ ।। ମୋଲି ନ ପାଇଐ ଗୁଣହ ଅମୋଲ ।। ସରବ ଜୋତି ମହି ଜା କୀ ଜୋତି ।। ଧାରି ରହିଉ ସୁଆମୀ ଓତି ପୋତି ।। ଗୁର ପରସାଦି ଭରମ କା ନାସୁ ।। ନାନକ ତିନ ମହି ଏହୁ ବିସାସୁ ।।୩।।*

ବେଦ ସ୍ମୃତି ଅବା ପୁରାଣରେ ଦେଖ , ଶଶି ସୂର୍ଯ୍ୟ ଆଉ ତାରା ମଧ୍ୟେ ଏକ ।।
ଏକ ପ୍ରଭୁ ବାଣୀ ବୋଲନ୍ତି ସଭିଏଁ , ନୁହଇ ଅସ୍ଥିର ସଦା ସ୍ଥିର ସିଏ ।।
ସବୁ ଶକ୍ତି ସଙ୍ଗେ ଖେଳୁଥାଇ ଖେଳ , ଅମୂଲ୍ୟ ସେ ପ୍ରଭୁ ତା ଗୁଣ ଅତୁଳ ।।
ସବୁ ଜ୍ୟୋତି ମଧ୍ୟେ ଜ୍ୟୋତି ଯାର ଅଛି , ପୂର୍ଣ୍ଣ ରୂପେ ସ୍ୱାମୀ ସବୁକୁ ଧରିଛି ।।
ଗୁରୁପ୍ରସାଦେ ଯା' ଭ୍ରମ ହୁଏ ନାଶ , 'ନାନକ' ତା ମଧ୍ୟେ ଥାଇ ଏ ବିଶ୍ୱାସ ।।୩।।

*--ସଂତ ଜନା କା ପେଖନୁ ସଭୁ ବ୍ରହମ ।। ସଂତ ଜନା କୈ ହିରଦୈ ସଭି ଧରମ ।। ସଂତ ଜନା ସୁନହି ସୁଭ ବଚନ ।। ସରବ ବିଆପୀ ରାମ ସଂଗି ରଚନ ।।     ଜିନି ଜାତା ତିସ କୀ ଇହ ରହତ ।। ସତି ବଚନ ସାଧୂ ସଭି କହତ ।। ଜୋ ଜୋ ହୋଇ ସୋଇ ସୁଖୁ ମାନୈ ।। କରନ କରାୱନହାରୁ ପ୍ରଭୁ ଜାନୈ ।। ଅଂତରି ବସେ ବାହରି ଭୀ ଓହୀ ।। ନାନକ ଦରସନୁ ଦେଖି ସଭ ମୋହୀ ।।୪।।*

ଦେଖଇ ସର୍ବତ୍ର ସନ୍ଥ ଏକ ବ୍ରହ୍ମ , ଯାହାଥାଇ ସନ୍ଥ ହୃଦେ ସବୁ ଧର୍ମ ।।
ଶୁଣେ ସନ୍ଥଜନ ସଦା ସୁବଚନ , ସର୍ବମୟ ରାମ ସଙ୍ଗେ ଥାଇ ମନ ।।
ଜାଣେ ଯିଏ ତାର ଏହି ଆଚରଣ , ସାଧୁଜନେ ସତ୍ୟ କହନ୍ତି ବଚନ ।।
ହୁଏ ଯାହା ଯାହା ତାକୁ ସୁଖ ମଣେ , କର୍ମ, କର୍ତ୍ତା ସବୁ ପ୍ରଭୁ ବୋଲି ଜାଣେ ।।
ଭିତରେ ବାହାରେ ଏକ ପ୍ରଭୁ ସେହି , ଯେ ପାଏ ଦର୍ଶନ ମୋହିତ ହୁଅଇ ।।୪।।

*--ଆପି ସତି କୀଆ ସଭୁ ସତି ।। ତିସୁ ପ୍ରଭ ତେ ସଗଲୀ ଉତପତି ।। ତିସୁ ଭାୱୈ ତା କରେ ବିସଥାରୁ ।। ତିସୁ ଭାୱୈ ତା ଏକଂକାରୁ ।। ଅନିକ କଲା ଲଖୀ ନହ ଜାଇ ।। ଜିସୁ ଭାୱୈ ତିସୁ ଲଏ ମିଲାଇ ।। କୱନ ନିକଟି କୱନ କହୀଐ ଦୂରି ।। ଆପେ ଆପି ଆପ ଭରପୂରି ।। ଅଂତରଗତି ଜିସୁ  ଆପି ଜନାଏ ।। ନାନକ ତିସୁ ଜନ ଆପି ବୁଝାଏ ।।୫।।*

ଆପେ ସତ୍ୟ ଯାହା କରିଅଛି ସତ୍ୟ , ସବୁକିଛି ସେହି ପ୍ରଭୁ ଠାରୁ ଜାତ ।।
ଚାହିଁଲେ ଜଗତ କରଇ ବିସ୍ତାର , ଚାହିଁଲେ ପୁଣି ସେ ହୁଏ ଏକୋଂକାର ।।
କେତେ କଳା ତାର ଲେଖି ନ ହୁଅଇ , ଚାହେଁ ଯା'ରେ ତାକୁ ନିଅଇ ମିଶାଇ ।।
କହିବା କା' ପାଶେ କାହା ଠାରୁ ଦୂରେ , ପରିପୂର୍ଣ୍ଣ ସେତ ଆପଣା ସୃଷ୍ଟିରେ ।।
ଅନ୍ତରେ ଯାହାକୁ ତା ଗତି ଜଣାଏ , ନାନକ ତାହାକୁ ଆପେ ସେ ବୁଝାଏ ।।୫।।

*--ସରବ ଭୂତ ଆପି ୱରତାରା ।। ସରବ ନୈନ ଆପି ପେଖନହାରା ।। ସଗଲ ସମଗ୍ରୀ ଜାକା ତନା ।। ଆପନ ଜସୁ ଆପ ହୀ ସୁନା ।। ଆୱନ ଜାନୁ ଇକୁ ଖେଲୁ ବନାଇଆ ।। ଆଗିଆକାରୀ କୀନୀ ମାଇଆ ।। ସଭ କୈ ମଧି ଅଲିପତୋ ରହୈ ।। ଜୋ କିଛୁ କହଣା ସୁ ଆପେ କହୈ ।। ଆଗିଆ ଆୱୈ ଆଗିଆ ଜାଇ ।। ନାନକ ଜା ଭାୱୈ ତା ଲଏ ସମାଇ ।।୬।।*

ସକଳ ଜୀବରେ ପୂର୍ଣ୍ଣ ହୋଇ ଅଛି , ସକଳ ଚକ୍ଷୁରେ ସିଏ ହିଁ ଦେଖୁଛି ।।
ସକଳ ସୃଷ୍ଟି ଯା' ଶରୀର ଅଟଇ , ନିଜ ଯଶ ନିଜେ ସିଏ ତ ଶୁଣଇ ।।
ଜନ୍ମ-ମରଣର ଲୀଳା ଏକ ରଚି , ଆପଣା ଆଜ୍ଞାରେ ମାୟା ସେ ଗଢ଼ିଛି ।।
ସବୁଥିରେ ଥାଇ କେଉଁଠି ନ ଥାଇ , ଯା କହିବା ଥାଏ ନିଜେ ସେ କହଇ ।।
ଜନ୍ମେ ମରେ ଜୀବ ସେ ପ୍ରଭୁ ଆଜ୍ଞାରେ , ଚାହିଁଲେ କରେ ସେ ଲୀନ ନିଜଠାରେ ।।୬।।

*--ଇସ ତେ ହୋଇ ସୁ ନାହୀ ବୁରା ।। ଓରୈ କହହୁ କିନୈ କଛୁ କରା ।। ଆପି ଭଲା କରତୂତି ଅତି ନୀକୀ ।। ଆପେ ଜାନୈ ଅପନେ ଜୀକୀ ।। ଆପି ସାଚୁ ଧାରୀ ସଭ ସାଚୁ ।। ଓତି ପୋତି ଆପନ ସଂଗି ରାଚୁ ।। ତାକୀ ଗତି ମିତି କହୀ ନ ଜାଇ ।। ଦୂସର ହୋଇ ତ ସୋଝୀ ପାଇ ।। ତିସ କା କୀଆ ସଭୁ ପରୱାନୁ ।। ଗୁରପ୍ରସାଦି ନାନକ ଇହୁ ଜାନୁ ।।୭।।*

କେବେ ନ କରଇ ଅଶୁଭ ସେ କିଛି , କୁହ ଆଉ କିଏ କିସ କରି ଅଛି ।।
ସେ ଉତ୍ତମ ତାର କରଣି ସୁନ୍ଦର , ସିଏ ଏକା ଜାଣେ ତାହାର ଅନ୍ତର ।।
ସିଏ ସତ୍ୟ ତାର ସୃଷ୍ଟି ସବୁ ସତ୍ୟ , ଆପଣା ସୃଷ୍ଟିରେ ଅଛି ଓତପ୍ରୋତ ।।
ତାହାର କଳନା ନୁହଇ ତ କରି , ବୁଝନ୍ତା ଆଉ କେ ଥିଲେ ତାହା ସରି ।।
ସତତ ସ୍ୱୀକୃତ ତାହାର କରଣି , ଗୁରୁ କୃପା ବଳେ ହୁଏ ତାହା ଜାଣି ।।୭।।

*--ଜୋ ଜାନୈ ତିସୁ ସଦା ସୁଖୁ ହୋଇ ।। ଆପି ମିଲାଇ ଲଏ ପ୍ରଭୁ ସୋଇ ।। ଓହୁ ଧନୱଂତୁ କୁଲୱଂତୁ ପତିୱଂତୁ ।। ଜୀୱନ ମୁକତି ଜିସୁ ରିଦୈ ଭଗୱଂତୁ ।। ଧଂନୁ ଧଂନୁ ଧଂନୁ ଜନୁ ଆଇଆ ।। ଜିସୁ ପ୍ରସାଦି ସଭୁ ଜଗତୁ ତରାଇଆ ।। ଜନ ଆୱନ କା ଇହୈ ସୁଆଉ ।। ଜନ କୈ ସଂଗି ଚିତି ଆୱୈ ନାଉ ।। ଆପି ମୁକତୁ ମୁକତୁ କରୈ ସଂସାରୁ ।। ନାନକ ତିସୁ ଜନ କଉ ସଦା ନମସକାରୁ ।।୮।।୨୩।।*

ଯିଏ ଜାଣେ, ତାକୁ ସଦା ସୁଖ ହୁଏ , ନିଜ ମଧ୍ୟେ ପ୍ରଭୁ ତାହାକୁ ମିଶାଏ ।।
ସଦା ସିଏ ଧନ-କୁଳ-ମାନ ବନ୍ତ , ଜୀବନ୍ମୁକ୍ତ ଯାହା ହୃଦେ ଭଗବନ୍ତ ।।
ଧନ୍ୟ ଧନ୍ୟ ଧନ୍ୟ ଆଗମନ ତାର , ଯା ପ୍ରସାଦେ ତରେ ଜଗତ ସକଳ ।।
ଏହି ଲାଭ ହୁଏ ତାର ଆଗମନେ , ତାହା ସଙ୍ଗତରେ ଚିତ୍ତ ରହେ ନାମେ ।।
ଆପେ ମୁକ୍ତ, ମୁକ୍ତ କରେ ଏ ସଂସାର , 'ନାନକ' ତାହାକୁ ସଦା ନମସ୍କାର ।।୮।।**୨୩**।।

**ସଲୋକ।। ଶ୍ଲୋକ ।।**

***ପୂରା ପ୍ରଭୁ ଆରାଧିଆ ପୂରା ଜା କା ନାଉ ।।***

***ନାନକ ପୂରା ପାଇଆ ପୂରେ କେ ଗୁନ ଗାଉ ।।୧ ।।***

ଆରାଧିଛି ଯିଏ ସେଇ ପୂର୍ଣ୍ଣ ପ୍ରଭୁ , ନାମଟି ଯାହାର ପୂର୍ଣ୍ଣ ।

'ନାନକ' ପାଇଛି ପୂର୍ଣ୍ଣ ପ୍ରଭୁ ସିଏ , କରି ପୂର୍ଣ୍ଣ ଗୁଣଗାନ ।।୧ ।।

ଅଷ୍ଟପଦୀ ।।

*--ପୂରେ ଗୁର କା ସୁନି ଉପଦେସୁ ।। ପାରବ୍ରହମୁ ନିକଟି କରି ପେଖୁ ।। ସାସି ସାସି ସିମରହୁ ଗୋବିଂଦ ।। ମନ ଅଂତର କୀ ଉତରୈ ଚିଂଦ ।। ଆସ ଅନିତ ତିଆଗହୁ ତରଂଗ ।। ସଂତ ଜନା କୀ ଧୂରି ମନ ମଂଗ ।। ଆପୁ ଛୋଡି ବେନତୀ କରହୁ ।। ସାଧସଂଗି ଅଗନି ସାଗରୁ ତରହୁ ।। ହରି ଧନ କେ ଭରି ଲେହୁ ଭଂଡାର ।। ନାନକ ଗୁର ପୂରେ ନମସକାର ।।୧ ।।*

ମନ ପୂର୍ଣ୍ଣଗୁରୁ ଉପଦେଶ ଶୁଣି , ଦେଖ ପରଂବ୍ରହ୍ମ ନିକଟରେ ଜାଣି ।।

ପ୍ରତି ଶ୍ୱାସେ ମନ ଗୋବିନ୍ଦ ସୁମର , ଅନ୍ତରର ଚିନ୍ତା ହୋଇ ଯିବ ଦୂର ।।

ଛାଡ଼ ତୁ ଅନିତ୍ୟ ଆଶାର ତରଂଗ , ସନ୍ଥ ପଦରଜ ମନଦେଇ ମାଗ ।।

ଅହଂ ତ୍ୟାଗ କରି , ପ୍ରାର୍ଥନା ତୁ କର , ସାଧୁ ସଙ୍ଗେ ଅଗ୍ନି ସାଗରକୁ ତର ।।

ହରି ନାମ ଧନେ ଭରିଣ ଭଣ୍ଡାର , ପୂର୍ଣ୍ଣ ଗୁରୁକୁ ତୁ କର ନମସ୍କାର ।।୧ ।।

*--ଖେମ କୁସଲ ସହଜ ଆନଂଦ ।। ସାଧ ସଂଗି ଭଜୁ ପରମାନଂଦ ।। ନରକ ନିୱାରି ଉଧାରହୁ ଜୀଉ ।। ଗୁନ ଗୋବିଂଦ ଅଂମ୍ରିତ ରସୁ ପୀଉ ।। ଚିତି ଚିତୱହୁ ନାରାଇଣ ଏକୁ ।। ଏକ ରୂପ ଜା କେ ରଂଗ ଅନେକ ।। ଗୋପାଲ ଦାମୋଦର ଦୀନ ଦଇଆଲ ।। ଦୁଖ ଭଂଜନ ପୂରନ କିରପାଲ ।। ସିମରି ସିମରି ନାମୁ ବାରଂବାର ।। ନାନକ ଜୀଅ କା ଇହୈ ଅଧାର ।।୨ ।।*

ପାଇବୁ କୁଶଳ ମଙ୍ଗଳ ଆନନ୍ଦ , ସାଧୁ ସଙ୍ଗେ ଭଜ ତୁ ପରମାନନ୍ଦ ।।

ନରକ ନିବାରି ଉଦ୍ଧାର ଜୀବନ , ପ୍ରଭୁ ଗୁଣ ସୁଧା ରସ କରି ପାନ ।।

ଚିତ୍ତେ ଚିନ୍ତା କର ନାରାୟଣ ଏକ , ଏକ ରୂପ ଆଉ ଯା ଲୀଳା ଅନେକ ।।

ଗୋପାଳ ଦାମୋଦର ଦୀନ ଦୟାଳୁ , ସେ ଦୁଃଖଭଞ୍ଜନ ସେ ପୂର୍ଣ୍ଣ କୃପାଳୁ ।।

ସୁମର ସୁମର ନାମ ବାରଂବାର , 'ନାନକ' ଜୀବର ଏହାହିଁ ଆଧାର ।।୨ ।।

*--ଉତମ ସଲୋକ ସାଧ କେ ବଚନ ।। ଅମୁଲୀକ ଲାଲ ଏହି ରତନ ।। ସୁନତ କମାୱତ ହୋତ ଉଧାର ।। ଆପି ତରୈ ଲୋକହ ନିସତାର ।। ସଫଲ ଜୀୱନୁ ସଫଲୁ ତାକା ସଂଗୁ ।। ଜା କୈ ମନି ଲାଗା ହରି ରଂଗୁ ।। ଜୈ ଜୈ ସବଦୁ ଅନାହଦୁ ୱାଜୈ ।। ସୁନି ସୁନି ଅନଦ କରେ ପ୍ରଭୁ ଗାଜୈ ।। ପ୍ରଗଟେ ଗୁପାଲ ମହାଂତ କୈ ମାଥେ ।। ନାନକ ଉଧରେ ତିନ କୈ ସାଥେ ।।୩।।*

ଉତ୍ତମ ଶ୍ଳୋକ ତ ସାଧୁର ବଚନ , ଅଟଇ ଅମୂଲ୍ୟ ମାଣିକ୍ୟ ରତନ ।।
ଯେ ଶୁଣି ପାଳଇ ହୁଅଇ ଉଦ୍ଧାର , ଆପେ ତରି ଲୋକେ କରଇ ନିସ୍ତାର ।।
ସଫଳ ଜନମ ସଫଳ ତା ସଙ୍ଗ , ଲାଗିଛି ଯାହାର ମନେ ହରି ରଂଗ ।।
ଜୟ ଜୟ ଶବ୍ଦେ ବାଜେ ଅନାହତ , ଶୁଣି ଶୁଣି କରେ ଆନନ୍ଦ ବହୁତ ।।
ପ୍ରକଟ ଗୋପଳ ସଦାଚାରୀ ମାଥେ , 'ନାନକ' ତରଇ ଭକ୍ତ ତାର ସାଥେ ।।୩।।

*--ସରନି ଜୋଗୁ ସୁନି ସରନୀ ଆଏ ।। କରି କିରପା ପ୍ରଭ ଆପ ମିଲାଏ ।। ମିଟି ଗଏ ବୈର ଭଏ ସଭ ରେନ ।। ଅଂମ୍ରିତ ନାମୁ ସାଧସଂଗି ଲୈନ ।। ସୁପ୍ରସଂନ ଭଏ ଗୁରଦେୱ ।। ପୂରନ ହୋଇ ସେୱକ କୀ ସେୱ ।। ଆଲ ଜଂଜାଲ ବିକାର ତେ ରହତେ ।। ରାମନାମ ସୁନି ରସନା କହତେ ।। କରି ପ୍ରସାଦୁ ଦଇଆ ପ୍ରଭି ଧାରୀ ।। ନାନକ ନିବହୀ ଖେପ ହମାରୀ ।।୪।।*

ଶରଣର ଯୋଗ୍ୟ ଶୁଣି ମୁଁ ଆସିଛି , କୃପା କରି ପ୍ରଭୁ ଗୁରୁ ମିଳାଇଛି ।।
ବୈର ଗଲା ହେଲି ସନ୍ଥ ପଦଧୂଳି , ସାଧୁ ସଙ୍ଗତରେ ନାମ ସୁଧା ନେଲି ।।
ହୋଇଛନ୍ତି ଗୁରୁଦେବ ସୁପ୍ରସନ୍ନ , ସେବକର ସେବା ହୋଇଅଛି ପୂର୍ଣ୍ଣ ।।
ଗୃହ ଜଞ୍ଜାଳରୁ ମୁକ୍ତ ହୋଇଅଛି , ଶୁଣି ରାମନାମ ଜିହ୍ୱାରେ ଗାଉଛି ।।
ଦୟା କରି ପ୍ରଭୁ ଦୟା କରି ଅଛି , 'ନାନକ' ମୋ ଶ୍ରମ ସାର୍ଥକ ହୋଇଛି ।।୪।।

*--ପ୍ରଭ କୀ ଉସତତି କରହୁ ସଂତ ମୀତ ।। ସାୱଧାନ ଏକାଗର ଚୀତ ।। ସୁଖମନୀ ସହଜ ଗୋବିଂଦ ଗୁନ ନାମ ।। ଜିସୁ ମନି ବସୈ ସୁ ହୋତ ନିଧାନ ।। ସରବ ଇଛା ତା କୀ ପୂରନ ହୋଇ ।। ପ୍ରଧାନ ପୁରଖୁ ପ୍ରଗଟୁ ସଭ ଲୋଇ ।। ସଭ ତେ ଉଚ ପାଏ ଅସଥାନୁ ।। ବହୁରି ନ ହୋୱୈ ଆୱନ ଜାନୁ ।। ହରି ଧନୁ ଖାଟି ଚଲୈ ଜନୁ ସୋଇ ।। ନାନକ ଜିସହି ପରାପତି ହୋଇ ।।୫।।*

ପ୍ରଭୁ ସ୍ତୁତି କର ହେ ସନ୍ଥ ସଜ୍ଜନ , ଏକାଗ୍ର ଚିତ୍ତରେ ହୋଇ ସାବଧାନ ।।
ଅଟେ ସୁଖମଣି ପ୍ରଭୁ ଗୁଣ ନାମ , ଯାହା ହୃଦେ ବସେ ହୁଏ ସେ ନିଧାନ ।।
ସବୁ ଇଚ୍ଛା ତାର ହୁଅଇ ପୂରଣ , ଉଭାହୁଏ ହୋଇ ପୁରୁଷ ପ୍ରଧାନ ।।
ପାଏ ସେହୁ ସବୁଠାରୁ ଉଚ୍ଚ ସ୍ଥାନ , ନ ହୁଏ ଆଉ ତା ଜନମ-ମରଣ ।।
ଅର୍ଜି ହରିଧନ ସେ ଜନ ଚଲଇ , 'ନାନକ' ଯାହାକୁ ପ୍ରାପତ ହୁଅଇ ।।୫।।

*--ଖେମ ସାଂତି ରିଧି ନଞ ନିଧି ।। ବୁଧି ଗିଆନୁ ସରବ ତହ ସିଧି ।। ବିଦିଆ ତପୁ ଜୋଗୁ ପ୍ରଭ ଧିଆନୁ ।। ଗିଆନୁ ସ୍ରେସଟ ଉତମ ଇସନାନୁ ।। ଚାରି ପଦାରଥ କମଲ ପ୍ରଗାସ ।। ସଭ କୈ ମଧି ସଗଲ ତେ ଉଦାସ ।। ସୁଂଦରୁ ଚତୁରୁ ତତ କା ବେତା ।। ସମଦରସୀ ଏକ ଦ୍ରିସଟେତା ।। ଇହ ଫଲ ତିସୁ ଜନ କୈ ମୁଖି ଭନେ ।। ଗୁର ନାନକ ନାମ ବଚନ ମନି ସୁନେ ।।୬।।*

କ୍ଷେମ ଶାନ୍ତି ରିଦ୍ଧି ଆଉ ନବନିଧି , ବୁଦ୍ଧିଜ୍ଞାନ ସଙ୍ଗେ ଆଉ ସର୍ବ ସିଦ୍ଧି ।।
ବିଦ୍ୟା ତପ ଯୋଗ ପୁଣି ପ୍ରଭୁଧ୍ୟାନ , ବ୍ରହ୍ମଜ୍ଞାନ ଆଉ ଶ୍ରେଷ୍ଠ ତୀର୍ଥସ୍ନାନ ।।
ଚାରି ପଦାରଥ କମଳ ପ୍ରକାଶ , ସର୍ବ ମଧ୍ୟେ ଥାଇ ସକଳେ ଉଦାସ ।।
ସୁନ୍ଦର ଚତୁର ଆଉ ତତ୍ତ୍ୱବେତ୍ତା , ଅଟେ ସମଦର୍ଶୀ ଆଉ ଏକ ଦ୍ରଷ୍ଟା ।।
ଏ ଫଳ ଲଭେ ଯେ ମୁଖେ ନାମ ଭଣେ , ଗୁରୁବଚନ ଯେ ମନ ଦେଇ ଶୁଣେ ।।୬।।

*--ଇହୁ ନିଧାନୁ ଜପୈ ମନି କୋଇ ।। ସଭ ଜୁଗ ମହି ତାକୀ ଗତି ହୋଇ ।। ଗୁଣ ଗୋବିଂଦ ନାମ ଧୁନି ବାଣୀ ।। ସିମ୍ରିତି ସାସତ୍ର ବେଦ ବଖାଣୀ ।। ସଗଲ ମତାଂତ କେଵଲ ହରିନାମ ।। ଗୋବିଂଦ ଭଗତ କୈ ମନି ବିସ୍ରାମ ।। କୋଟି ଅପ୍ରାଧ ସାଧସଂଗି ମିଟୈ ।। ସଂତ କ୍ରିପା ତେ ଜମ ତେ ଛୁଟୈ ।। ଜାକୈ ମସତକି କରମ ପ୍ରଭି ପାଏ ।। ସାଧ ସରଣି ନାନକ ତେ ଆଏ ।।୭।।*

ଏ ନାମ ନିଧାନ ମନେ ଯେ ଜପିବ , ସବୁ ଯୁଗେ ସେହୁ ମୁକତି ପାଇବ ।।
ସେ ଗୋବିନ୍ଦ ଗୁଣ ନାମ ଧ୍ୱନି ବାଣୀ , ସ୍ମୃତି ଶାସ୍ତ୍ର ବେଦ କହନ୍ତି ବଖାଣି ।।
ସକଳ ସିଦ୍ଧାନ୍ତ ମାତ୍ର ହରି ନାମ , ଗୋବିନ୍ଦ ଭକତ ମନରେ ବିଶ୍ରାମ ।।
କୋଟି ଅପରାଧ ସାଧୁ ସଙ୍ଗେ ମିଟେ , ସନ୍ଥ କୃପା ବଳେ ଯମ ଭୟ ଛୁଟେ ।।
ଲେଖିଅଛି ଲେଖା ପ୍ରଭୁ ଯା କରମେ , 'ନାନକ' ଆସିଛି ସେ ସାଧୁ ଶରଣେ ।।୭।।

*--ଜିସୁ ମନି ବସୈ ସୁନୈ ଲାଇ ପ୍ରୀତି ।। ତିସୁ ଜନ ଆଵୈ ହରି ପ୍ରଭୁ ଚୀତି ।। ଜନମ ମରନ ତାକା ଦୂଖୁ ନିଵାରୈ ।। ଦୁଲଭ ଦେହ ତତକାଲ ଉଧାରୈ ।। ନିରମଲ ସୋଭା ଅଂମ୍ରିତ ତାକୀ ବାନୀ ।। ଏକୁ ନାମୁ ମନ ମାହି ସମାନୀ ।। ଦୂଖ ରୋଗ ବିନସେ ଭୈ ଭରମ ।। ସାଧ ନାମ ନିରମଲ ତାକେ କରମ ।। ସଭ ତେ ଉଚ ତାକୀ ସୋଭା ବନୀ ।। ନାନକ ଇହ ଗୁଣି ନାମୁ ସୁଖମନୀ ।।୮ ।।୨୪।।*

ଯା ମନେ ବସଇ ପ୍ରେମେ ସେ ଶୁଣଇ , ପ୍ରଭୁ ଶ୍ରୀହରି ତା ଚିତ୍ତକୁ ଆସଇ ।।

ତା ଜନ୍ମ-ମରଣ ଦୁଃଖ ଦୂର କରେ , ଦୁର୍ଲଭ ଶରୀର ତତ୍କାଳ ଉଦ୍ଧାରେ ।।

ନିର୍ମଳ ତା ଶୋଭା ଅମୃତ ବଚନ , ପୂର୍ଣ୍ଣ ହୁଏ ଯାହା ମନେ ଏକ ନାମ ।।

ବିନାଶ ହୁଅଇ ଦୁଃଖ-ରୋଗ-ଭ୍ରମ , ନାମ ତାର ସାଧୁ, ନିର୍ମଳ ତା କର୍ମ ।।

ହୁଅଇ ତା ଶୋଭା ଶିରୀ ସର୍ବୋତ୍ତମ ,

'ନାନକ' ଏ ଗୁଣେ ସୁଖମଣି ନାମ ।।୮ ।।୨୪।।

(((((-----)))))



# Sardaar Kirpal Singh 'Dakia'

formerly known as Hari Har Dakua

Well known teacher and connected with Aakaashvani for the last many years. Its his big effort inspite of his illness, he has done a great job and written some of The Holy Baani of Sikh Gurus in Odiya so that the message can be read in local language which was not possible before. Baani is availabe already in english and many international languages but in our local Odiya language , it is the first effort , and a good thing is that the Baani translation is written in verse form. He has translated the first Baani **The "japuji Sahib ji"**, of First Guru "**Sri Guru Nanak Dev ji",** the well known **"Sukhmani Sahib jI"- Baani by the Fifth guru 'Sri Guru Arjun Dev ji",** then he translated **"Shloak mehla 9" - Baani by ninth guru "Sri Guru Tegh Bahadur ji"** and one more **"Anand Sahib ji" – Baani by the third guru " Sri Guru Amardaas ji"**